# ଏବ୍ରୀ, ଅଧ୍ୟାୟ ସାତ [1]

…ରାତି, ଏବଂ ଜୋଏସ୍‌କୁ ଗୀତ ଗାଉଥିବାର ଶୁଣିବା । କଅଣ ଆପଣ ଜାଣିଛନ୍ତି ଯେ ତାହା ନିଜଠାରେ ଏକ ଚମତ୍କାର ଅଟେ? ସେହି ସାନ ଝିଅଟି, ସେ କିପରି ସେହି ସବୁ ବିଷୟ ଚିନ୍ତା କରିପାରେ? ଏବଂ ପ୍ରତ୍ୟେକ ରାତିରେ ସେ ଆମ ପାଇଁ ଏକ ନୂଆ ଜିନିଷ ଆଣିଥାଏ । ସେ କିପରି ସେହି ସବୁ ବିଷୟରେ ଚିନ୍ତା କରିପାରେ, ତାହା ପ୍ରକୃତରେ ଏକ ସାନ ବିଚକ୍ଷଣ ବୁଦ୍ଧିପ୍ରବଣ ଅଟେ । ପ୍ରଭୁ ସେହି ପିଲାକୁ ଆଶୀର୍ବାଦ କରନ୍ତୁ ।

2 ତେବେ, ଆସନ୍ତାକାଲି, ଦୁଇଟା-ତିରିଶରେ, ଇଣ୍ଡିୟାନାର, ଚାର୍ଲଷ୍ଟାଉନ୍ ସ୍ଥିତ ଅନ୍ତିମ ସଂସ୍କାର ଗୃହରେ । ଆମର ପ୍ରିୟ, ଦିବଂଗତ ଭଉଣୀ, ଭଉଣୀ କଲ୍‌ଭିନ, ଆମେ ତାଙ୍କ ପ୍ରତି ତାଙ୍କୁ ଶେଷ କୃତାଞ୍ଜଳି ଅର୍ପଣ କରିବା, ଆସନ୍ତାକାଲି ଅପରାହ୍ନରେ, ଅନ୍ତିମ ସଂସ୍କାର ଗୃହରେ—ରେ ଏବଂ କବରରେ । ଜଣେ ବ୍ୟକ୍ତି ଯିଏକି ଥରେ ଜୀବିତ ରହିଥିଲେ ଯେପରିକି ଆପଣ ଆଜି ରାତି ଅଛନ୍ତି, ଏବଂ ସେହି ପର୍ଦାକୁ ଅତିକ୍ରମ କରିଥିଲେ ଯେଉଁଠାକୁ ଆପଣ କୌଣସି ସମୟରେ ଯିବେ । ଏବଂ ସେସମସ୍ତେ ଯେଉଁମାନେକି ସେବାରେ ଯୋଗଦେବାକୁ ଇଚ୍ଛା କରନ୍ତି, କାହିଁକି, ସେମାନଙ୍କୁ ଆସିବା ହେତୁ ସ୍ୱାଗତ ଅଛି । ଏହା ନିଶ୍ଚିତ ଭାବରେ କଲ୍‌ଭିନ ପରିବାର ପାଇଁ ଏକ ବଡ଼ ସାହାଯ୍ୟ ହେବ, ଏହା ଜାଣିବା ହେତୁ ଯେ ଏଠାରେ ଥିବା ସେହି ଆରାଧନାଳୟଟି, ଯେଉଁଠାରେ ସେମାନେ ସମସ୍ତେ ଏତେ ଦିନ ପର୍ଯ୍ୟନ୍ତ ମଣ୍ଡଳୀକୁ ଯାଇଥିଲେ, ଏବଂ ପ୍ରଭୃତି ସବୁ କରିଥିଲେ, ହେବ…ଆପଣ ଆସନ୍ତୁ ବୋଲି ଆମେମାନେ ଆନନ୍ଦିତ ହେବୁ । ଏବଂ ମୁଁ ଭାବୁଛି ଯେ…ଆମର ପ୍ରିୟ ଭାଇ ମ୍ୟାକ୍କିନ୍ନି, ସେହି ବ୍ୟକ୍ତିଜଣ ଯିଏକି ମୋ ଭାଇଙ୍କର ଅନ୍ତିମ ସଂସ୍କାର ପ୍ରଚାର କରିଥିଲେ, ବହୁ ବର୍ଷ ପୂର୍ବେ, ତାଙ୍କର ଅନ୍ତିମ ସଂସ୍କାରର ମୁଖ୍ୟ ଭୂମିକା ରହିଛି, ଏବଂ ମୋତେ ଆସି ଅନ୍ତିମ ସଂସ୍କାରରେ—ରେ ତାଙ୍କୁ ସାହାଯ୍ୟ କରିବା ପାଇଁ କୁହାଯାଇଛି ।

3 ତେବେ, ଆଜି ରାତିରେ, ମୁଁ ଟିକିଏ ବିଳମ୍ବ ହୋଇ ଯାଇଥିଲି । ମୋ ପାଖରେ ନିଆଁରେ ଏତେଗୁଡ଼ିଏ ଲୁହା ଅଛି, ଯେ ମୁଁ ଜାଣେ ନାହିଁ ଯେ କେଉଁ ମାର୍ଗରେ ଯିବାକୁ ଅଛି । ସେଠାରେ ଅନେକ ଗୁଡିଏ ଡାକରାମାନ ଅଛି, ଏବଂ ଏହି ଜର୍ଜରାବସ୍ଥା ଓ ଦୁର୍ଘଟଣାମାନ, ଏବଂ ଲୋକମାନେ ଡାକୁଛନ୍ତି, ଆସୁଛନ୍ତି । ଏପରିକି, ଏଠାକୁ ଶୀଘ୍ର ଫେରି ଆସିବା ପାଇଁ, ମୁଁ ଅଳ୍ପ କିଛି ସମୟ ପୂର୍ବେ ହିଁ, ଲୁଇସ୍‌ଭିଲେକୁ ଛାଡିଥିଲି, ଏବଂ ଅନେକ ଡାକରାଗୁଡିକୁ ଛାଡିଥିଲି ଯାହାକି ମୁଁ ଭାବୁଛି ଯେ ପ୍ରକୃତରେ କଠିନ ଅଟେ, ମାତ୍ର ତଥାପି, ଆଜି ରାତିରେ, କରାଯିବା ଆବଶ୍ୟକ ଥିଲା । ଏବଂ ବର୍ତ୍ତମାନ ଆମ ପାଇଁ ପ୍ରାର୍ଥନା କରନ୍ତୁ ଯେତେବେଳେକି ଆମେମାନେ ଯାଉଅଛୁ ।

4 ଏବଂ ଆଜି ସକାଳେ ମୁଁ—ମୁଁ କେବେବି ମୋ—ମୋ ପାଠ୍ୟ ନିକଟକୁ ପହଞ୍ଚିଲି ନାହିଁ, ଏବ୍ରୀର—ର—ର ସେହି ପୁସ୍ତକର 7ମ ପର୍ବ ନିକଟକୁ । ଏବଂ ଯେତେବେଳେ ଆମେମାନେ

ଆଜି ରାତିରେ, ଏହା ଆଡକୁ ଯାଉଅଛୁ, ମୁଁ ଭାଇ ଗ୍ରାହାମ୍ ସ୍ନେଲିଙ୍ଗଙ୍କ ସଭା ବିଷୟରେ ଘୋଷଣା କରିବାକୁ ଚାହେଁ, ଯାହାକି ସେହି ବ୍ରିଗାମ୍ ଆଭେନ୍ୟୁର ଶେଷରେ, ସେଠାରେ ଉପରେ ତମ୍ବୁରେ ହେବ। ଯଦି ପ୍ରଭୁ ଇଚ୍ଛା କରନ୍ତି, ମୁଁ ବୁଧବାର ରାତିରେ ଫେରି ଆସିବାକୁ ଚାହେଁ। ଏବଂ ସେଠାରେ ଆମେମାନେ ଏକ ନିର୍ଦ୍ଦିଷ୍ଟ ରାତିକୁ ସ୍ଥିର କରିବା ଯେଉଁଠାକୁକି ଆମେମାନେ ଏହି ସପ୍ତାହରେ କୌଣସି ସମୟରେ, ଭାଇ ଗ୍ରାହାମଙ୍କୁ ଦେଖା କରିବା ପାଇଁ ସେହି ସଭାରେ, ଏକ ପ୍ରତିନିଧୀ ଭାବରେ ଯିବାକୁ ଯାଉଅଛୁ। ଏବଂ ସେ ଜଣେ...କୁହନ୍ତି, "ଏକ ସୁନ୍ଦର ଭିଡ଼ ରହିବ।" ଏବଂ—ଏବଂ ଏହି ସାହାଯ୍ୟ ପାଇଁ, ଆମର ଆସିବା ବିଷୟକୁ ସେ ପ୍ରଶଂସା କରିବେ। ଭାଇ ଗ୍ରାହାମ୍ ସ୍ନେଲିଙ୍ଗ୍, ଆପଣଙ୍କ ମଧ୍ୟରୁ କେହି ଯଦି ସେହି ସଭାରେ ଯୋଗ ଦେଉଛନ୍ତି, କିମ୍ବା ଇଚ୍ଛା କରୁଛନ୍ତି, ଏହା ତ ଠିକ ଏଠାରେ ଉପରେ ବ୍ରିଗାମ୍ ଆଭେନ୍ୟୁର ଶେଷରେ ଅଟେ। କେହି ବି ଆପଣଙ୍କୁ ଏହା କହିପାରନ୍ତି ଯେ ତାହା କେଉଁଠାରେ ଅଛି। ଠିକ ଖେଳ ପଡିଆର ଶେଷରେ, ସେହି ତମ୍ବୁ ସ୍ଥାପିତ ହୋଇଅଛି। ସେ ଆପଣଙ୍କର ସହଯୋଗକୁ ପ୍ରଶଂସା କରନ୍ତି। ଯେହେତୁ, ଆମେମାନେ ଏକ ଆରାଧନାଳୟ ଭାବରେ, ଶତ ପ୍ରତିଶତ ତାଙ୍କ ସହ ସହଯୋଗ କରିବାକୁ ପ୍ରତିଶୃତି ଦେଇଅଛୁ, ତେଣୁକରି ଆମେମାନେ ସାହାଯ୍ୟ କରିବାକୁ ଚେଷ୍ଟା କରୁଅଛୁ।

5 ତେବେ, ତାହାପରେ ପ୍ରଭୁ ଇଚ୍ଛା କଲେ, ଆମେମାନେ ଶୀଘ୍ର ସେହି ସ୍ଥାନକୁ ଆସୁଅଛୁ, ଏବ୍ରୀର ସେହି 11ଶ ପର୍ବକୁ, କିଛି ରାତି ଭିତରେ, ଯଦି ପରମେଶ୍ୱର ଇଚ୍ଛା କରନ୍ତି, ଏବଂ ସେଠାରେ ମୁଁ ଭାବୁଛି ଯେ ଆମେମାନେ ମଧ୍ୟ ଏକ ଭଲ ସମୟ ଅତିବାହିତ କରିବାକୁ ଯାଉଅଛୁ।

6 ଓଃ, ପ୍ରଭୁ ଆଜି ସକାଳେ ଆମକୁ ଏକ ଆଶ୍ଚର୍ଯ୍ୟଜନକ ଉପାୟରେ ଆଶୀର୍ବାଦ କଲେ, ଯେ ସେ କିପରି ଆମ ଉପରେ ତାହାଙ୍କର ଆତ୍ମାଙ୍କୁ ଢାଳିଥିଲେ! ଏବଂ ବର୍ତ୍ତମାନ, ଆଜି ରାତିରେ, ଆମେମାନେ ଆଶା କରୁଛୁ ଯେ ସେ ତାହା ପୁନର୍ବାର କରିବେ; ଏବଂ ତାହାପରେ ବୁଧବାର ରାତିରେ, ଏବଂ ଆଗକୁ। ଏବଂ—ଏବଂ ସେହି ରାତିଗୁଡିକ ଯାହା ମୁଁ ହରାଇବି, ଭାଇ ନେଭିଲ୍ ତାହାକୁ ଠିକ ସେହିଠାରୁ ନେବା ପାଇଁ ରହିବେ, ଯଦି ମୁଁ ବାହାରେ ଥାଏ।

7 ମୁଁ କଦାପି ଜାଣେ ନାହିଁ ଯେ ମୁଁ କଅଣ କରିବାକୁ ଯାଉଅଛି, ଆପଣ ହୁଏତ ଏହି ଘଡିକାରେ ଏଠାରେ ରହିଥିବେ, ଏବଂ ଅନ୍ୟ ଏକ ଘଡିକାରେ କାଲିଫର୍ଣ୍ଣିଆକୁ ଡକାଯାଇ ଥିବେ। ଦେଖନ୍ତୁ, ଆପଣ ଜାଣି ନାହାଁନ୍ତି ଯେ ପ୍ରଭୁ କେଉଁଠାକୁ ପଠାଇବେ। ସେହି କାରଣରୁ ମୋ ପାଇଁ ସେହି ଭ୍ରମଣ ସୂଚୀତାଲିକାକୁ ପ୍ରସ୍ତୁତ କରିବା ଏବଂ ଏହା କହିବା ଯେ ଆମେ—ଆମେ ସେପରି କରିବୁ ଏବଂ *ଅମୁକ-ଓ-ଅମୁକ* କରିବୁ ତାହା କଷ୍ଟକର ଅଟେ। ମୁଁ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ଆରମ୍ଭ କରିପାରେ, ପ୍ରଭୁ ମୋତେ ଅନ୍ୟତ୍ର କେଉଁଠାକୁ ପଠାଇ ଦେବେ। ବୁଝିଲେ? ତେଣୁକରି ଆମେ ଜାଣି ନ ଥାଉ ଯେ ସେ କଅଣ କରିବେ। କିନ୍ତୁ, "ଯଦି ପ୍ରଭୁ ଇଚ୍ଛା କରନ୍ତି," ଆମେ ଏହା କହିବା। ଏବଂ ମୁଁ ଭାବୁଛି ଯେ ଆମମାନଙ୍କୁ ବାଇବଲରେ,

ଆଜ୍ଞା ଦିଆଯାଇଅଛି, କିମ୍ବା ଆଦେଶ ଦିଆଯାଇଅଛି, "ଯଦି ପ୍ରଭୁ ଇଚ୍ଛା କରନ୍ତି, ଆମେମାନେ *ଅମୁକ-ଓ-ଅମୁକ* କାର୍ଯ୍ୟଗୁଡିକୁ କରିବା ।" ତେଣୁକରି ଯଦି ଆମେମାନେ ସେହି ନିଯୁକ୍ତିଗୁଡିକୁ କରିବାକୁ ନ ଯାଉ ଯାହାକି ଆମେ...କିମ୍ବା ନିଯୁକ୍ତିଗୁଡିକୁ ପୂରଣ କରିବାକୁ ନ ଯାଉ, ତେବେ ଆମେମାନେ ଅନୁଭବ କରୁ ଯେ ବୋଧହୁଏ ତାହା ଘଟୁ ବୋଲି ପ୍ରଭୁଙ୍କର ଇଚ୍ଛା ନ ଥିଲା ।

8 ଅନ୍ୟ ଦିନ, ଆମମାନଙ୍କୁ, ଭାଇ ରୋବର୍ସନ ଏବଂ ଭାଇ ଉଡ୍ ଏବଂ ମୋତେ ଅଟକାଇ ଦିଆ ଯାଇଥିଲା । ଏବଂ ଆମେମାନେ ଆଶ୍ଚର୍ଯ୍ୟ କରୁଥିଲୁ, "କାହିଁକି?" ସେଠାରେ ବସି ରହି, ଏକ ମାନଚିତ୍ରକୁ ଦେଖି, ତଳକୁ ଆସୁଥିଲୁ, ଏବଂ ଆମେମାନେ ପୁଣିଥରେ ଉତ୍ତର ଦିଗ ଆଡ଼କୁ ଏକ ମାର୍ଗରେ ପଚାଶ ମାଇଲ୍ ବେଗରେ ସିଧା ଗାଡି ଚଲାଇଥିଲୁ । ଏବଂ ମୁଁ ପ୍ରାୟଃ ଚଉଦ ବର୍ଷ ବୟସରୁ ରାଜମାର୍ଗରେ ଯାତ୍ରା କରି ଆସିଛି । ଏବଂ ମୁଁ ଆଶ୍ଚର୍ଯ୍ୟ କରୁଥିଲି ଯେ ମୁଁ ଏହା କିପରି ଭାବରେ କେବେ କରିଥିଲି । ଆମେ ତିନିଜଣ ଯାକ, ସେଠାରେ ଛିଡ଼ା ହୋଇଥିଲୁ । ଆମେମାନେ ସମସ୍ତେ ରାଜମାର୍ଗରେ ଯାତ୍ରା କରିଅଛୁ । ଗୋଟିଏ ମାନଚିତ୍ରରେ ଠିକ୍ ଦେଖି, 130 ବେଗରେ ରଖିବା, ଇଲିନୋଇସ୍ ଦେଇ ଆସୁଥିଲୁ ଏବଂ ଏକ ଛୋଟ ସାମାନ୍ୟ ମୋଡ଼ ନେଲୁ, ଏହା ଲକ୍ଷ୍ୟ ନ କରି ଯେ ସୂର୍ଯ୍ୟ ଆମ ସମ୍ମୁଖରେ ରହିବା ବଦଳରେ ଆମ ପଛରେ ରହିଥିଲା । ଆମେମାନେ ଦକ୍ଷିଣ ଯିବା ପରିବର୍ତ୍ତେ ଉତ୍ତର ଦିଗକୁ ଯାଉଥିଲୁ । ଏବଂ ପ୍ରଥମ ବିଷୟ ଆପଣ ଜାଣନ୍ତି, ରାସ୍ତା ପାର ହୋଇ, ମୁଁ କହିଲି, "ଏହା ସଠିକ୍ ରାସ୍ତା ନୁହେଁ ।" ସେଠାରେ ତଳକୁ ଚାହିଁଲୁ, ଏବଂ ଏହା ଜାଣିବାକୁ ପାଇଲୁ, ଯେ ଆମେ ତ ମାର୍ଗରୁ ପଚାଶ ମାଇଲ ଅନ୍ୟତ୍ର ରହିଥିଲୁ । ସିଧା ପଛକୁ ଚାଲିଗଲୁ...?...

9 ତାହାପରେ ଯେତେବେଳେ ଆମେମାନେ ଫେରିଆସିଲୁ, ଆମେମାନେ—ଆମେମାନେ କଥା ହେଉଥିଲୁ । ମୁଁ କହିଲି, "ଆପଣ ଜାଣନ୍ତି କାହିଁକି? ଆମେ...ପ୍ରଭୁ ହୁଏତ ଆମକୁ ଏହିପରି ଭାବରେ ଅଣଦେଖା କରିଥିବେ, ଯେପରିକି ତଳେ ଏଠାରେ କୌଣସି ସ୍ଥାନରେ ଏକ ଭୟଙ୍କର ଦୁର୍ଘଟଣା ହେବାରୁ ରକ୍ଷା କରାଯାଉ, ଯାହାକି ହୁଏତ ଅନ୍ୟ କିଛି ବିଷୟ କରି ଦେଇଥାଆନ୍ତା । ଆମେ ଜାଣୁ ଯେ ସେମାନଙ୍କ ପାଇଁ ସମସ୍ତକିଛି ବିଷୟ ମଙ୍ଗଳ ହିଁ ଉତ୍ପନ୍ନ କରେ ଯେଉଁମାନେ ପ୍ରଭୁଙ୍କୁ ପ୍ରେମ କରନ୍ତି । ତାହାହିଁ ସବୁକିଛି ଯାହାକି ଆମକୁ କେବଳ ମନେ ରଖିବାକୁ ହେବ ।"

10 ତେବେ, ଆଜି ରାତିରେ, ଆମେ ବର୍ତ୍ତମାନ ଅଳ୍ପ ଟିକିଏ ଶିକ୍ଷାଦାନ ପାଇଁ ପାଠ ଆରମ୍ଭ କରୁଛୁ । ଏବଂ ଯଦି ମୁଁ...ମୁଁ ଭାବୁନାହିଁ ଯେ ଆମେ ତଳକୁ ଯିବା, ବୋଧହୁଏ ଆଜି ରାତିରେ ଆମେ, କୁ...ମଣ୍ଡଳୀ ପ୍ରତି, ଦଶମାଂଶ ଉପରେ ଶିକ୍ଷାଦାନର ନିମନ୍ତେ ଏହା ଏକ ମହାନ ପର୍ବ ଅଟେ । ଏବଂ ଏହା ଏକ ମହାନ ବିଷୟ ଅଟେ, ଯାହା ଉପରେ ଆମେ ସପ୍ତାହ ସପ୍ତାହ ପର୍ଯ୍ୟନ୍ତ ଧରି ରହିପାରିବା, ସେହି ଗୋଟିଏ ଜିନିଷ ଉପରେ, ଯେ ଅବ୍ରହାମ କିପରି ମଲ୍‌କୀଷେଦକଙ୍କୁ ଦଶମାଂଶ ଦେଇଥିଲେ, ଏବଂ ଏହା ଜରୁରୀ ଅଟେ କି ନୁହେଁ ।

11 କଅଣ ଏହି ପଂଖା ସେଠାରେ କାହାରିକୁ ଆଘାତ କରୁଅଛି କି? କଅଣ ଆପଣ ଏହାକୁ

ବରଂ ବନ୍ଦ କରିଦେବେ କି? ଯଦି ଏହା କାହାରିକୁ ଆଘାତ କରୁଅଛି, ସେମାନଙ୍କ ମୁହଁରେ ପବନ ବାଜୁଅଛି, କୌଣସି ବି ପଂଖା । ଯଦି ଏହା ହେଉଛି, ତାହାହେଲେ କେବଳ ନିଜର ହାତ ଉଠାନ୍ତୁ । ଏବଂ, କିମ୍ଵା କେବଳ କର୍ମକର୍ତ୍ତାମାନଙ୍କ ମଧ୍ୟରୁ ଜଣକାକୁ ପଠାନ୍ତୁ, କାହାରି ଜଣକାକୁ ଏଠାରେ ଉପରେ ଭାଇଙ୍କ ନିକଟକୁ ପଠାନ୍ତୁ, ସେ ଏହାକୁ ଆପଣଙ୍କ ପାଇଁ ବନ୍ଦ କରିଦେବେ । ଏବଂ ମୁଁ ଏକ ପ୍ରକାରେ ଏହାକୁ ନିଜଠାରୁ ଦୂରେଇ ରଖେ; ମୋତେ ଗରମ ଲାଗେ ଏବଂ ତାହାପରେ, ମୁଁ ଝାଳନାଳ ହେବାକୁ ଯାଏ, ପ୍ରଥମ ବିଷୟ ଆପଣ ଜାଣନ୍ତି, ମୋର—ମୋର ଗଳା ଖରଖରାଉ ଥାଏ । ଅତଏବ, ଏହା ଆପଣଙ୍କ ଉପରେ ଅଟେ, ଯେଣୁ ଏହା ମୋତେ କୌଣସି ପ୍ରକାରେ ବି ବ୍ୟଥିତ କରିବ ନାହିଁ । ଆମେମାନେ ଚାହୁଁ ଯେ ଆପଣମାନେ ବର୍ତ୍ତମାନ ଆରାମଦାୟକ ରୁହନ୍ତୁ ।

ଆମେମାନେ ଆପଣମାନଙ୍କର ଅଧିକ ସମୟ ନେବାକୁ ଚେଷ୍ଟା କରିବାକୁ ଯାଉନାହୁଁ, ମାତ୍ର କେବଳ ଠିକ ବାକ୍ୟରେ ସୀଧାସଳଖ ଦେଖିବାକୁ ଯାଉଅଛୁ । ଏବଂ ଏହା ପୂର୍ବେକି ଆମେମାନେ ତାହା କରୁ, ଆସନ୍ତୁ ଆମେମାନେ ଅଳ୍ପ କିଛି ସମୟ ଲେଖକଙ୍କ ସହିତ କଥା ହେବା ।

12 ତେବେ, ହେ ସ୍ଵର୍ଗୀୟ ପିତା, ଆମେମାନେ ଜାଣି ନାହୁଁ ଯେ କେଉଁ ବିଷୟ ସଞ୍ଚିତ କରି ରଖା ଯାଇଅଛି । କିନ୍ତୁ ଗୋଟିଏ ମାତ୍ର ଜିନିଷ ଯାହା ଆମେମାନେ ଜାଣୁ, ଏବଂ ପ୍ରବର୍ତ୍ତିତ କରା ଯାଇଅଛୁ, ଯେ ଉତ୍ତମ ଜିନିଷଗୁଡିକ ଆମ ସମ୍ମୁଖରେ ରଖା ଯାଇଅଛି । କାରଣ ଏହା ଲେଖା ଅଛି, "ଚକ୍ଷୁ ଯାହା ଦେଖି ନାହିଁ, କିମ୍ଵା କର୍ଣ୍ଣ ଯାହା ଶୁଣି ନାହିଁ, କିମ୍ଵା ଏହା କୌଣସି ମନୁଷ୍ୟର ହୃଦୟରେ ଗୋଚର ହୋଇ ନାହିଁ, ଯାହା ପରମେଶ୍ଵର ସେମାନଙ୍କ ପାଇଁ ସଞ୍ଚିତ କରି ରଖିଅଛନ୍ତି, ଯେଉଁମାନେ ତାହାଙ୍କୁ ପ୍ରେମ କରନ୍ତି ।"

13 ଏବଂ ଆମେମାନେ ପ୍ରାର୍ଥନା କରୁଅଛୁ ଯେ ତୁମେ ଆଜି ରାତି ସ୍ଵର୍ଗରେ, ତୁମର ଭଣ୍ଡାରଗୃହର ଝରକାଗୁଡିକୁ ଖୋଲିବ, ଏବଂ ଆମକୁ ତୁମର ବାକ୍ୟ ପ୍ରଦାନ କରିବ, ଯାହା ଏପରି କିଛି ବିଷୟ ହେବ ଯାହାକି ଉପଯୁକ୍ତ ଅଟେ, ଏପରି କିଛି ଯାହାକି ଖ୍ରୀଷ୍ଟିଆନ ଭାବରେ ଆମର ବିଶ୍ଵାସକୁ ବୃଦ୍ଧି କରାଇବ, ଏବଂ ଆମକୁ ତାହା ଅପେକ୍ଷା ଆହୁରି ଅଧିକ—ଅଧିକ ସୁସମାଚାର ଉପରେ ସୁବ୍ୟବସ୍ଥିତ କରିବ ଯେତିକି ଆମେ ଭିତରକୁ ଆସିବାବେଳେ ରହିଥିଲୁ । ପିତା, ଏହାକୁ ପ୍ରଦାନ କର । ଏହା ହେଉ ଯେ ପବିତ୍ରଆତ୍ମା ପରମେଶ୍ଵରଙ୍କ ବାକ୍ୟକୁ ନିଅନ୍ତୁ ଏବଂ ଏହାକୁ ଆମର ଆବଶ୍ୟକତା ଅନୁଯାୟୀ ପ୍ରତ୍ୟେକ ହୃଦୟକୁ ପ୍ରଦାନ କରନ୍ତୁ । ତୁମର ପ୍ରିୟ ପୁତ୍ର, ଯୀଶୁଙ୍କ ନାମରେ, ଆମେମାନେ ପ୍ରାର୍ଥନା କରୁଅଛୁ । ଆମେନ୍ ।

14 ତେବେ, ଆଜି ସକାଳେ, ସେହି ୬ଷ୍ଠ ପର୍ବର ଶେଷ ପଦଟିକୁ ଛାଡିଥିଲୁ, ଯେପରିକି ଆମେ ଠିକ ସେହି ୭ମକୁ ଯାଇପାରୁ ।

*ଆଉ, ଯୀଶୁ ସେହି ସ୍ଥାନରେ ମଲ୍‌କୀଷେଦକଙ୍କ ସଦୃଶ, ଅନନ୍ତକାଳୀନ ମହାଯାଜକ ହୋଇ, ଆମ୍ଭମାନଙ୍କର ଅଗ୍ରଗାମୀରୂପେ ପ୍ରବେଶ କରିଅଛନ୍ତି ।*

15 ବର୍ତ୍ତମାନ ଆମେମାନେ ପ୍ରଥମ ତିନୋଟି ପଦ, କିମ୍ବା ପ୍ରଥମ ଦୁଇଟି ପଦ, କିମ୍ବା 7ମ ପର୍ବର, ପ୍ରଥମ ତିନୋଟି ପଦ ବରଂ, ପାଠ କରିବାକୁ ଯାଉଅଛୁ, ଯେଣୁ ଆମେ ତୁରନ୍ତ ହିଁ ଆରମ୍ଭ କରିପାରୁ।

*ଏହି ମଲ୍‌କୀଷେଦକ, ଶାଲେମର ରାଜା, ଓ ପରାତ୍ପର ପରମେଶ୍ୱରଙ୍କର ଯାଜକ ଥିଲେ, ସେ ଅବ୍ରହାମଙ୍କୁ ରାଜାମାନଙ୍କୁ ସଂହାର କରି ପ୍ରତ୍ୟାବର୍ତ୍ତନ କରିବା ସମୟରେ, ତାହାଙ୍କ ସଙ୍ଗେ ସାକ୍ଷାତ କରି ଆଶୀର୍ବାଦ କରିଥିଲେ;*

*ଅବ୍ରହାମ ମଧ୍ୟ ତାହାଙ୍କୁ ସମସ୍ତ ପଦାର୍ଥରୁ ଦଶମାଂଶ ଦେଇଥିଲେ,* (ସେଠାରେ ଆପଣଙ୍କର ଦଶମାଂଶ ଅଟେ); *ଅନୁବାଦ କଲେ ଏହାଙ୍କ ନାମର ପ୍ରଥମ ଅର୍ଥ ଧର୍ମରାଜା,…ଦ୍ୱିତୀୟ, ଶାଲେମର ରାଜା, ଅର୍ଥାତ୍ ଶାନ୍ତିରାଜା;*

*ଏହାଙ୍କର ପିତା କି, ମାତା କି, ବଂଶାବଳୀ,…କିଅବା ଆୟୁର ଆରମ୍ଭ…ଓ, ଜୀବନର ଅନ୍ତ କିଛି ହିଁ ଜଣା ନାହିଁ; ସେ ପରମେଶ୍ୱରଙ୍କ ପୁତ୍ରଙ୍କ ସଦୃଶ କରାଯାଇ; ଅନନ୍ତକାଳୀନ ଯାଜକ ହୋଇ ରହିଅଛନ୍ତି।*

16 କି ଏକ ଅଦ୍ଭୁତ ବକ୍ତବ୍ୟ! ତେବେ ଆମକୁ ଏହି ମହାନ ମଣିଗୁଡିକୁ ଖୋଳିବା ପାଇଁ, ପୁରାତନ ନିୟମକୁ ଫେରିଯିବାକୁ ଅଛି। ଏବଂ, ଓଃ, ମୁଁ ସେଗୁଡିକୁ କିପରି ପ୍ରେମ କରେ!

17 ଆପଣ ଜାଣନ୍ତି, ବାହାରେ ଆରିଜୋନାରେ, ଆମେମାନେ ଅନୁସନ୍ଧାନ କରୁଥିଲୁ। ଏବଂ ଆମେ ଏକ ଉପଯୁକ୍ତ ଦେଖାଯାଉଥିବା ଭୂମିରେ ପ୍ରବେଶ କରିଥାଉ, ଶ୍ରୀମାନ ମ୍ୟାକ୍ ଆନାଲି ଏବଂ ମୁଁ। ଏବଂ ଆମେମାନେ ଏପରି ଏକ ସ୍ଥାନକୁ ଦେଖିଥାଉ ଯେଉଁଠାରେକି ଏହା ଏପରି ଦେଖାଯାଏ, ଛୋଟ ଛୋଟ ଖାଲରେ, ଯେଉଁଠାରେକି ଅଳ୍ପ ଟିକିଏ ଜଳ, ଯାହାକୁ ସେମାନେ "ଗାତ" ବୋଲି କୁହନ୍ତି। ଏବଂ ମୁଁ…ସେ ମୋତେ ତଳକୁ ଲୁହିଁ ବାଲି ଘଷା କରାନ୍ତି ଏବଂ "ହୁ୍ୟ," କରି ତାକୁ ଫୁଙ୍କନ୍ତି। ତାହାପରେ ଘଷନ୍ତି ଏବଂ "ହୁ୍ୟ," କରି ତାକୁ ଫୁଙ୍କନ୍ତି। ଏବଂ ମୁଁ ଆଶ୍ଚର୍ଯ୍ୟ କରୁଥିଲି ଯେ ସେ ତାକୁ ସେହିପରି କାହିଁକି କଲେ। ଜାଣିବାକୁ ପାଇଲି, ଆପଣମାନେ ଦେଖନ୍ତୁ, ଯେତେବେଳେ ଆପଣ ବାଲିକୁ ଫୁଙ୍କନ୍ତି, ଏହା ହାଲୁକା ହୋଇ ଉଡିଯିବ। ଏବଂ ସବୁକିଛି, ଏପରିକି ଦସ୍ତା ସୁଦ୍ଧା, ସୁନାଠାରୁ ହାଲୁକା ଅଟେ। ସୁନାଟି ଦସ୍ତା ଅପେକ୍ଷା ଓଜନିଆ ଅଟେ। ତେଣୁକରି ଯେତେବେଳେ ଆପଣ ଫୁଙ୍କନ୍ତି, ବାକି ସମସ୍ତ ଧାତୁ ଏବଂ ବାଲି ଓ ମଇଳା ଉଡ଼ି ଚାଲିଯିବ, ମାତ୍ର ସୁନା ଭୂମି ଉପରେ ରହିଯିବ। ଅତଏବ, ଯଦି ଆପଣ *ଏଠାରୁ* କିଛି ଧୌତ ଜିନିଷ ପାଆନ୍ତି, ତାହା ଏହା ଦର୍ଶାଏ ଯେ ସେଠାରେ ଉପରେ କୌଣସି ସ୍ଥାନରେ ଏକ ସୁନାର ଉତ୍ସ ରହିଛି। ଏହି ବର୍ଷା ସେହି ଛୋଟ ଛୋଟ ଖଣ୍ଡଗୁଡ଼ିକୁ ଧୋଇ ଦେଇଛି। ତେଣୁକରି ତାହାପରେ ଆମେମାନେ ସେହି ବିଷୟଗୁଡିକୁ ଓ ପ୍ରଭୃତି ସବୁକୁ ଉଠାଇଥାଉ, ଏବଂ ଏହି ସୁନାକୁ ଖୋଜିବାକୁ ଚେଷ୍ଟା କରି, ପ୍ରାୟଃ, ପାହାଡଟିକୁ ଖୋଳି ଦେଇଥାଉ। ଭୂମିରେ ଗାତ କରିଥାଉ, ଓ ସେଗୁଡିକୁ ଖୋଳି ଦେଇଥାଉ। ଡାଇନାମାଇଟ୍ ବୋମା ରଖି, ଏହାକୁ ବିସ୍ଫୋରଣ କରି ଦେଇଥାଉ। ମୂଖ୍ୟ ଶିରା ଖୋଜିବା ପାଇଁ, ଆମେ ନ ପାଇବା ପର୍ଯ୍ୟନ୍ତ ତଳକୁ ଯିବା ପାଇଁ,

ସେହିପରି ଖଣ୍ଡ ବିଖଣ୍ଡ କରି ବିସ୍ଫୋରଣ କରିଥାଉ। ତେବେ, ତାହାହିଁ ଅଟେ ଯାହାକୁ ଆମେ "ଅନୁସନ୍ଧାନ" କରିବା କହିଥାଉ।

18 ଏବଂ ଆଜି ରାତି ଆମେମାନେ ପରମେଶ୍ୱରଙ୍କ ବାକ୍ୟ ନେବାକୁ ଚେଷ୍ଟା କରୁଅଛୁ, ଏବଂ ଏହାକୁ ପବିତ୍ରଆତ୍ମାଙ୍କ ଶକ୍ତି ଦ୍ୱାରା ବ୍ୟବହାର କରିବାକୁ ଯାଉଅଛୁ, ଯେପରିକି ସମସ୍ତ ଉଦାସୀନତା ଏବଂ ସନ୍ଦେହକୁ ଆମଠାରୁ ଦୂରେଇ କରିଦେଉ, ସେହି ସମସ୍ତ ସାନ ସାନ ହାଲୁକା ଫୁରୁଫୁରୁ ଜିନିଷମାନକୁ ଯାହାର କୌଣସି ଭିତ୍ତିମୂଳ ନାହିଁ, ଯାହାର ଆମ ଜୀବନରେ କୌଣସି ଓଜନ ନାହିଁ, ଆମେ ଚାହୁଁ ଯେ ସେହିସବୁକୁ ଉଡ଼ାଇ ଦୂର କରିଦେଉ ଯେଣୁ ଆମେ ଏହି ମହିମାମୟ ଶିରାକୁ ପାଇପାରୁ। ସେହି ଶିରା ହେଉଛନ୍ତି ଖ୍ରୀଷ୍ଟ।

19 ଏବଂ ବର୍ତ୍ତମାନ ପରମେଶ୍ୱର ଆମମାନଙ୍କୁ ସାହାଯ୍ୟ କରନ୍ତୁ ଯେତେବେଳେକି ଆମେମାନେ ତାହାଙ୍କ ବାକ୍ୟରେ ପାଠ କରୁ ଓ ଅଧ୍ୟୟନ କରୁ। ସେହି ବିଗତ, ପୂର୍ବବର୍ତ୍ତୀ ତିନୋଟି ପର୍ବଗୁଡିକ, ପ୍ରାୟଃ, ଆମେମାନେ ଠିକ ବର୍ତ୍ତମାନ ଏବଂ ପରେ, ମଲ୍‌କୀଷେଦକ, ସମ୍ବନ୍ଧରେ ଶୁଣିବା ବିଷୟ କହି ଆସିଛୁ।

20 ତେବେ, ମୁଁ ଭାବୁଛି ଯେ ପାଉଲ ସଠିକ୍ ବ୍ୟାଖ୍ୟା ଦେଇଅଛନ୍ତି।

*ଏହି ମଲ୍‌କୀଷେଦକ, ଶାଲେମର ରାଜା,...*

"ଶାଲେମର ରାଜା।" ଏବଂ ଯେକୌଣସି ବାଇବଲ ପଣ୍ଡିତ ଜାଣନ୍ତି ଯେ ଶାଲେମ ପୂର୍ବରୁ...ଯିରୁଶାଲମକୁ ପୂର୍ବରୁ "ଶାଲେମ" ବୋଲି କୁହାଯାଉଥିଲା। ଏବଂ ସେ ଯିରୁଶାଲମର ରାଜା ଥିଲେ। ତାହାଙ୍କୁ ଦେଖନ୍ତୁ।

*...ଓ ପରାତ୍ପର ପରମେଶ୍ୱରଙ୍କର ଯାଜକ ଥିଲେ,*, (ତାହା ଜଣେ ମଧ୍ୟସ୍ଥି ଅଟନ୍ତି), *ସେ ଅବ୍ରହାମଙ୍କୁ...*

ମୁଁ ତାହାଙ୍କର, ଏହି ମହାନ ବ୍ୟକ୍ତିଙ୍କର ବଂଶାବଳୀ ନେବାକୁ ଚାହେଁ, ଯେପରିକି ଆପଣମାନେ ପ୍ରଥମେ ଜାଣିବେ, ଯେ ସେ କିଏ ଥିଲେ, ଏବଂ ତାହାପରେ ଆପଣ... ଆମେମାନେ ସେହି କାହାଣୀ ସହିତ ଯିବା।

*...ରାଜାମାନଙ୍କୁ ସଂହାର କରି ପ୍ରତ୍ୟାବର୍ତ୍ତନ କରିବା ସମୟରେ, ତାହାଙ୍କ ସଙ୍ଗେ ସାକ୍ଷାତ କରି ଆଶୀର୍ବାଦ କରିଥିଲେ;*

*ଅବ୍ରହାମ ମଧ୍ୟ...ତାହାଙ୍କୁ ସମସ୍ତ ପଦାର୍ଥରୁ ଦଶମାଂଶ ଦେଇଥିଲେ... ଅନୁବାଦ କଲେ...ଏହାଙ୍କ ନାମର ପ୍ରଥମ ଅର୍ଥ ଧର୍ମରାଜା,...*

ତେବେ ଦେଖନ୍ତୁ, "ଧାର୍ମିକତା।" ତେବେ, ଆମ ପାଖରେ ସ୍ୱ-ଧାର୍ମିକତା ଥାଏ, ଆମ ପାଖରେ କୃତ୍ରିମ-ବିଶ୍ୱାସ ଧାର୍ମିକତା ଥାଏ, ଆମ ପାଖରେ ସବୁ ପ୍ରକାର, ବିକୃତ ଧାର୍ମିକତା ଥାଏ। କିନ୍ତୁ ସେଠାରେ ଗୋଟିଏ ପ୍ରକୃତ ଧାର୍ମିକତା ଅଛି, ଏବଂ ସେହି ଧାର୍ମିକତା

ପରମେଶ୍ୱରଙ୍କଠାରୁ ଆସିଥାଏ। ଏବଂ ଏହି ବ୍ୟକ୍ତି ଧାର୍ମିକତାର ରାଜା ଥିଲେ। ସେ କିଏ ବା ହୋଇପାରନ୍ତି?

21 ତେବେ, ସେ ଧାର୍ମିକତାର ରାଜା, ଯିରୁଶାଲମର ରାଜା, ଧର୍ମର ରାଜା, ଶାନ୍ତିର ରାଜା ଥିଲେ। ଯୀଶୁଙ୍କୁ, "ଶାନ୍ତିର ରାଜକୁମାର" ବୋଲି ଡକା ଯାଇଥିଲା। ଆଉ ଜଣେ ରାଜକୁମାର ଜଣେ ରାଜାଙ୍କର ପୁତ୍ର ହୋଇଥାଆନ୍ତି। ତେଣୁକରି, ଏହି ବ୍ୟକ୍ତି ଶାନ୍ତିର ରାଜା ଥିଲେ, ତାହାହେଲେ ତାହାଙ୍କୁ ତ ସେହି ଶାନ୍ତିର ରାଜକୁମାରଙ୍କ ପିତା ହେବାକୁ ଅଛି। ଏହା ବୁଝିଲେ କି?

22 ତେବେ ଆସନ୍ତୁ ଦେଖିବା, ତାହାଙ୍କ ବଂଶାବଳୀକୁ ଟିକିଏ ଆଗକୁ ନେବା, ଯେପରିକି ଏହା ଦେଖୁ ଯେ ଆମେ କେଉଁଠାକୁ ଯାଉଅଛୁ।

*ଏହାଙ୍କର ପିତା କି,…*

ତେବେ, ଯୀଶୁଙ୍କର ଜଣେ ପିତା ଥିଲେ। କଅଣ ଆପଣ ତାହା ବିଶ୍ୱାସ କରନ୍ତି କି? ନିଶ୍ଚିତରେ ତାହାଙ୍କର ଥିଲେ।

*…ମାତା କି,…*

ଯୀଶୁଙ୍କର ଏକ ମାତା ଥିଲେ। କିନ୍ତୁ ଏହି ବ୍ୟକ୍ତିଙ୍କର ପିତା କିମ୍ବା ମାତା କିଛି ବି ନ ଥିଲେ।

*…ବଂଶାବଳୀ,…*

ତାଙ୍କର ଏପରି କେହି ହେଲେ ନ ଥିଲେ ଯେଉଁଠାରୁକି ସେ ଜାତ ହୋଇଥିଲେ, କୌଣସି ବଂଶାବଳୀ ନ ଥିଲା। ସେ ତ ସର୍ବଦା "ବଂଶାବଳୀ ବିନା" ହିଁ ଥିଲେ।

*…କିଅବା ଆୟୁର ଆରମ୍ଭ,…*

ତାହାଙ୍କର ଏପରି କୌଣସି ସମୟ ନ ଥିଲା ଯାହାକି କେବେ ଆରମ୍ଭ ହୋଇଥିଲା।

*…ଓ ଜୀବନର ଅନ୍ତ କିଛି ହିଁ ଜଣା ନାହିଁ;…*

ଏହା ପରମେଶ୍ୱରଙ୍କ ବ୍ୟତୀତ ଆଉ କିଛି ହୋଇପାରେ ନାହିଁ। ତାହା ହିଁ ସବୁକିଛି ଯାହାକି ଏହା ହୋଇପାରେ।

23 ତେବେ, ବର୍ତ୍ତମାନ ଯଦି ଆପଣମାନେ ଧ୍ୟାନ ଦେବେ ଯେତେବେଳେକି ଆମେମାନେ ପରବର୍ତ୍ତୀ ପଦ ପାଠ କରୁ। ବୁଝିଲେ? "ଅନୁବାଦ କଲେ, ଏହାଙ୍କ ନାମର ପ୍ରଥମ ଅର୍ଥ, ଧର୍ମରାଜା।" ଏହା ତାହା ନୁହେଁ ଯେଉଁଠାରେକି ମୁଁ ରହିବାକୁ ଚାହେଁ। ସେହି—ସେହି ୩ୟ ପଦ:

*…ଓ ଜୀବନର ଅନ୍ତ କିଛି ହିଁ ଜଣା ନାହିଁ; ସେ ପରମେଶ୍ୱରଙ୍କ ପୁତ୍ରଙ୍କ ସଦୃଶ କରାଯାଇ;…*

ତେବେ, ସେ ପରମେଶ୍ୱରଙ୍କ ପୁତ୍ର ନ ଥିଲେ, କାରଣ, ଯଦି ସେ ଏକ ପୁତ୍ର ହୋଇଥାଆନ୍ତେ, ତେବେ ତାହାଙ୍କର ଏକ ଆରମ୍ଭ ରହିଥାଆନ୍ତା । ଏବଂ ଏହି ବ୍ୟକ୍ତିଙ୍କର କୌଣସି ଆରମ୍ଭ ନ ଥିଲା । ଯଦି ସେ ଏକ ପୁତ୍ର ହୋଇଥାଆନ୍ତେ, ତେବେ ତାହାଙ୍କର ଉଭୟ ପିତା ଏବଂ ମାତା ରହିଥାଆନ୍ତେ । "ଏବଂ ଏହି ବ୍ୟକ୍ତିଙ୍କର ତ କୌଣସି ପିତା କିମ୍ବା ମାତା କେହି ନ ଥିଲେ । ମାତ୍ର ସେ ପରମେଶ୍ୱରଙ୍କ ପୁତ୍ରଙ୍କ *ସଦୃଶ କରା* ଯାଇଥିଲେ ।"

*...ଅନନ୍ତକାଳୀନ ଯାଜକ ହୋଇ ରହିଅଛନ୍ତି ।*

24 ତେବେ, ଡକ୍ଟର ସ୍କୋଫିଲ୍ଡ ଏହା କହିବାକୁ ଚେଷ୍ଟା କରନ୍ତି, ଯେ, "ଏହା ଏକ ଯାଜକତ୍ୱ ଥିଲା, ଯାହାକୁ, 'ମଲ୍‌କୀଷେଦକ ଯାଜକତ୍ୱ' ବୋଲି କୁହାଯାଇଥିଲା ।"

ମାତ୍ର ମୁଁ କେବଳ ଅଳ୍ପ କିଛି ମିନିଟ୍ ଆପଣମାନଙ୍କୁ ତାହା ଭିତରକୁ ନେବାକୁ ଚାହେଁ । ଯଦି ଏହା ଏକ ଯାଜକତ୍ୱ ଥିଲା, ତାହାହେଲେ ଏହାର ଏକ ଆରମ୍ଭ ହେବା ଆବଶ୍ୟକ, ଏବଂ ଏହାର ଏକ ସମାପ୍ତ ହେବା ଆବଶ୍ୟକ ଅଟେ । ମାତ୍ର, "ଏହାର ନା କୌଣସି ଆରମ୍ଭ ଥିଲା ନା କୌଣସି ଅନ୍ତ ଥିଲା ।" ଏବଂ ସେ ଏହା କହିଲେ ନାହିଁ ଯେ ସେ ଏକ ଯାଜକତ୍ୱକୁ ଭେଟିଛନ୍ତି । ସେ ଜଣେ ବ୍ୟକ୍ତିଙ୍କୁ ଭେଟିଥିଲେ, ଏବଂ ତାହାଙ୍କର ନାମ "ମଲ୍‌କୀଷେଦକ" ବୋଲି ଡାକିଥିଲେ । ସେ ଜଣେ ବ୍ୟକ୍ତି ଥିଲେ, କୌଣସି ଏକ ନାମଧାରୀ ସଂସ୍ଥା ନୁହେଁ, କୌଣସି ଏକ—ଏକ—ଏକ ଯାଜକତ୍ୱ କିମ୍ବା ପିତୃତ୍ୱ ନ ଥିଲେ । ସେ ମଲ୍‌କୀଷେଦକଙ୍କ ନାମରେ ସମ୍ପୂର୍ଣ୍ଣ ରୂପେ ଜଣେ ବ୍ୟକ୍ତି ଥିଲେ, ଯିଏକି ଯିରୁଶାଲମର ରାଜା ଥିଲେ । କୌଣସି ଏକ ଯାଜକତ୍ୱ ନୁହେଁ, ମାତ୍ର ଏକ ପିତା ବିନା ଜଣେ ରାଜା ଥିଲେ । ଯାଜକତ୍ୱର କୌଣସି ପିତା ନ ଥାଆନ୍ତି । "ଏବଂ ଏହି ବ୍ୟକ୍ତି କୌଣସି ପିତାଙ୍କ ବିନା, ମାତା ବିନା ଥିଲେ, ଆୟୁର କୌଣସି ଆରମ୍ଭ କିମ୍ବା ଜୀବନର କୌଣସି ସମାପ୍ତି ନ ଥିଲା ।" ତେବେ, ପରମେଶ୍ୱରଙ୍କ ପୁତ୍ର...

25 ଏହା କିଏ ଥିଲେ, ଏହା ଯିହୋବା ଥିଲେ । ଏହା ନିଜେ ସର୍ବଶକ୍ତିମାନ ପରମେଶ୍ୱର ଥିଲେ । ଏହା ଅନ୍ୟ କିଛି ହୋଇପାରେ ନାହିଁ ।

26 ତେବେ ଧ୍ୟାନ ଦିଅନ୍ତୁ, "ସେ ଅନନ୍ତକାଳୀନ ପାଇଁ ରହିଅଛନ୍ତି ।" ତାଙ୍କର ଏଠାରେ ଏକ ସାକ୍ଷ୍ୟ ଅଛି, ଯେ, "ସେ ଜୀବିତ ଅଟନ୍ତି । ସେ କଦାପି ମରନ୍ତି ନାହିଁ ।" ସେ କଦାପି କଲେ ନାହିଁ... ସେ ଜୀବନ୍ତ ଛଡା ଆଉ କଦାପି କିଛି ନ ଥିଲେ । "ସେ ଅନନ୍ତକାଳ ପାଇଁ ରହିଅଛନ୍ତି ।"

27 ତେବେ, ଯୀଶୁଙ୍କୁ ତାହାଙ୍କ ସଦୃଶ, କରା ଯାଇଥିଲା । ତେବେ, ସେହି କାରଣ ଯେଉଁଥି ଯୋଗୁଁକି ପରମେଶ୍ୱର ଏବଂ ଯୀଶୁଙ୍କ ମଧ୍ୟରେ ଏକ ପାର୍ଥକ୍ୟ ଅଛି: ଯୀଶୁଙ୍କର ଏକ ଆରମ୍ଭ ରହିଥିଲା; ପରମେଶ୍ୱରଙ୍କର କୌଣସି ଆରମ୍ଭ ନ ଥିଲା । ମଲ୍‌କୀଷେଦକଙ୍କର କୌଣସି ଆରମ୍ଭ ନ ଥିଲା, ଏବଂ ଯୀଶୁଙ୍କର ଏକ ଆରମ୍ଭ ରହିଥିଲା । ମାତ୍ର ଯୀଶୁଙ୍କୁ ତାହାଙ୍କ ସଦୃଶ, କରା ଯାଇଥିଲା । "ଜଣେ ଯାଜକ, ଅନନ୍ତକାଳ ପାଇଁ ରହିଅଛନ୍ତି ।"

28 ତେବେ, ଯେତେବେଳେ ମଲ୍‌କୀଷେଦକ ପୃଥିବୀରେ ଥିଲେ, ସେ ଜଗତରେ ଆଉ କିଛି ନ ଥିଲେ ବରଂ ସେହି—ସେହି ସଦାପ୍ରଭୁ ପରମେଶ୍ୱର ଥିଲେ ଯିଏକି ସୃଷ୍ଟି ଦ୍ୱାରା ପ୍ରକଟିତ

କରା ହୋଇଥିଲେ, ସେ ଏଠାରେ ଏକ ଥିଓଫାନି ସଦୃଶ ଥିଲେ । ଅବ୍ରହାମ ଥରେ, ନିଜ ତମ୍ବୁରେ ତାହାଙ୍କୁ ଭେଟିଥିଲେ । ଏବଂ ଯେପରି ଆମେମାନେ ଆଜି ସକାଳେ କହିଥିଲୁ, "ଅବ୍ରହାମ ତାହାଙ୍କୁ ଚିହ୍ନିଥିଲେ । ଏବଂ ସେ ଅବ୍ରହାମଙ୍କୁ କହିଥିଲେ ଯେ ସେ କଅଣ କରିବାକୁ ଯାଉଛନ୍ତି, କାରଣ ସେ ଏହି ଜଗତର ଉତ୍ତରାଧିକାରୀଙ୍କୁ ସେହି ବିଷୟଗୁଡିକ ପ୍ରତି ଅନ୍ଧ ହୋଇ ରହିବା ପାଇଁ ଦେବାକୁ ଯାଉ ନ ଥିଲେ ଯେଉଁ ବିଷୟ ସେ କରିବାକୁ ଯାଉଥିଲେ ।"

29 ମୁଁ ଏଠାରେ ଗୋଟିଏ ମିନିଟ୍ ପାଇଁ, ଏହା କହିବାକୁ ଅଟକି ଯାଇପାରେ, ଯେ ପରମେଶ୍ୱର ତାହାଙ୍କ ମଣ୍ଡଳୀ ବିଷୟରେ ଏବେ ସୁଦ୍ଧା ସେହି ସମାନ ମତ ପୋଷଣ କରନ୍ତି । ଆପଣମାନେ ଅନ୍ଧକାରର ସନ୍ତାନ ନୁହଁନ୍ତି । ଆପଣମାନେ ତ ଆଲୋକର ସନ୍ତାନ ଅଟନ୍ତି । ଏବଂ ସେହି...ଆମେମାନେ ଯେଉଁମାନେକି..."ନମ୍ର ଲୋକେ ଧନ୍ୟ, କାରଣ ସେମାନେ ପୃଥିବୀ ଅଧିକାରୀ ହେବେ ।" ଏବଂ କଅଣ ସେହି ପରମେଶ୍ୱର, ଯିଏକି ଅବ୍ରହାମଙ୍କ ପ୍ରତି—ପ୍ରତି ସେହିପରି ଆଚରଣ କରିଥିଲେ, ଯିଏକି ପୃଥିବୀର ଉତ୍ତରାଧିକାରୀ ହେବାକୁ ଥିଲା... ଏବଂ ସେ କହିଥିଲେ, "ପୃଥିବୀର ଉତ୍ତରାଧିକାରୀ ହେବାକୁ ଯାଉଥିବା ସେହି ବ୍ୟକ୍ତିଠାରୁ ମୁଁ ଏହି ଜିନିଷଗୁଡ଼ିକୁ ଲୁଚାଇ ରଖିବି ନାହିଁ ।" ତାହାହେଲେ କେତେ ଅଧିକ ସେ ତାହାଙ୍କର ରହସ୍ୟଗୁଡିକୁ ଆପଣା ମଣ୍ଡଳୀ ନିକଟରେ ପ୍ରକାଶ କରିବେ ଯିଏକି ପୃଥିବୀର ଉତ୍ତରାଧିକାରୀ ହେବାକୁ ଯାଉଅଛି!

30 ଦାନିୟେଲ କହିଥିଲେ, "ସେହି ଦିନ ସେମାନେ ଏଣେ ତେଣେ ଦୌଡିବେ, ଜ୍ଞାନ ବୃଦ୍ଧି ପାଇବ ।" ଏବଂ ସେ କହିଥିଲେ, "ଜ୍ଞାନୀମାନେ ସେହି ଦିନ, ସେମାନଙ୍କର ପରମେଶ୍ୱରଙ୍କୁ ଜାଣିବେ, ଏବଂ ସେହି ଦିନ ମହାନ ମହାନ କାର୍ଯ୍ୟଗୁଡିକୁ ସାଧନ କରିବେ । ମାତ୍ର ଦୁଷ୍ଟ ସ୍ୱର୍ଗର ପରମେଶ୍ୱରଙ୍କୁ ଜାଣିବ ନାହିଁ ।" ସେମାନେ ତାହାଙ୍କୁ ଗୋଟିଏ ରୂପରେ ଏବଂ ଏକ ରୀତିନୀତିରେ ଜାଣନ୍ତି, ଯେପରିକି ଆମର ପ୍ରଥମ ପାଠ କହିଥିଲା, ମାତ୍ର ସେମାନେ ତାହାଙ୍କୁ ସିଦ୍ଧତାର ମାର୍ଗ ଦ୍ୱାରା ଜାଣନ୍ତି ନାହିଁ ।

31 ଏବଂ ପରମେଶ୍ୱର କେବଳ ସିଦ୍ଧତା ମାଧ୍ୟମରେ ହିଁ କାର୍ଯ୍ୟ କରିପାରନ୍ତି, କାରଣ ସେ ସିଦ୍ଧ ଅଟନ୍ତି । ତାହାଙ୍କର ନାମ ଧନ୍ୟ ହେଉ! ଏହାକୁ ତ ଏକ ସିଦ୍ଧ ମାଧ୍ୟମ ହେବା ଆବଶ୍ୟକ ଯାହା ଦେଇ ପରମେଶ୍ୱର କାର୍ଯ୍ୟ କରନ୍ତି, କାରଣ ସେ ସିଦ୍ଧତା ବିନା ଅନ୍ୟ କୌଣସି ମାଧ୍ୟମ ଦେଇ କାର୍ଯ୍ୟ କରିପାରନ୍ତି ନାହିଁ । ସେ ଆପଣାକୁ କୌଣସି ପ୍ରକାରେ ବି ଦାଗଯୁକ୍ତ କରିପାରନ୍ତି ନାହିଁ । ଏବଂ ତେଣୁକରି ସେଇଥି ପାଇଁ ହିଁ ଯୀଶୁ ଆମମାନଙ୍କର ପାପଗୁଡିକୁ ଦୂର କରିବାକୁ ଆସିଥିଲେ, ଯେପରିକି ଆମେମାନେ ସିଦ୍ଧ ହୋଇପାରୁ, ଯେପରିକି ପରମେଶ୍ୱର ତାହାଙ୍କର ମଣ୍ଡଳୀ ମାଧ୍ୟମରେ କାର୍ଯ୍ୟ କରିପାରିବେ । ସେଠାରେ ହିଁ ଅଟେ ଯେଉଁଠାରେକି ସେହି ଗୁପ୍ତ ରହସ୍ୟ ରହିଛି ।

ସେଠାରେ ହିଁ ଅଟେ ଯେଉଁଠାରେକି ସେହି ଜଗତ ଅନ୍ଧ ଅଟେ । ସେଠାରେ ହିଁ ଅଟେ ଯେଉଁଠାରେକି ସେମାନେ କହିବାକୁ ଚାହାଁନ୍ତି, ଯେ, "ତୁମର ମୁଣ୍ଡ ଖରାପ ହୋଇଯାଇଛି ।"

ସେଠାରେ ହିଁ ଅଟେ ଯେଉଁଠାରେକି ସେମାନେ କହିବାକୁ ଚାହାଁନ୍ତି, "ଆପଣ କଅଣ କହୁଅଛନ୍ତି ଆପଣ ତାହା ବିଷୟରେ ଜାଣି ନାହାଁନ୍ତି ।"

କାରଣ, "ସଦାପ୍ରଭୁଙ୍କର ବିଷୟମାନ ଏହି ଜଗତର ଜ୍ଞାନ ପାଇଁ ମୂର୍ଖତା ଅଟେ । ମାତ୍ର ଏହି ସଂସାରର ବିଷୟଗୁଡିକ ବିଶ୍ୱାସୀଙ୍କ ପାଇଁ ଶାରୀରିକ ଅଟେ ।" ତେଣୁକରି, ଆପଣ ଏକ ଭିନ୍ନ ବ୍ୟକ୍ତି ଅଟନ୍ତି, ଆପଣ ଏକ ଭିନ୍ନ ପରିସରରେ ବାସ କରୁଛନ୍ତି । ଆପଣ ଆଉ ଅଧିକ ଏହି ଜଗତର ନୁହଁନ୍ତି । ଆପଣ ତ ଏହି ଜୀବନକୁ ଅତିକ୍ରମ କରି ଏକ ନୂତନ ଜୀବନ ମଧ୍ୟକୁ ପ୍ରବେଶ କରିଅଛନ୍ତି ।

32 ତେଣୁ, ପରମେଶ୍ୱର ପ୍ରକାଶ କରନ୍ତି, ଏହି ଜଗତକୁ ନୁହେଁ, ସେହି ମନୋବିଜ୍ଞାନୀଙ୍କୁ ନୁହେଁ, ଶିକ୍ଷିତ ସେବକମାନଙ୍କୁ ନୁହେଁ, ମାତ୍ର ହୃଦୟର ନମ୍ର ଲୋକମାନଙ୍କୁ । ତାହାଙ୍କର ଲୋକମାନେ ଯେଉଁମାନେକି ନମ୍ର ଅଟନ୍ତି, ପରମେଶ୍ୱର ନିଜର ମହାନ ବିଷୟଗୁଡ଼ିକର ରହସ୍ୟକୁ, କେବଳ ସେମାନଙ୍କ ନିକଟରେ ହିଁ ପ୍ରକାଶ କରିବେ । କଅଣ ଆପଣମାନେ ଏହା ବୁଝିଲେ କି?

33 ତେବେ, ବର୍ତ୍ତମାନ, ଅବ୍ରହାମ ଜଗତର ଉତ୍ତରାଧିକାରୀ ହେବାକୁ ଥିଲେ । ସେହି ଅବ୍ରହାମଙ୍କ…ବଂଶ ଜରିଆରେ ସମସ୍ତ ରାଷ୍ଟ୍ରଗୁଡିକୁ ଆଶୀର୍ବାଦ ପ୍ରାପ୍ତ ହେବାର ଥିଲା । ତେଣୁ ପରମେଶ୍ୱର ମନୁଷ୍ୟ ରୂପରେ ତଳକୁ ଓହ୍ଲାଇ ଆସି, ତାଙ୍କ ସହିତ କଥା ହେଲେ ।

ତେବେ, ପରମେଶ୍ୱର ସର୍ବଦା ପୃଥିବୀରେ ରହି ଆସିଛନ୍ତି । ପରମେଶ୍ୱର କଦାପି ପୃଥିବୀ ଛାଡି ନାହାଁନ୍ତି । ଯଦି ସେ କେବେ ପୃଥିବୀକୁ ଛାଡି ଦିଅନ୍ତି, ତାହାହେଲେ ମୁଁ ଜାଣେ ନାହିଁ ଯେ ଏହାର କଅଣ ହେବ । ମାତ୍ର ପରମେଶ୍ୱର ସର୍ବଦା ଏଠାରେ କୌଣସି ରୂପରେ ରହିଆସିଛନ୍ତି । ଓଃ, ତାହାଙ୍କ ନାମର ପ୍ରଶଂସା ହେଉ!

34 ସେ ମିସରରୁ ବାହାରି ଆସିଥିବା ସନ୍ତାନମାନଙ୍କ ସହିତରେ ପ୍ରାନ୍ତରରେ, ଏକ ଆଲୋକ ରୂପେ ରହିଥିଲେ । ସେ ଅବ୍ରହାମଙ୍କ ସହିତ ଜଣେ ମନୁଷ୍ୟ ରୂପରେ କଥା ହୋଇଥିଲେ । ସେ ମୋଶାଙ୍କ ସହିତ ଜଣେ ମନୁଷ୍ୟ ରୂପରେ କଥା ହୋଇଥିଲେ । ସେ ମଣ୍ଡଳୀ ସହିତ ଏକ ମନୁଷ୍ୟ, ତାହାଙ୍କର ପୁତ୍ର, ଖ୍ରୀଷ୍ଟ ଯୀଶୁଙ୍କ ରୂପରେ କଥା ହୋଇଥିଲେ ।

ଏବଂ ସେ ଆଜି ନିଜର ମଣ୍ଡଳୀ ମାଧ୍ୟମରେ, ଜୀବନ୍ତ ପରମେଶ୍ୱରଙ୍କ ଅଭିଷିକ୍ତ ମଣ୍ଡଳୀ ମାଧ୍ୟମରେ, ମାଟିର ପାତ୍ର ଜରିଆରେ କଥା କହୁଅଛନ୍ତି । "ତୁମେମାନେ ଶାଖା । ମୁଁ ଦ୍ରାକ୍ଷାଲତା ।" ପରମେଶ୍ୱର ଏବେ ସୁଦ୍ଧା କହୁଅଛନ୍ତି, ଏବଂ ଜଗତ ଯୀଶୁଙ୍କୁ ସେହିପରି ଦେଖିଥାଏ ଯେପରି ଆପଣ ତାହାଙ୍କୁ ଉପସ୍ଥାପନ କରନ୍ତି । ଏହିପରି ଭାବରେ ହିଁ ଜଗତ ଦେଖିଥାଏ…"ତୁମେମାନେ ସମସ୍ତ ଲୋକମାନଙ୍କ ଦ୍ୱାରା ପାଠ କରାଯାଉଥିବା, ଲିଖିତ ଚିଠି ଅଟ ।" ଆପଣଙ୍କର ଜୀବନ ହିଁ ଏହା ବ୍ୟକ୍ତ କରେ ଯେ ଆପଣ କଅଣ ଅଟନ୍ତି ।

35 ତେବେ, ଏହି ଅବ୍ରହାମ ତାଙ୍କ ଫେରି ଆସିବାର, ମାର୍ଗରେ ଥିଲେ । ଆମେମାନେ ପୁନର୍ବାର ଫେରି ଯାଇ ଅଳ୍ପ କିଛି କ୍ଷଣ ଆଦି ପୁସ୍ତକରେ, ତାଙ୍କ ବିଷୟରେ ପାଠ କରିବାକୁ

ଯାଉଅଛୁ। ଆଦି ପୁସ୍ତକ 14ତମ ପର୍ବରେ, ମୁଁ ବିଶ୍ୱାସ କରେ ଯେ ଏହା ତାହା ଅଟେ। ଓଃ, ଏଠାରେ ସେହି କାହାଣୀଟି କେତେ ସୁନ୍ଦର ଅଟେ! ତେବେ, ଆମେମାନେ ସମସ୍ତେ ଅବ୍ରହାମଙ୍କ ବିଷୟରେ ଜାଣୁ, ଯେ କିପରି ପରମେଶ୍ୱର ତାଙ୍କୁ କଲଦୀୟ ଦେଶରୁ ଏବଂ ଉର ନଗରରୁ ଆହ୍ୱାନ କରିଥିଲେ, ଏବଂ ତାଙ୍କୁ ନିଜର ସହଯୋଗୀମାନଙ୍କଠାରୁ ପୃଥକ ହେବା ପାଇଁ କହିଥିଲେ।

ପରମେଶ୍ୱର ପୁରୁଷ କିମ୍ବା ସ୍ତ୍ରୀମାନଙ୍କୁ ଡାକନ୍ତି, ସେ ଏକ ପୃଥକୀକରଣ ନିମନ୍ତେ ଆହ୍ୱାନ କରନ୍ତି।

36 ତେବେ, ତାହାହିଁ ହେଉଛି ସମସ୍ୟା ଯାହାକି ଆଜି ମଣ୍ଡଳୀଗୁଡ଼ିକ ସହିତରେ ଅଟେ, ସେମାନେ ନିଜକୁ ସେହି ପୁରୁଣା ଶାରୀରିକ ବିଶ୍ୱା-...ଅବିଶ୍ୱାସୀମାନଙ୍କଠାରୁ ଅଲଗା କରିବାକୁ ଚାହାଁନ୍ତି ନାହିଁ। ସେଇଥି ପାଇଁ ଆମେମାନେ ଆଉ ଆଗକୁ ଯାଇପାରୁ ନାହୁଁ। ଆମେମାନେ କେବଳ ସେହି ଗୋଟିଏ ଶାରୀରିକ ପ୍ରବାହରେ ଚାଲି ଯାଇଥାଉ, ଏବଂ ଆମେମାନେ—ଆମେମାନେ କହିଥାଉ, "ଓଃ, ଜିମ୍ ଜଣେ ଭଲ ଲୋକଅଟନ୍ତି, ଯଦି ସେ ମଦ୍ୟପାନ କରନ୍ତି। ଯଦି ସେ...ଏବଂ ମୁଁ ତାଙ୍କ ସହିତ ପୁଲ୍ ଖେଳର କକ୍ଷକୁ ଯାଏ, କିନ୍ତୁ ମୁଁ ପୁଲ୍ ଖେଳେ ନାହିଁ। ମୁଁ—ମୁଁ—ମୁଁ ସେହି ସ୍ତ୍ରୀଲୋକ ସହିତ ଆମୋଦ ପ୍ରମୋଦ କାର୍ଯ୍ୟକ୍ରମକୁ ଯାଏ। ସେମାନେ ଖରାପ ଥଟ୍ଟା କୌତୁକୀଆ କଥା କୁହନ୍ତି, ଏବଂ ଇତ୍ୟାଦି ସବୁ କରନ୍ତି, କିନ୍ତୁ ମୁଁ କିଛି କୁହେ ନାହିଁ।"

37 "ସେମାନଙ୍କ ମଧ୍ୟରୁ ବାହାରି ଆସ।" ତାହା ଠିକ୍। "ଆପଣାକୁ ପୃଥକ କର। ସେମାନଙ୍କର ଅଶୁଚି ବିଷୟଗୁଡିକୁ ସ୍ପର୍ଶ କର ନାହିଁ, ଏବଂ ମୁଁ ତୁମକୁ ଗ୍ରହଣ କରିବି," ସଦାପ୍ରଭୁ କୁହନ୍ତି। "ଅବିଶ୍ୱାସୀମାନଙ୍କ ସହିତ, ଅସମାନ ଯୁଆଳୀରେ ଏକାଠି ଯୋଚି ହୁଅ ନାହିଁ।" ଆପଣ ତାହା କରନ୍ତୁ ନାହିଁ। ନିଜକୁ ପୃଥକ କରନ୍ତୁ।

38 ଏବଂ ପରମେଶ୍ୱର ଅବ୍ରହାମଙ୍କୁ ତାଙ୍କର ସମସ୍ତ ସମ୍ପର୍କୀୟମାନଙ୍କଠାରୁ ପୃଥକ ହେବା ପାଇଁ, ଏବଂ ତାହାଙ୍କ ସହିତ ଚାଲିବା ପାଇଁ ଆହ୍ୱାନ କରିଥିଲେ। ଭାଇ, ବେଳେବେଳେ ଏହାର ଅର୍ଥ ହେଉଛି ଏକ ମଣ୍ଡଳୀକୁ ଛାଡିବା। ପାଉଲଙ୍କ ପାଇଁ ଏହାର ଅର୍ଥ ତାହାହିଁ ଥିଲା। ତାଙ୍କୁ ନିଜର ମଣ୍ଡଳୀକୁ ଛାଡିବାକୁ ପଡିଥିଲା। ଅନେକଙ୍କ ପାଇଁ ଏହାର ଅର୍ଥ ତାହାହିଁ ରହିଥିଲା। ବେଳେବେଳେ ଏହାର ଅର୍ଥ ଘର ଛାଡିବା ଅଟେ। ବେଳେବେଳେ ଏହାର ଅର୍ଥ ପିତା ଏବଂ ମାତାଙ୍କୁ ଛାଡିବା ଅଟେ, ଏବଂ ସମସ୍ତକିଛି ବିଷୟ ପରିତ୍ୟାଗ କରିବା ଅଟେ। ମୋର କହିବାର ଅର୍ଥ ଏହା ନୁହେଁ ଯେ ଏହା ପ୍ରତ୍ୟେକ ଥର ତାହାହିଁ କରେ, ମାତ୍ର ବେଳେବେଳେ ଏହା କରେ। ଏହାର ଅର୍ଥ ହେଉଛି ଯେ ଆପଣଙ୍କୁ ନିଜ ଏବଂ ପରମେଶ୍ୱରଙ୍କ ମଧ୍ୟରେ ସବୁକିଛି ନେବାକୁ ପଡିବ, ଏବଂ ତାହାଙ୍କ ସହିତ ଏକାକୀ ଚାଲିବାକୁ ପଡିବ। ଓଃ, ସେହି ଆଶୀଷିତ, ମଧୁର ପ୍ରଭୁଭୋଜ, ସେହି ସହଭାଗୀତା ଯାହା ଆପଣଙ୍କର ରହିଥାଏ ଯେତେବେଳେ ଆପଣ ନିଜକୁ ଜଗତର ବିଷୟସବୁରୁ ଏବଂ ଶାରୀରିକ ବିଶ୍ୱାସୀମାନଙ୍କଠାରୁ ପୃଥକ କରି ନିଅନ୍ତି

ଯେଉଁମାନେକି ଆପଣଙ୍କର ପରିହାସ କରୁଥାଆନ୍ତି, ଏବଂ ଖ୍ରୀଷ୍ଟଙ୍କ ସହିତ ଏକାକୀ ଚାଲନ୍ତି!

39 କେତେଥର ମୁଁ ପରମେଶ୍ୱରଙ୍କୁ ଧନ୍ୟବାଦ ଦେଇଅଛି! ସେ କହିଲେ, "ମୁଁ ତୁମକୁ ଏହି ବର୍ତ୍ତମାନ ଜଗତରେ ପିତା ଏବଂ ମାତା ଦେବି । ମୁଁ ତୁମକୁ ସାଙ୍ଗ ଏବଂ ସହଯୋଗୀ ଦେବି । ଏବଂ ମୁଁ ତୁମକୁ କେବେବି ଛାଡିବି ନାହିଁ, କିଅବା ମୁଁ ତୁମକୁ ପରିତ୍ୟାଗ କରିବି ନାହିଁ । ଯଦିଓ ସମଗ୍ର ଜଗତ ତୁମ ଆଡକୁ ନିଜର ପିଠି କରିଦିଏ, ମୁଁ ମାର୍ଗର ଶେଷ ପର୍ଯ୍ୟନ୍ତ, ତୁମ ସହିତରେ ଯିବି ।"

40 ସେହି ବ୍ୟକ୍ତିଙ୍କ ନିମନ୍ତେ କି ଏକ ଆଶୀଷିତ ସୌଭାଗ୍ୟ ଅଟେ, ଯିଏ ପ୍ରଭୁ ଯୀଶୁଙ୍କୁ ଅନୁସରଣ କରିବାର ସେହି ଆହ୍ୱାନ ପାଇଅଛି, ଯେ ପ୍ରଭୁଙ୍କୁ ଅନୁସରଣ କରିବା ପାଇଁ, ନିଜକୁ ଆପଣାର ସମସ୍ତ ଶାରୀରିକ ସହଯୋଗୀଙ୍କଠାରୁ ପୃଥକ କରେ! ଏବଂ ଯଦି କୌଣସି ବ୍ୟକ୍ତି ନିଜକୁ ସଠିକ୍ ଭାବେ ଆଚରଣ ନ କରୁଥିବା ଭଳି, ଏବଂ ନିଜକୁ ଖ୍ରୀଷ୍ଟିଆନ ଭାବରେ ଉପସ୍ଥାପନ କରୁ ନ ଥିବା ଭଳି ଦେଖାଯାଆନ୍ତି, ମାତ୍ର ଶାରୀରିକ ବିଷୟଗୁଡିକୁ ଭଲ ପାଆନ୍ତି, ତାହାହେଲେ ଆପଣଙ୍କ ପାଇଁ ଏହା ଉତ୍ତମ ହେବ ଯେ ତୁରନ୍ତ ହିଁ ଅନ୍ୟ ସାଥୀକୁ ଖୋଜି ନିଅନ୍ତୁ । ତାହା ଠିକ୍ ଅଟେ । ଏବଂ ଯଦି ଆପଣଙ୍କ ସହିତ କେହି ଚାଲିବେ ନାହିଁ, ତେବେ ସେଠାରେ ଏପରି ଜଣେ ଅଛନ୍ତି ଯିଏକି ଆପଣଙ୍କ ସହିତ ଚାଲିବାକୁ ପ୍ରତିଜ୍ଞା କରିଅଛନ୍ତି । ତାହା ହେଉଛନ୍ତି, ସେହି ଆଶୀଷିତ ପ୍ରଭୁ ଯୀଶୁ, ସେ ଆପଣଙ୍କ ସହିତରେ ଗମନାଗମନ କରିବେ ।

41 ପରମେଶ୍ୱର ଅବ୍ରହାମଙ୍କୁ କହିଥିଲେ, "ଆପଣାକୁ ପୃଥକ କର ।" ଏବଂ ଠିକ ଅବ୍ରହାମ ଯେତିକି ମାନବୀୟ ଥିଲେ, ସେ ନିଜର ପିତାଙ୍କୁ ସଙ୍ଗରେ ଘେନି ଚାଲିଲେ, ସେ ତାଙ୍କ ଭାଇଙ୍କର ପୁତ୍ର, ତାଙ୍କ ପୁତୁରାକୁ ସାଙ୍ଗରେ ନେଇଗଲେ; ସମସ୍ତେ ତାଙ୍କ ସହିତରେ ଲାଗି ରହିଥିଲେ । ଏବଂ ପରମେଶ୍ୱର ତାଙ୍କୁ କଦାପି ଆଶୀର୍ବାଦ କଲେ ନାହିଁ ଯେପର୍ଯ୍ୟନ୍ତକି ସେ ତାହା କଲେ ନାହିଁ ଯାହା ପରମେଶ୍ୱର ତାଙ୍କୁ କରିବାକୁ କହିଥିଲେ ।

42 ମୁଁ ଏହା କହୁ ନାହିଁ ଯେ ଆପଣ ଖ୍ରୀଷ୍ଟିଆନ ନୁହଁନ୍ତି । ଯେ, ମୁଁ କାହାରିକୁ ଅଣଖ୍ରୀଷ୍ଟିଆନକୃତ କରେ ନାହିଁ । ମାତ୍ର ମୁଁ ଏହା କହିବି, ଯେ ଯଦି ପରମେଶ୍ୱର ଆପଣଙ୍କୁ କିଛି କରିବାକୁ କହିଥିଲେ, ତେବେ ଆପଣ ତାହା ନ କରିବା ପର୍ଯ୍ୟନ୍ତ ସେ ଆପଣଙ୍କୁ କଦାପି ଆଶୀର୍ବାଦ କରିବେ ନାହିଁ । ମୁଁ ଆଜି ରାତି ପ୍ରଚାର ମଞ୍ଚ ଉପରେ ସେହି ଜିନିଷଗୁଡ଼ିକ ମଧ୍ୟରୁ ଗୋଟିଏ ମୋତେ ଧରିଥିବା ସହ ରହିଛି । ଗତ ଦୁଇ ବର୍ଷ ଧରି, ମୋର ସଭାଗୁଡ଼ିକ ଯେପରି ହେବା ଉଚିତ୍ ସେହିପରି ହୋଇନାହିଁ । ଏହାର କାରଣ ହେଲା ଯେ ମୁଁ ପ୍ରଭୁଙ୍କୁ ବିଫଳ କରିଅଛି । ସେ ମୋତେ କହିଥିଲେ, "ଆଫ୍ରିକାକୁ ଯାଅ, ଏବଂ ତାହାପରେ ଭାରତକୁ ଯାଅ ।" ଏଠାରେ ତାହା ଠିକ ବର୍ତ୍ତମାନ, ଏହି ପୁସ୍ତକ ପଛରେ, ଠିକ ଏଠାରେ, ଲେଖାହୋଇଛି ।

43 ପ୍ରବନ୍ଧକ ମୋତେ ଡାକିଲେ, କହିଲେ, "ସେହି ଆଫ୍ରିକୀୟମାନଙ୍କୁ ଯିବାକୁ ଦିଅ । ଭାରତ ପ୍ରସ୍ତୁତ ଅଛି ।"

44 ପବିତ୍ରଆତ୍ମା ମୋତେ ସାକ୍ଷାତ କରି, କହିଲେ, "ତୁମେ ସେହିପରି ଭାବରେ ଆଫ୍ରିକାକୁ ଯିବ ଯେପରି ଭାବରେ ମୁଁ ତୁମକୁ ଯିବାକୁ କହିଅଛି ।"

45 ଏବଂ ଆଉ ଏକ ବର୍ଷ ବିତିଗଲା । ଏବଂ ପ୍ରବନ୍ଧକମାନେ...ମୁଁ ଏହା ବିଷୟରେ ଭୁଲିଗଲି । ସେ କହିଲେ, “ଆମେମାନେ ଭାରତକୁ ଯାଉଅଛୁ । ଟିକେଟଗୁଡିକ ଏଠାରେ ଆଗରୁ ରହିଛି ।”

46 ମୁଁ ଆରମ୍ଭ କଲି, ଲିସ୍‌ବନ୍ ପହଞ୍ଚିବା ପର୍ଯ୍ୟନ୍ତ ମୁଁ ଏହାକୁ ଭୁଲିଗଲି । ଦିନେ ରାତିରେ, ତାହା, ମୁଁ ଭାବିଲି ଯେ ମୁଁ ମରୁଅଛି । ପରଦିନ ସକାଳେ ମୁଁ ଆରମ୍ଭ କଲି, ଗାଧୋଇବା ପାଇଁ, ସ୍ନାନଗୃହକୁ ଗଲି । ଓଃ, ମୁଁ ଏତେ ଅସୁସ୍ଥ ଥିଲି, ମୁଁ ବଡ଼ କଷ୍ଟରେ ଛିଡା ହୋଇ ପାରୁଥିଲି । ସେଠାରେ, ସେହି ଜ୍ୟୋତି ସେହି ସ୍ନାନଗୃହରେ ଝୁଲି ରହିଥିଲା, କହିଲା, “ମୁଁ ଭାବେଯେ ମୁଁ ତୁମକୁ କହିଥିଲି, ‘ପ୍ରଥମେ, ଆଫ୍ରିକାକୁ ଯାଅ ।’”

47 ସେହି ସମୟଠାରୁ ମୋର ସଭାଗୁଡ଼ିକ ଧୀରେ ଧୀରେ ବିଫଳ ହେଉଅଛି । ଯଦିଓ ମୁଁ ଭାରତକୁ ଯାଇଥିଲି, ସେଠାରେ ପ୍ରାୟଃ ପାଞ୍ଚ ଲକ୍ଷ ଲୋକମାନେ ଛିଡା ହୋଇଥିଲେ, ମାତ୍ର ଏହା ତାହା କରିବା ନ ଥିଲା ଯାହା ପରମେଶ୍ୱର ମୋତେ କର ବୋଲି କହିଥିଲେ । ମୁଁ ଅନୁଭବ କରୁଛି ଯେ ମୋର ସଭାଗୁଡ଼ିକ ସେପର୍ଯ୍ୟନ୍ତ କଦାପି ସଫଳ ହେବ ନାହିଁ ଯେପର୍ଯ୍ୟନ୍ତକି ମୁଁ ସିଧାସଳଖ ଫେରି ଯାଇ ସେହି ଜିନିଷକୁ ସଠିକ୍ କରି ନ ନିଏ । ଯାଏ ଆସେ ନାହିଁ ଯେ ମୁଁ କଅଣ କରେ, ଏହା ତ ପ୍ରଥମେ, ଆଫ୍ରିକା ଅଟେ, କାରଣ ଆପଣଙ୍କୁ ଏହା କରିବାକୁ ହିଁ ପଡିବ । ସେଠାରେ ପରମେଶ୍ୱରଙ୍କ ଅନନ୍ତ ବାକ୍ୟ, ରହିଅଛି । ମୁଁ ଏହାଠାରୁ ଉତ୍ତମ ଜାଣିଥିଲି । ମାତ୍ର ମୋତେ ଫେରିବାକୁ ପଡିବ । ଏବଂ ମୁଁ ଅନୁଭବ କରୁଛି ଯେ ଏହି ଆଗାମୀ ବର୍ଷ ସେହି ସମୟ ଅଟେ ଯେ ପ୍ରଭୁଙ୍କ ସାହାଯ୍ୟରେ, ମୁଁ ସେହି ଖୋଳରୁ ବାହାରି ଯିବି ।

48 ଏହି ମହିମାମୟ, ପୁରାତନ ସୁସମାଚାର ଯାହାକି ଗୋଟିଏ ଓକ ଗଛ ପରି, ସହଜରେ ବୃଦ୍ଧି ପାଉଅଛି, ମାତ୍ର ମୁଁ ବିଶ୍ୱାସ କରେ ଯେ ସେ ବର୍ତ୍ତମାନ ନିଜର ଶାଖାକୁ ବିସ୍ତାର କରିବା ପାଇଁ ପ୍ରାୟଃ ପ୍ରସ୍ତୁତ ଅଟେ । ମୁଁ ଏହାକୁ, ଏହି ମହାନ ବାର୍ତ୍ତା ଏବଂ ମହାନ ବିଷୟକୁ ବିଶ୍ୱାସ କରେ, ମୁଁ ବିଶ୍ୱାସ କରେ ଯେ ପ୍ରଭୁ ଆମକୁ ପୁନର୍ବାର ପରମେଶ୍ୱରଙ୍କ ମହିମା ପାଇଁ ଜଗତକୁ ଦୋହଲାଇବାକୁ ଦେବେ ।

49 ଆପଣଙ୍କୁ ତ ତାହା କରିବାକୁ ଅଛି ଯାହା ପରମେଶ୍ୱର ଆପଣଙ୍କୁ କରିବାକୁ କହିଛନ୍ତି । ଏବଂ ଅବ୍ରହାମ ଠିକ୍ ବାହାରି ଗଲେ, ନିଜ ସହିତ ତାଙ୍କର ଲୋକମାନଙ୍କୁ ସଙ୍ଗରେ ନେଲେ । ସେ ସେମାନଙ୍କୁ ପ୍ରେମ କରୁଥିଲେ । ତାହା ସେହି ମାନବୀୟ ଭାଗ ଅଟେ । ମାତ୍ର କିଛି ସମୟ ପରେ, ସମୟାନୁକ୍ରମେ, ତାଙ୍କ ପିତାଙ୍କର ମୃତ୍ୟୁ ହେଲା ଏବଂ ସେ ତାଙ୍କୁ କବର ଦେଲେ । ତାହାପରେ ତାଙ୍କର ପୁତୁରା ଥିଲେ, ସେତେବେଳେ କଳି ଝଗଡା ଏବଂ ଯୁକ୍ତିତର୍କଗୁଡିକ ଆସିଲା । ଏବଂ, ଶେଷରେ, ଲୋଟ ନିଜର ପସନ୍ଦକୁ ଗ୍ରହଣ କରି ସଦୋମକୁ ଚାଲିଗଲେ । ଏବଂ ଆପଣ ଅବ୍ରହାମଙ୍କୁ ଲକ୍ଷ୍ୟ କରନ୍ତୁ, ସେ ଲୋଟ ସହିତ ଝଗଡା କଲେ ନାହିଁ । ସେ କହିଲେ, “ଆମେମାନେ ଭାଇ ଅଟୁ । ଆମେ ଯୁକ୍ତି କରିବା ଉଚିତ୍ ନୁହେଁ । ମାତ୍ର ତୁମେ ନିଜର ମସ୍ତକକୁ ଉପରକୁ ଉଠାଅ ଏବଂ ତୁମକୁ ଯେଉଁଆଡକୁ ଯିବାର ଇଚ୍ଛା ହୁଏ ସେଆଡକୁ ଚାଲିଯାଅ । ଯଦି ତୁମେ ପୂର୍ବକୁ ଯିବ, ମୁଁ ପଶ୍ଚିମକୁ ଯିବି । ତୁମେ ଉତ୍ତର ଦିଗକୁ ଯିବ, ମୁଁ ଦକ୍ଷିଣକୁ ଯିବି ।” ତାହା

ହେଉଛି ଖ୍ରୀଷ୍ଟିଆନ ମନୋଭାବ, ଅନ୍ୟ ବ୍ୟକ୍ତିଙ୍କୁ ସର୍ବୋତ୍ତମ ବିଷୟ ଦେବାକୁ ପ୍ରସ୍ତୁତ ରହିବା। ସର୍ବଦା ଏହାକୁ ତାଙ୍କ ନିକଟରେ ଉପସ୍ଥାପନ କର, ତାଙ୍କୁ ନିଜର ପସନ୍ଦ ନେବାକୁ ଦିଅ।

50 ମାତ୍ର କାହିଁକି? କେଉଁ ବିଷୟ ଅବ୍ରହାମକୁ ଏହା କରାଇଲା? ସେ ଜାଣିଥିଲେ ଯେ ସେ ପରମେଶ୍ୱରଙ୍କ ଦ୍ୱାରା ପ୍ରତିଜ୍ଞା କରା ଯାଇଅଛନ୍ତି ଯେ ସେ ଯେକୌଣସି ପ୍ରକାରେ ବି, ସମଗ୍ର ବିଷୟର ଉତ୍ତରାଧିକାରୀ ହେବେ। ଆମେନ୍। ତେଣୁକରି, ତେବେ, ଏକ ତମ୍ବୁ ହେଉ କିମ୍ବା ଏକ କୁଟୀର ହେଉ, ଆମେ କାହିଁକି ବ୍ୟସ୍ତ ହେବା? ସମଗ୍ର ବିଷୟ ତ ଆମର ଅଟେ। "ନମ୍ର ଲୋକମାନେ ଧନ୍ୟ, କାରଣ ସେମାନେ ପୃଥିବୀର ଉତ୍ତରାଧିକାରୀ ହେବେ।" ଏହା ସବୁ ଆମର ଅଟେ। ପରମେଶ୍ୱର ଏହା କହିଛନ୍ତି। ତେଣୁକରି ସେହି ବ୍ୟକ୍ତିଙ୍କୁ ତାର ସର୍ବୋତ୍ତମ ପସନ୍ଦ ଦିଅନ୍ତୁ, ଯଦି ସେ ଚାହାଁନ୍ତି। ହୋଇପାରେ ଯେ ତାହାହିଁ ସବୁକିଛି ଅଟେ ଯାହା ସେ କେବେ ପାଇବେ। ମାତ୍ର ଏହା ସବୁ ଆପଣଙ୍କର ଅଟେ, ପ୍ରତିଜ୍ଞା ଦ୍ୱାରା ପରିତ୍ରାଣର ଉତ୍ତରାଧିକାରୀମାନେ। ଏହା ସବୁକିଛି ଆପଣଙ୍କର ଅଟେ।

51 ତେବେ, ସାରା, ସେହି ଦେଶର ସବୁଠାରୁ ସୁନ୍ଦର ସ୍ତ୍ରୀଲୋକ, ସେ ସେଠାରେ ପାହାଡ ଉପରେ ତାଙ୍କ ସ୍ୱାମୀଙ୍କ ସହିତରେ ବସିଥିଲେ ଯେପରିକି ସେ କରିବା ଉଚିତ୍। ସେ ସାଧାରଣ, ତେବେ, ହୋଇପାରେ ସାଧା କାଲିକୋ ବସ୍ତ୍ର ପିନ୍ଧିଥାଇ ପାରନ୍ତି, କିମ୍ବା ଆପଣ ଏହାକୁ ଯାହା କିଛି ବି ଡାକିବାକୁ ଚାହାଁନ୍ତି। ଯେତେବେଳେକି, ଶ୍ରୀମତୀ ଲୋଟ ଜଣେ କୋଟିପତି ପରି ବସ୍ତ୍ର ପରିଧାନ କରିଥିଲେ। ଏବଂ ତାଙ୍କ ସ୍ୱାମୀ ସେହି ନଗରର ଅଧ୍ୟକ୍ଷ ଥିଲେ। ସେ ତ ଜଣେ ବିଚାରପତି ଥିଲେ ଯିଏକି ଫାଟକ ନିକଟରେ ବସୁଥିଲେ। ତାଙ୍କ ପାଖରେ ସବୁକିଛି ଥିଲା; ସଦୋମ ଓ ଗମରାରେ ଚାଲିଥିବା ସମସ୍ତ ସିଲେଇ ସମୂହ ଏବଂ ତାଶ ଖେଳରେ ଯୋଗ ଦେଇଥିଲେ। ମାତ୍ର ସାରା ତାଙ୍କ ସ୍ୱାମୀଙ୍କ ସହ ସ୍ୱଳ୍ପ ଧନରେ ମଧ୍ୟ ରହିବାକୁ ଅଧିକ ପ୍ରସନ୍ନ ହୋଇଥିଲେ, ଏବଂ ଏହା ଜାଣି ଯେ ସେ ପରମେଶ୍ୱରଙ୍କ ଇଚ୍ଛାରେ ଅଛନ୍ତି, ଏହା ଅପେକ୍ଷା ଯେ ଏକ ଋତୁ ପାଇଁ ଧନକୁ, କିମ୍ବା, ଧନର ପ୍ରାଚୁର୍ଯ୍ୟତାକୁ ଉପଭୋଗ କରନ୍ତେ। ତାହା ଠିକ୍। ସେତେବେଳେ ହିଁ ଅଟେ ଯେତେବେଳେକି ପରମେଶ୍ୱର ପରିଦର୍ଶନ କରନ୍ତି।

52 ଏବଂ ଗୋଟିଏ ଦିନ, ଆପଣ, ଠିକ୍ ଯେତିକି ସୁନିଶ୍ଚିତ ଭାବରେ ଆପଣ ସେହି ଭୁଲ୍ ମାର୍ଗକୁ ଗ୍ରହଣ କରନ୍ତି, ଏହା ଦିନେ ଆପଣଙ୍କୁ ଧରିବାକୁ ଯାଉଅଛି। ଆପଣ ଭାବି ପାରନ୍ତି ଯେ ଆପଣ ସବୁ ବିଷୟକୁ ଠିକ୍ କରିଦେବେ। ଆପଣ ଭାବି ପାରନ୍ତି ଯେ ଆପଣ ରକ୍ଷା ପାଇ ଯାଉଛନ୍ତି, ମାତ୍ର ଆପଣ ନୁହଁନ୍ତି। ଏପରି ମନେହୁଏ ଯେ ଏହା ସବୁ ଆଚ୍ଛାଦିତ ହେଉଅଛି, ମାତ୍ର ଏହା ଆଚ୍ଛାଦିତ ହେଉ ନାହିଁ। ପରମେଶ୍ୱର ସବୁକିଛି ବିଷୟ ଜାଣନ୍ତି। ସେ ଜାଣନ୍ତି ଯେ ଆପଣଙ୍କର ସ୍ୱୀକାରୋକ୍ତି ସହ ପ୍ରକୃତରେ ଆପଣଙ୍କର ଅଭିପ୍ରାୟ ଅଛି କି ନୁହେଁ। ସେ ଜାଣନ୍ତି ଯେ ଆପଣଙ୍କର ଏହା ଦ୍ୱାରା ପ୍ରକୃତରେ ଅଭିପ୍ରାୟ ଅଟେ କି ନାହିଁ ଯେ ଆପଣ ତାହାଙ୍କୁ ବିଶ୍ୱାସ କରନ୍ତି ଏବଂ ଉଦ୍ଧାର ପାଇଛନ୍ତି, ଏବଂ ତାହାଙ୍କୁ ଗ୍ରହଣ କରିଛନ୍ତି, ଏବଂ ଆପଣ ଜଗତର ବିଷୟଗୁଡ଼ିକ ପ୍ରତି ମୃତ ଅଟନ୍ତି, ଏବଂ ଆପଣ ଖ୍ରୀଷ୍ଟଙ୍କଠାରେ ଜୀବିତ ଅଟନ୍ତି। ସେ ତାହା

ଜାଣନ୍ତି ।

53 ତେବେ, ଆମେ ଅବ୍ରହାମଙ୍କୁ ଲକ୍ଷ୍ୟ କରୁ, ମୁଁ ଚାହେଁ ଯେ ଆପଣ ଏହି ବାସ୍ତବିକ ଆତ୍ମାଙ୍କୁ ଲକ୍ଷ୍ୟ କରନ୍ତୁ । ଓଃ, ଏଠାରେ ସେହି ସମଗ୍ର ଆଶୀଷିତ ବିଷୟଟି ଅନୁଗ୍ରହ ଅଟେ । ମୁଁ ଚାହେଁ ଯେ ଆପଣ ବର୍ତ୍ତମାନ ମୋ ସହିତ, ଅଳ୍ପ ସମୟ ପାଇଁ ଯାତ୍ରାପୁସ୍ତକର 14ତମ ପର୍ବରୁ ପାଠ କରନ୍ତୁ ।

54 ତେବେ, ପ୍ରଥମ ବିଷୟ ଯାହା ଘଟିଥିଲା ଯେତେବେଳେ ସେମାନେ ସେଠାରେ ପହଞ୍ଚିଥିଲେ, ଲୋଟ ଅସୁବିଧାରେ ପଡ଼ିଲେ । କାହିଁକି? ସେ ପରମେଶ୍ୱରଙ୍କ ଇଚ୍ଛାରୁ ବାହାରେ ଥିଲେ । ଏବଂ ଯଦି ଆପଣ ପରମେଶ୍ୱରଙ୍କ ଇଚ୍ଛାରେ ରହିଥିବା ସମୟରେ କୌଣସି ଅସୁବିଧାରେ ପଡନ୍ତି, ତେବେ ପରମେଶ୍ୱର ଆପଣଙ୍କୁ ସାହାଯ୍ୟ କରିବେ । ମାତ୍ର ଯଦି ଆପଣ ପରମେଶ୍ୱରଙ୍କ ଇଚ୍ଛାର ବାହାରେ, କୌଣସି ଅସୁବିଧାରେ ପଡନ୍ତି, ତାହାହେଲେ ସେଠାରେ କେବଳ ଗୋଟିଏ କାମ କରିବାକୁ ଅଛି, ଯେ ପୁନର୍ବାର ପରମେଶ୍ୱରଙ୍କ ଇଚ୍ଛାକୁ ଫେରିଆସନ୍ତୁ ।

55 ତେବେ, ସେହି ରାଜାମାନେ ସମସ୍ତେ ଏକାଠି ଏକତ୍ରିତ ହେଲେ, ଏବଂ ସେମାନେ ଏହି ବିଷୟ ହୃଦୟଙ୍ଗମ କଲେ ଯେ ସେଠାରେ ଥିବା ସେହି ସମତଳ ଭୂମିଗୁଡିକ ଉତ୍ତମ ଭାବେ ଜଳସେଚିତ ଅଟେ, ଏବଂ ସେମାନେ କେବଳ ତଳକୁ ଯାଇ ଏହି ଛୋଟ ପୁରୁଣା ସଦୋମ, ଗମରାକୁ ନେଇ ନେବେ, ଅଧିକାର କରି ନେବେ । ଏବଂ ସେମାନେ ତାହା କଲେ । ଏବଂ ଯେତେବେଳେ ସେମାନେ ଯାଇ ତାକୁ ଅଧିକାର କରି ନେଲେ, ସେମାନେ ନିଜ ସଙ୍ଗରେ ଲୋଟକୁ ମଧ୍ୟ ନେଇଗଲେ ।

56 ମୁଁ ଚାହେଁ ଯେ ଆପଣ ଏଠାରେ ଅବ୍ରହାମଙ୍କଭିତରେ ଖ୍ରୀଷ୍ଟଙ୍କର ଆତ୍ମାକୁ ଲକ୍ଷ୍ୟ କରନ୍ତୁ । ତେବେ ସେହି 14ଶ ପଦକୁ ଧ୍ୟାନ ଦିଅନ୍ତୁ ।

> *ସେତେବେଳେ ଅବ୍ରହାମ ଆପଣା ଜ୍ଞାତି ଧରା ହୋଇ*...(ବୁଝିଲେ କି?) ... *ଆପଣା ଜ୍ଞାତି ଧରା ହୋଇଯିବାର ସମାଚାର ଶୁଣିବା ମାତ୍ରକେ, ଯୁଦ୍ଧବିଦ୍ୟାରେ ଶିକ୍ଷିତ ଆପଣା ଗୃହଜାତ, ତିନିଶତ ଅଠର ଜଣ ଲୋକଙ୍କୁ ସଙ୍ଗରେ ଘେନି ଶତ୍ରୁଗଣର ପଛେ ପଛେ, ଦୌଡି ଦାନ ନଗର ପର୍ଯ୍ୟନ୍ତ ଗଲେ ।*

57 ଓଃ, ଅନୁଗ୍ରହର କି ଏକ ଆଶୀଷିତ ବିଚାର! ଅବ୍ରହାମ, ଯେତେବେଳେ ତାଙ୍କ ଭାଇ, ଯଦିଓ ଅନୁଗ୍ରହରୁ ପତିତ ହୋଇ ଯାଇଥିଲା, ଯଦିଓ ଏହି ପଶ୍ଚାଦ୍‌ଗାମୀ ଅବସ୍ଥାରେ ଥିଲା, ଯେତେବେଳେ ସେ ଶୁଣିଲେ ଯେ ଜଗତ ତାକୁ ଧରି ପକାଇଅଛି, ଏବଂ ତାକୁ ବଧ କରିବା ପାଇଁ, ଅଧିକାର କରି ନେଇ ଯାଇଅଛି, ଅବ୍ରହାମ ଖ୍ରୀଷ୍ଟଙ୍କ ଆତ୍ମା ଦ୍ୱାରା କାର୍ଯ୍ୟ କଲେ । ସେ ଆସି ତାଙ୍କ ଘରେ ଜନ୍ମ ହୋଇଥିବା ଯୁଦ୍ଧବିଦ୍ୟାରେ ଶିକ୍ଷିତ ସମସ୍ତ ଲୋକଙ୍କୁ ନେଲେ, ଏବଂ ସେମାନଙ୍କ ପଛେ ପଛେ, ଦୌଡି ଦାନ ନଗର ପର୍ଯ୍ୟନ୍ତ ଗଲେ । ଏବଂ ଦାନ ନଗର ପାଲେଷ୍ଟାଇନର ସବୁଠୁ ଶେଷ ଭାଗରେ ଅଟେ, "ଦାନରୁ ବେର-ଶେବା," ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ । ଏବଂ ଏହା ଖ୍ରୀଷ୍ଟଙ୍କର ଏକ ପ୍ରତିରୂପ ଅଟେ, ଯେତେବେଳେ ସେ

ଦେଖିଲେ ଯେ ଜଗତ ନେଇ ଯାଇଅଛି…ପତିତ ହୋଇଯାଇଥିଲା, ଯେ ସେ ଶେଷ ପର୍ଯ୍ୟନ୍ତ ଶତ୍ରୁକୁ ଗୋଡ଼ାଇଲେ, ଯେପରିକି ଆଦମଙ୍କ ପତିତ ଜାତିକୁ ଫେରାଇ ଆଣନ୍ତି ।

58 ମୁଁ ଚାହେଁ ଯେ ଆପଣ ପରବର୍ତ୍ତୀ ପଦକୁ ଲକ୍ଷ୍ୟ କରନ୍ତୁ, ଆତ୍ମା କିପରି ତାଙ୍କ ମାଧ୍ୟମରେ କେତେ ମଧୁର ଭାବରେ କଥା ହୁଅନ୍ତି । ଠିକ ଅଛି, ତେବେ 15ତମ ପଦ ।

*ଆଉ, (ସବୁ) ସମ୍ପତ୍ତି ଓ ଆପଣାର ଜ୍ଞାତି ଲୋଟ ଓ ତାଙ୍କର ସମ୍ପତ୍ତି, ପୁଣି ସ୍ତ୍ରୀଗଣ, ଓ ଲୋକସମୂହକୁ, ବାହୁଡ଼େଇ ଆଣିଲେ ।*

59 ଯେତେବେଳେ ଅବ୍ରହାମ ନିଜ ଭାଇକୁ ନେଇ ଯାଇଥିବା ସେହି ଶତ୍ରୁକୁ ଗୋଡାଇଲେ, ସେ ସମଗ୍ର ଦେଶ ସାରା ଠିକ ଦାନ ପର୍ଯ୍ୟନ୍ତ, ତାଙ୍କୁ ଅନୁସରଣ କଲେ, ଏବଂ ଯାହା ସବୁ ସେ ହରାଇଥିଲେ ସେସବୁ ଫେରାଇ ଆଣିଲେ ।

60 ତାହା ଖ୍ରୀଷ୍ଟଙ୍କର କି ଏକ ସୁନ୍ଦର ଚିତ୍ରଣ ଅଟେ, ଯିଏକି ସ୍ୱର୍ଗରୁ ଏହା ଶୁଣିଲେ ଯେ ଆମେ ବିନଷ୍ଟ ହୋଇ ଯାଇଅଛୁ ଏବଂ ଆସି ଶତ୍ରୁକୁ ସୀଧା ନରକ ପର୍ଯ୍ୟନ୍ତ, ଗୋଡ଼ାଇଲେ, ଏବଂ ହଜି ଯାଇଥିବା ପ୍ରାଣଗୁଡିକୁ ଅଧିକାରରେ ନେଲେ ଏବଂ ଆମମାନଙ୍କୁ ଫେରାଇ ଆଣିଲେ ଓ ସେସମସ୍ତ ବିଷୟକୁ ପୁନଃସ୍ଥାପିତ କଲେ ଯାହା ଆମ ପାଖରେ ପତ୍ତନ ପୂର୍ବରୁ ରହିଥିଲା! ଆମେମାନେ, ପଶ୍ଚାଦଗମନକାରୀମାନେ, ଆମେମାନେ ଯେଉଁମାନେକି ପରମେଶ୍ୱରଙ୍କ ପୁତ୍ରଗଣ ହେବା ପାଇଁ ଜନ୍ମ ହୋଇଥିଲୁ, ଯେଉଁମାନଙ୍କୁ ଶୟତାନର ପୁତ୍ରଗଣରେ ବିକୃତ କରା ଯାଇଥିଲା, ଏବଂ ପ୍ରସ୍ତୁତ କରା ଯାଇଥିଲା…ଜଗତର ବିଷୟଗୁଡିକୁ ଅନୁସରଣ କରୁଥିଲୁ, ଏବଂ ଭୁଲ୍ କରୁଥିଲୁ, ଏବଂ ଲୋଭରେ ଦୌଡ଼ି ଯାଇଥିଲୁ ଯେପରିକି ଲୋଟ କରିଥିଲା, ଆମର ଜନ୍ମସିଦ୍ଧ ଅଧିକାରଗୁଡିକୁ ବିକ୍ରୟ କରି ଜଗତର ବିଷୟଗୁଡିକ ପଛରେ ଅନୁସରଣ କରିଥିଲୁ । ଖ୍ରୀଷ୍ଟ ତଳକୁ ଓହ୍ଲାଇ ଆସିଲେ । ଯଦିଓ ପତିତ; ପରମେଶ୍ୱର, ଆରମ୍ଭରେ ଜାଣିଥିଲେ ଯେ କିଏ ଉଦ୍ଧାର ପାଇବ ଏବଂ କିଏ ପାଇବ ନାହିଁ, ତେଣୁକରି ତଳକୁ ଓହ୍ଲାଇ ଆସିଲେ ଏବଂ ଶତ୍ରୁକୁ ଜୀବନ ମାଧ୍ୟମରେ, ମୃତ୍ୟୁ ମାଧ୍ୟମରେ, ପାରଦୀଶ ମାଧ୍ୟମରେ, ନରକ ମଧ୍ୟକୁ ଅନୁସରଣ କଲେ । ଏବଂ ଠିକ ମହିମାରୁ ନେଇ ନରକ ପର୍ଯ୍ୟନ୍ତ ସମସ୍ତ ମାର୍ଗରେ, ଏବଂ ନରକର ସେହି—ସେହି ଶକ୍ତିକୁ ଦଖଲ କଲେ, ଏବଂ ଶୟତାନଠାରୁ ଚାବିକାଠିକୁ ନେଇ ନେଲେ, ଏବଂ ପୁନର୍ବାର ଉଠି ଆସିଲେ, ଏବଂ ମାନବଜାତିକୁ ପୁନଃସ୍ଥାପିତ କଲେ, ଯେପରିକି ସେ ପୁନର୍ବାର ପରମେଶ୍ୱରଙ୍କ ପୁତ୍ର ଓ କନ୍ୟା ହୋଇପାରନ୍ତି ।

61 କଅଣ ସେଠାରେ ଅବ୍ରହାମଙ୍କ ଭିତରେ ସେହି ଆତ୍ମାକୁ, ଖ୍ରୀଷ୍ଟଙ୍କର ଆତ୍ମାକୁ ତାଙ୍କ ସହିତରେ ଆସୁଥିବାର ଦେଖନ୍ତି କି?

62 ତେବେ ମୁଁ ଚାହେଁ ଯେ ଆପଣ ଆଉ ଟିକିଏ ଆଗକୁ ଧ୍ୟାନ ଦିଅନ୍ତୁ, ଯେତେବେଳେକି ଆମେମାନେ ପାଠ କରୁ ।

*ଏହିରୂପେ ଅବ୍ରାମ କଦର୍ଲାୟୋମରାକୁ ଓ ତାଙ୍କର ସହାୟ ରାଜାଗଣକୁ ଜୟ କରି ବାହୁଡିଲା ଉତ୍ତାରେ, ସଦୋମର ରାଜା ତାଙ୍କ ସହିତ, ସାକ୍ଷାତ…କରିବାକୁ…*

*ଶାବୀ ପଦା, ଅର୍ଥାତ୍, ରାଜାର ପଦାକୁ ଗମନ କଲେ ।*

63 ସେମାନେ ବାହାରି ଗଲେ । ସଦୋମର ରାଜାଙ୍କୁ ଫେରାଇ ଅଣାଗଲା । ତାଙ୍କ ଭାଇଙ୍କୁ ଫେରାଇ ଅଣାଗଲା । ସନ୍ତାନମାନଙ୍କୁ ଫେରାଇ ଅଣାଗଲା । ଏବଂ ଏଠାରେ ରାଜାମାନେ ତାଙ୍କୁ ସାକ୍ଷାତ କରିବାକୁ ବାହାରି ଗଲେ । ଏବଂ, ଆହୁରି ମଧ୍ୟ, ଏଠାରେ ହିଁ ତାହା ଅଟେ ଯେଉଁଠାରେକି ମୁଁ, ବର୍ତ୍ତମାନ ବାର୍ତ୍ତା ନିକଟକୁ ପହଞ୍ଚିବାକୁ ଚାହୁଁଛି । ଏଠାରେ ଦେଖନ୍ତୁ ।

> *ପୁଣି—ପୁଣି ଶାଲମର ରାଜା ମଲ୍‌କୀଷେଦକ* (ଯିରୁଶାଲମର ରାଜା, ଶାନ୍ତିର ରାଜା) *ରୋଟୀ ଓ ଦ୍ରାକ୍ଷାରସ ଘେନି ଆସିଲେ: ସେ ସର୍ବୋପରିସ୍ଥ ପରମେଶ୍ୱରଙ୍କର ଯାଜକ ।*

> *ସେ ଅବ୍ରାମଙ୍କୁ ଆଶୀର୍ବାଦ କରି, କହିଲେ,* ଅବ୍ରହାମ *ସ୍ୱର୍ଗ ଓ ପୃଥିବୀର ଅଧିକାରୀ, ସର୍ବୋପରିସ୍ଥ ପରମେଶ୍ୱର ଆଶୀର୍ବାଦପ୍ରାପ୍ତ ହେଉନ୍ତୁ!*

64 ଶାଲେମର ରାଜା, ମଲ୍‌କୀଷେଦକ, ମଧ୍ୟ ଅନ୍ୟ ରାଜାମାନଙ୍କ ମଧ୍ୟରେ ନିଜକୁ ପ୍ରତିନିଧିତ୍ୱ କଲେ । ଏବଂ ଧ୍ୟାନ ଦିଅନ୍ତୁ, ଯୁଦ୍ଧ ସମାପ୍ତ ହେଲା, ଅବ୍ରହାମଙ୍କଠାରେ ଥିବା ପରମେଶ୍ୱରଙ୍କ ଆତ୍ମା, ଖ୍ରୀଷ୍ଟଙ୍କ ଆତ୍ମା, ଯିଏକି ନିଜର ପତିତ ଭାଇକୁ ଫେରାଇ ଆଣିଥିଲେ, ତାହାପରେ ତାକୁ ତାଙ୍କର ଯଥୋଚିତ ଅବସ୍ଥାକୁ ଫେରାଇ ଆଣିଲେ, ଯାହା ସବୁ ସେ ହରାଇଥିଲେ । ସେ ଏହାକୁ ଫେରାଇ ଆଣିଥିଲେ । ଏବଂ ଯେତେବେଳେ ସେ ତାହା କଲେ, ସେ ରୋଟୀ ଓ ଦ୍ରାକ୍ଷାରସ, ସେହି ପ୍ରଭୁଭୋଜକୁ ଘେନି ଆସିଲେ । କଅଣ ଆପଣ ଦେଖିପାରୁ ନାହାଁନ୍ତି ଯେ ସେହି ମଲ୍‌କୀଷେଦକ କିଏ ଥିଲେ? ଏହା ପରମେଶ୍ୱର ଥିଲେ । ଯୁଦ୍ଧ ପରେ, ପ୍ରଭୁଭୋଜକୁ ଘେନି ଆସିଥିଲେ ।

65 ବର୍ତ୍ତମାନ, ଆସନ୍ତୁ ଆମେମାନେ ପୁନର୍ବାର, ମାଥିଉ 26:26 କୁ ଫେରିଯିବା, ଠିକ୍ ଶୀଘ୍ର, ଏବଂ ଦେଖିବା ଯେ ଯୀଶୁ ଏଠାରେ ତାହା ବିଷୟରେ କଅଣ କହନ୍ତି । ମାଥିଉ ପୁସ୍ତକ, ତାର 26ତମ ପର୍ବ ଏବଂ ସେହି 26ତମ ପଦ ମଧ୍ୟ, ଆମେମାନେ ଏଠାରେ ଅଳ୍ପ ଟିକିଏ କିଛି ପାଠ କରିବାକୁ ଚାହୁଁ । ଠିକ ଅଛି, ମାଥିଉ 26:26 ।

> *ଏଥିଉତ୍ତାରେ ଯୀଶୁ ଆପଣା ଶିଷ୍ୟମାନଙ୍କ ସହିତ* ଗୋଲଗୋଥା, ଗୋଲଗୋଥା, କିମ୍ବା *ଗେଥଶିମାନୀ ନାମକ ଗୋଟିଏ ସ୍ଥାନକୁ ଯାଇ,* (ମୋର କହିବାର ଅର୍ଥ,) ଆପଣା *ଶିଷ୍ୟମାନଙ୍କୁ* କହିଲେ, *"ମୁଁ ସେଠାକୁ ଯାଇ* ପ୍ରାର୍ଥନା କରୁଥିବା ପର୍ଯ୍ୟନ୍ତ, *ତୁମ୍ଭେମାନେ ଏଠାରେ ବସିଥାଅ ।*

66 ମୁଁ ଭାବେ ମୁଁ ଭୁଲ ଶାସ୍ତ୍ରାଂଶ ପାଇଅଛି । ମାଥିଉ, ତାର କୋଡ଼ିଏ-...26ତମ ପର୍ବର 26ତମ ପଦ । ଯଦି କେହି ତାହା ପାଇଅଛନ୍ତି, ତେବେ ତାହାକୁ ମୋ ପାଇଁ ପାଠ କରି ଦିଅନ୍ତୁ, ଯଦି ଆପଣ—ଯଦି ଆପଣ ତାହା ପାଇ ପାରିଛନ୍ତି । ମାତ୍ର ଗୋଟିଏ ମିନିଟ୍ । ଏଠାରେ ଏହା ଏକ ସୁନ୍ଦର ପ୍ରତିରୂପ ଅଟେ । ମୁଁ ଚାହେଁ ନାହିଁ ଯେ ଆପଣ ଏଥିରୁ ବଞ୍ଚିତ ହୁଅନ୍ତୁ । ଆମେମାନେ ଏଠାରେ ଅଛୁ । ଭଉଣୀ, ତାହା ପାଇଛନ୍ତି ।

*ଆଉ ସେମାନେ ଭୋଜନ କରୁଥିବା ସମୟରେ, ଯୀଶୁ ରୋଟୀ ଘେନି, ଆଶୀର୍ବାଦ କଲେ,...*

ଏହା କଅଣ ଥିଲା? ଯୁଦ୍ଧ ସମାପ୍ତ ହୋଇ ଯାଇଥିଲା ।

*...ତାହା ଭାଙ୍ଗି,* ଆପଣା *ଶିଷ୍ୟମାନଙ୍କୁ, ଦେଇ କହିଲେ, ନିଅ,* ଏବଂ *ଭୋଜନ କର; ଏହା ମୋହର ଶରୀର ।*

67 କଅଣ ସେହି ମଲକୀଷେଦକଙ୍କୁ ଦେଖୁଛନ୍ତି କି? ଶହ ଶହ ବର୍ଷ ପୂର୍ବେ, ଯେତେବେଳେ ସେ ଅବ୍ରହାମଙ୍କୁ ଭେଟିଥିଲେ, ଯୁଦ୍ଧ ସମାପ୍ତ ହେବା ପରେ, ସେ ରୋଟୀ ଏବଂ ଦ୍ରାକ୍ଷାରସ ଦେଇଥିଲେ । ଏବଂ ଯୀଶୁଙ୍କର ଏଠାରେ କଠିନ ଯୁଦ୍ଧ ସମାପ୍ତ ହେବା ପରେ, ସେ ତାହାଙ୍କର ଶିଷ୍ୟମାନଙ୍କୁ ଦିଅନ୍ତି, ସେ ସେମାନଙ୍କୁ ରୋଟୀ ଏବଂ ଦ୍ରାକ୍ଷାରସ ଦେଲେ । ଦେଖନ୍ତୁ । ଆଗାମୀ ବିଷୟ ଆସୁଥିବାର ଦେଖନ୍ତୁ ।

*ପୁଣି ସେ ପାନପାତ୍ର ଘେନି, ଏବଂ—ଏବଂ ଧନ୍ୟବାଦ ଦେଲେ, ଓ ସେମାନଙ୍କୁ ଦେଇ, କହିଲେ, ଏଥିରୁ ସମସ୍ତେ ପାନ କର;*

*କାରଣ ଯେଉଁ ନିୟମର ରକ୍ତ ଅନେକଙ୍କ ନିମନ୍ତେ* ପାପ ଏବଂ *ପାପକ୍ଷମା... ଉଦ୍ଦେଶ୍ୟରେ ପାତିତ ହୋଇଅଛି, ଏ ମୋହର ସେହି ରକ୍ତ ।*

*କିନ୍ତୁ ମୁଁ ତୁମ୍ଭମାନଙ୍କୁ କହୁଅଛି, ଯେଉଁ ଦିନ ମୁଁ ଆପଣା ପିତାଙ୍କ ରାଜ୍ୟରେ ତୁମ୍ଭମାନଙ୍କ ସହିତ ନୂଆ କରି ଦ୍ରାକ୍ଷାଫଳର ସେହି ରସ ପାନ ନ କରିବି, ସେହି ଦିନ ପର୍ଯ୍ୟନ୍ତ ଆଜିଠାରୁ ଏହା କେବେହେଁ ପାନ କରିବି ନାହିଁ ।*

68 ଆମେମାନେ ବର୍ତ୍ତମାନ ଏକ ଯୁଦ୍ଧରେ ଅଛୁ । ଆମେମାନେ ଆମର ପତିତ ଭାଇଙ୍କ ପଛରେ ଗୋଡାଉ ଅଛୁ, ଯାହାକୁ ପରମେଶ୍ୱର, ଜଗତ ପତ୍ତନାବଧି ପୂର୍ବରୁ, ଦେଖିଥିଲେ ଏବଂ ଅନନ୍ତ ଜୀବନ ନିମନ୍ତେ ପୂର୍ବରୁ ନିରୂପିତ କରିଥିଲେ । ଆଉ ସେହି ଜଗତର ବିଷୟବସ୍ତୁଗୁଡାକ ତାଙ୍କୁ ଏକ ଚକ୍ରବାତରେ ଧରି ପକାଇଅଛି । ସେ ସମାଜଗୁଡିକରେ ଏବଂ ଶ୍ରେଣୀଗୁଡିକରେ ସମ୍ପୃକ୍ତ ଅଛନ୍ତି, ସେ ଏବଂ ତାଙ୍କର ପତ୍ନୀ, ମାର୍ଗରେ ଉପର ଓ ତଳ ଯାଉଅଛନ୍ତି, ଧୂମପାନ ଏବଂ ମଦ୍ୟପାନ କରୁଅଛନ୍ତି ଏବଂ ମତୁଆଲା ହେଉଛନ୍ତି, ଶାନ୍ତି ପାଇବାକୁ ଚେଷ୍ଟା କରୁଛନ୍ତି । ଏବଂ ଆମ ଭିତରେ ଥିବା ଖ୍ରୀଷ୍ଟଙ୍କ ଆତ୍ମା, ଯେପରିକି ତାହା ଅବ୍ରହାମଙ୍କ ଭିତରେ ଥିଲା, ଆମେମାନେ ତାଙ୍କ ପଛେ ପଛେ ଗୋଡାଇଅଛୁ । ପରମେଶ୍ୱରଙ୍କ ସମସ୍ତ ଅସ୍ତ୍ରଶସ୍ତ୍ର ସହିତ, ପରମେଶ୍ୱରଙ୍କ ଦୂତମାନେ ଛାଉଣି କରିଥିବା ସହିତ, ଆମେମାନେ ଆମର ପତିତ ଭାଇଙ୍କୁ ଫେରାଇ ଆଣିବା ପାଇଁ ଯାଇଅଛୁ ।

69 ଏବଂ ଯେତେବେଳେ ଶେଷରେ ସେହି ଯୁଦ୍ଧ ସମାପ୍ତ ହୁଏ, ଆମେମାନେ ପୁଣିଥରେ ମଲ୍‌କୀଷେଦକଙ୍କୁ ଭେଟିବା, ପରମେଶ୍ୱର ଧନ୍ୟ ହେଉନ୍ତୁ, ଯିଏକି ଅବ୍ରହାମଙ୍କୁ ସେଠାରେ ଆଶୀର୍ବାଦ କରିଥିଲେ, ଏବଂ ତାଙ୍କୁ ଆଶୀର୍ବାଦ ଦେଇଥିଲେ, ଏବଂ ତାଙ୍କୁ ରୋଟୀ ଓ ଦ୍ରାକ୍ଷାରସ, ସେହି ପ୍ରଭୁଭୋଜକୁ ଦେଇଥିଲେ । ଏବଂ ଯେତେବେଳେ ଯୁଦ୍ଧ ସମାପ୍ତ ହୁଏ, ଆମେମାନେ

ତାହାଙ୍କୁ ଭେଟିବା । ଆମେମାନେ ଯେଉଁମାନେକି ଅବ୍ରହାମଙ୍କ ପ୍ରତିଜ୍ଞାର ଉତ୍ତରାଧିକାରୀ ଅଟୁ, ରାଜ୍ୟରେ ଖ୍ରୀଷ୍ଟଙ୍କ ସହ ମିଳିତ ଉତ୍ତରାଧିକାରୀ ଅଟୁ, ମାର୍ଗର ଶେଷରେ ତାହାଙ୍କୁ ଭେଟିବା, ଏବଂ ପୁନର୍ବାର, ଯୁଦ୍ଧ ଶେଷ ହେବା ପରେ, ରୋଟୀ ଓ ଦ୍ରାକ୍ଷାରସ ଗ୍ରହଣ କରିବା ।

70 ଏହି ମଲ୍‌କୀଷେଦକ କିଏ? "ସେହି ଜଣକା ଯାହାର କୌଣସି ପିତା ନ ଥିଲେ, କୌଣସି ମାତା ନ ଥିଲେ, ଆୟୁର ଆରମ୍ଭ କିମ୍ବା ଜୀବନର ସମାପ୍ତି ନ ଥିଲା ।" ସେ ପୁନର୍ବାର ପ୍ରଭୁଭୋଜ ଦେବା ପାଇଁ ସେଠାରେ ରହିବେ । କଅଣ ଆପଣ ଏହା ବୁଝିଲେ କି?

71 ଯେତେବେଳେ ଆମେମାନେ ନିର୍ଦ୍ଦିଷ୍ଟ ରାତିରେ, ଟାଣି ହୋଇ ଆସିଥାଉ, ଯେତେବେଳେ ଆମେମନେ ଏକାଠି ଆସି ସେବକଗଣଙ୍କ ହାତରୁ ପ୍ରଭୁଭୋଜ ନେଇଥାଉ, ଯାହାକି ଏହା ପ୍ରଦର୍ଶିତ କରେ ଯେ ଆମେ ପ୍ରଭୁ ଯୀଶୁଙ୍କର ମୃତ୍ୟୁ, ସମାଧି ଏବଂ ପୁନରୁତ୍ଥାନରେ ବିଶ୍ୱାସ କରୁ, ଯେ ସେହି ଆବରଣ, ତାଙ୍କ ଶରୀର ଯେଉଁଥିରେ ସେ ଆବୃତ ହୋଇଥିଲେ, ପରମେଶ୍ୱର, ଆମେ ଏହାକୁ ଏକ ପ୍ରତିନିଧୀ ଭାବରେ, ଗ୍ରହଣ କରୁ, "ଆମେମାନେ ଜଗତର ବିଷୟଗୁଡ଼ିକ ପ୍ରତି ମୃତ ଅଟୁ, ଏବଂ ଆତ୍ମାଙ୍କଠାରୁ ନୂତନ ଭାବେ ଜନ୍ମ ହୋଇଅଛୁ ।" ଏବଂ ଆମେ ସମସ୍ତ ବିଶ୍ୱାସୀମାନେ ଏକତ୍ର ହୋଇ, ଖ୍ରୀଷ୍ଟଙ୍କ ଶରୀର ସହିତ ଗମନାଗମନ କରୁ ।

72 ଯେତେବେଳେ ସେହି ମହାନ ଯୁଦ୍ଧ ସମାପ୍ତ ହୁଏ, ଏବଂ ଆମେ ପୁନର୍ବାର ଖ୍ରୀଷ୍ଟଙ୍କ ସହିତରେ ଆସୁ, ସେତେବେଳେ ଆମେ ପରମେଶ୍ୱରଙ୍କ ରାଜ୍ୟରେ, ତାହାଙ୍କ ସହିତ ନୂତନ ଭାବେ ପ୍ରଭୁଭୋଜ ଗ୍ରହଣ କରିବା; ଏବଂ ମାଂସ ଭୋଜନ କରିବା, ଏବଂ ପରମେଶ୍ୱରଙ୍କ ରାଜ୍ୟରେ, ପୁନର୍ବାର ଦ୍ରାକ୍ଷାରସର ରକ୍ତ ପାନ କରିବା । ଓଃ! ସେଠାରେ ସେହି ମଲ୍‌କୀଷେଦକ ଅଛନ୍ତି । ତାହାହିଁ ସେ ଯାହାକି ସେ ଅଟନ୍ତି ।

73 ତେବେ ଆସନ୍ତୁ ଆମେମାନେ ଏଠାରେ ତାହାଙ୍କ ବିଷୟରେ ଅଳ୍ପ ଟିକିଏ ଆଗକୁ ପାଠ କରିବା, ଏବଂ 1୪ତମ ପଦ ।

> *ପୁଣି ଶାଲମର ରାଜା ମଲ୍‌କୀଷେଦକ ରୋଟୀ ଓ ଦ୍ରାକ୍ଷାରସ ଘେନି ଆସିଲେ:...(କଅଣ ଆପଣ ଏହା ବୁଝିଲେ କି?)...ସେ ସର୍ବୋପରିସ୍ଥ ପରମେଶ୍ୱରଙ୍କର ଯାଜକ ।*
>
> *ସେ ଅବ୍ରାମଙ୍କୁ ଆଶୀର୍ବାଦ କରି, କହିଲେ, ଅବ୍ରାମ ସ୍ୱର୍ଗ ଓ ପୃଥିବୀର ଅଧିକାରୀ, ସର୍ବୋପରିସ୍ଥ ପରମେଶ୍ୱରଙ୍କର ଆଶୀର୍ବାଦ ପାତ୍ର ହେଉନ୍ତୁ:*
>
> *ଏବଂ ସେ ତାଙ୍କୁ ଆଶୀର୍ବାଦ କଲେ,...ଏବଂ ସେ ଆଶୀର୍ବାଦ...*
>
> *ସର୍ବୋପରିସ୍ଥ ପରମେଶ୍ୱର ଧନ୍ୟ ହେଉନ୍ତୁ, ସେ ତୁମ୍ଭର ଶତ୍ରୁଗଣଙ୍କୁ ତୁମ୍ଭ ହସ୍ତରେ ସମର୍ପଣ କଲେ । ସେତେବେଳେ ସେ ସବୁ ଦ୍ରବ୍ୟର ଦଶମାଂଶ ତାଙ୍କୁ ଦେଲେ ।*

ସେ ମଲ୍‌କୀଷେଦକଙ୍କୁ ଦଶମାଂଶ ଦେଲେ । ଅବ୍ରହାମ ତାଙ୍କୁ ଲୁଟଦ୍ରବ୍ୟର ଏକ ଦଶମାଂଶ ଦେଲେ ।

74 ତେବେ ମୁଁ ଚାହେଁ ଯେ ଆପଣ ଏଠାରେ ଲକ୍ଷ୍ୟ କରନ୍ତୁ ଯେତେବେଳେ ପାଉଲ ଆଗକୁ ଯାଆନ୍ତି, ଏବଂ ଆଗାମୀ ପାଠ ନିମନ୍ତେ ବର୍ତ୍ତମାନ ଏକ ପୃଷ୍ଠଭୂମି ପ୍ରଦାନ କରନ୍ତି ।

*ଅନନ୍ତର ସଦୋମର ରାଜା ଅବ୍ରହାମଙ୍କୁ କହିଲେ, ତୁମ୍ଭେ ସମସ୍ତ ସମ୍ପତ୍ତି ନିଅ, ମାତ୍ର ମନୁଷ୍ୟସକଳ ଆମ୍ଭଙ୍କୁ ଦିଅ ।*

ତେବେ ସଦୋମର ରାଜା କହିଲେ, "ବର୍ତ୍ତମାନ, ତୁମେ ମୋତେ କେବଳ ମୋର ଲୋକମାନଙ୍କୁ ଫେରାଇ ଦିଅ, ଏବଂ ସମ୍ପତ୍ତିଗୁଡ଼ିକୁ ତୁମେ ନିଜ ପାଇଁ ନେଇ ନିଅ ।"

*ତହିଁରେ ଅବ୍ରହାମ ସଦୋମର ରାଜାକୁ ଉତ୍ତର କଲେ, ମୁଁ ସ୍ୱର୍ଗ ଓ ପୃଥିବୀର ଅଧିକାରୀ,* ***ସଦାପ୍ରଭୁ*** *ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ମୋର ହସ୍ତ ଉଠାଇ କହିଅଛି ଯେ...*

*ଏଲ୍ ଏଲିୟୋନ୍*, "ସ୍ୱର୍ଗ ଓ ପୃଥିବୀର ଅଧିକାରୀ," ସେଠାରେ ।

*...ସ୍ୱର୍ଗ ଓ ପୃଥିବୀର ଅଧିକାରୀ, ସଦାପ୍ରଭୁ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ହସ୍ତ ଉଠାଇ କହିଅଛି,*

*ଯେ ମୁଁ ତୁମ୍ଭର କିଛି ନେବି ନାହିଁ ଖଣ୍ଡିଏ ସୂତା କି ଜୁତାର ବନ୍ଧନୀ ହିଁ ନେବି ନାହିଁ,...*

ସେ ଏତେ ବଡ଼ ଏକ ଅଭିଯାନ ଟଙ୍କା ନେବା ପାଇଁ କରି ନ ଥିଲା । ସେ ତ କେବଳ ତାଙ୍କର ପତିତ ଭାଇକୁ ଚାହିଁଥିଲେ ।

*...ମୁଁ ତୁମ୍ଭର କୌଣସି ଜିନିଷ ନେବି ନାହିଁ, ପଛେ ଅବା ତୁମ୍ଭେ କହିବ, ଆମ୍ଭେ ଅବ୍ରହାମଙ୍କୁ ଧନବାନ୍ କରିଅଛୁ:*

*କେବଳ ମୋହର ଯୁବା ଲୋକମାନେ ଯାହା ଭୋଜନ କରିଅଛନ୍ତି ତାହା ନେବି, ପୁଣି ମୋହର ଯେଉଁ ସହାୟଗଣ ସଙ୍ଗରେ ଯାଇଥିଲେ,...*

75 ତେବେ, ମୁଁ ଚାହେଁ ଯେ ଆପଣମାନେ ଏହା ଧ୍ୟାନ ଦିଅନ୍ତୁ, ଅବ୍ରହାମ କହିଲେ, "ମୁଁ ଖଣ୍ଡିଏ ସୂତା କି ଜୁତାର ବନ୍ଧନୀ ହିଁ ନେବି ନାହିଁ ।" ସେ ଏତେ ଅଧିକ ଟଙ୍କା ଅର୍ଜନ କରିବା ପାଇଁ, ଯୁଦ୍ଧ କରି ନ ଥିଲେ । ଏବଂ ପ୍ରକୃତ ବାସ୍ତବିକ ଯୁଦ୍ଧଗୁଡ଼ିକ ସ୍ୱାର୍ଥପର ଉଦ୍ଦେଶ୍ୟରେ କରାଯାଏ ନାହିଁ । ଟଙ୍କା ପାଇଁ ଯୁଦ୍ଧଗୁଡ଼ିକ ଲଢ଼ାଯାଏ ନାହିଁ । ଯୁଦ୍ଧଗୁଡ଼ିକ ତ ଉଦ୍ଦେଶ୍ୟ ପାଇଁ—ପାଇଁ, ନୀତିଗୁଡ଼ିକ ପାଇଁ ଲଢ଼ା ଯାଇଥାଏ । ପୁରୁଷମାନେ ନୀତି ପାଇଁ ଯୁଦ୍ଧ କରନ୍ତି । ଏବ ଯେତେବେଳେ ଅବ୍ରହାମ ଲୋଟକୁ ଆଣିବା ନିମନ୍ତେ ବାହାରି ଗଲେ, ସେ ଏଇଥି ପାଇଁ ଯାଇ ନ ଥିଲେ ଯେ ସେ ଏହା ଜାଣିଥିଲେ ଯେ ସେ ରାଜାମାନଙ୍କୁ ହରାଇ ଦେଇ ପାରିବେ ଓ ସେମାନଙ୍କର ସମସ୍ତ ସମ୍ପତ୍ତିକୁ ଅଧିକାର କରି ନେଇପାରିବେ, ମାତ୍ର ସେ ତ ସେହି ନୀତି "ନିଜ ଭାଇକୁ ରକ୍ଷା କରିବା" ପାଇଁ ବାହାରିଥିଲେ ।

76 ଏବଂ ଯେକୌଣସି ସେବକ ଯାହାଙ୍କୁ ସ୍ୱର୍ଗର ରାଜାଙ୍କ ପ୍ରେରଣା ଅଧୀନାରେ ପଠାଯାଇଥାଏ, ସେ ଟଙ୍କା ପାଇଁ ଯିବେ ନାହିଁ; କିଅବା ସେ ବଡ଼ ବଡ଼ ମଣ୍ଡଳୀ ନିର୍ମାଣ କରିବାକୁ ଯିବେ ନାହିଁ, ଅବା ସେ ନାମଧାରୀ ସଂସ୍ଥାଗୁଡିକୁ ଅନୁପ୍ରାଣିତ କରିବାକୁ ଯିବେ ନାହିଁ। ସେ ତ କେବଳ ଗୋଟିଏ ନୀତି ପାଇଁ ଯିବେ, ଏବଂ ତାହା ହେଉଛି, "ଆପଣା ପତିତ ଭାଇଙ୍କୁ ଫେରାଇ ଆଣିବାକୁ।" ଯଦିଓ ସେ ନୈବେଦ୍ୟରେ ଗୋଟିଏ ପଇସା ପାଆନ୍ତି କିମ୍ଵା ସେ ନ ପାଆନ୍ତି, ଏଥିରେ ତାଙ୍କର କୌଣସି ଫରକ ପଡ଼େ ନାହିଁ।

77 ଯେପରିକି ମୁଁ କୁହେ, "ପ୍ରକୃତ ଯୁଦ୍ଧମାନ ଧନ ପାଇଁ ନୁହେଁ, ବରଂ ନୀତିଗୁଡିକ ପାଇଁ ଲଢାଯାଏ ଓ ସଂଘର୍ଷ କରାଯାଏ।" ଏବଂ ପୁରୁଷ ଓ ମହିଳାମାନେ ଯେଉଁମାନେକି ଲୋକପ୍ରିୟ ହେବା ପାଇଁ, ମଣ୍ଡଳୀରେ ଯୋଗ ଦିଅନ୍ତି ଏବଂ ମଣ୍ଡଳୀକୁ ଆସନ୍ତି, କାରଣ *ଜୋନ୍ସ* ସେଠାକୁ ଆସନ୍ତି, କିଅବା ସେମାନେ ନିଜର ମଣ୍ଡଳୀକୁ ଏକ ଛୋଟ ମଣ୍ଡଳୀରୁ ଏକ ବଡ଼ ମଣ୍ଡଳୀକୁ ପରିବର୍ତ୍ତନ କରନ୍ତି, ତାହାହେଲେ ଆପଣ ଏକ ସ୍ୱାର୍ଥପର ଉଦ୍ଦେଶ୍ୟ ପାଇଁ ଏହାକୁ କରୁଅଛନ୍ତି ଏବଂ ଏହା ପଛରେ ସଠିକ୍ ନୀତି ନାହିଁ। ଆପଣଙ୍କୁ ତ ଯୁଦ୍ଧ କ୍ଷେତ୍ରରେ ଛିଡା ହେବା ନିମନ୍ତେ ଇଚ୍ଛୁକ ହେବା ଉଚିତ୍।

78 ଏଠାରେ ଏହି ଆରାଧନାଳୟରେ, ଯେତେବେଳେ ଜିନିଷଗୁଡିକ ଭୁଲ୍ ହୋଇଯାଏ, ଏବଂ ଆପଣ ପୁରୁଷ ଓ ଆପଣ ମହିଳାମାନେ ଦୌଡ଼ିଯିବେ ଏବଂ ଅନ୍ୟ କୌଣସି ସ୍ଥାନକୁ ଚାଲିଯିବେ, କିମ୍ବା ସେହି ଛୋଟ ଝଗଡା କିଅବା ସେହି ଯୁକ୍ତିତର୍କ ଶେଷ ନ ହେବା ପର୍ଯ୍ୟନ୍ତ ସେଠାରେ ରହିଥିବେ, ତାହାହେଲେ ଆପଣଙ୍କ ଅଭିଜ୍ଞତା ସହିତରେ କିଛି ଗୋଟାଏ ଭୁଲ୍ ଅଛି। ଠିକ୍।

79 ଆମର ଏଠାରେ ଏକ ରୀତି ଅଛି। ଆମର ଏଠାରେ ଏକ—ଆମର ଏଠାରେ ଏକ କ୍ରମ ଅଛି। ଏହି ମଣ୍ଡଳୀଟି ବାଇବଲର ନୀତି ଉପରେ ଆଧାରିତ। ଯଦି ଏଠାରେ ଏପରି କେହି ଅଛନ୍ତି ଯିଏକି ସଠିକ୍ କାମ କରୁନାହାଁନ୍ତି, ଏବଂ ଆପଣ ଭାବୁଛନ୍ତି ଯେ ସେମାନେ କରୁନାହାଁନ୍ତି, ତେବେ ଆପଣ ତାଙ୍କ ପାଖକୁ ଯାଇ ତାଙ୍କ ସହିତ କଥାବାର୍ତ୍ତା କରନ୍ତୁ। ଯଦି ଆପଣ ତାଙ୍କୁ ପୁନର୍ମିଳନ କରାଇପାରୁ ନାହାଁନ୍ତି, ତାହାହେଲେ ଅନ୍ୟ କୌଣସି ଭାଇଙ୍କୁ ନିଜ ସଙ୍ଗରେ ନେଇଯାଆନ୍ତୁ, ଜଣେ କିମ୍ଵା ଦୁଇଜଣ ଅଧିକଙ୍କୁ। ଯଦି ତାହାପରେ ବି ସେ ପୁନର୍ମିଳନ ନ ହୁଏ, ତେବେ ଏହାକୁ ମଣ୍ଡଳୀକୁ କୁହନ୍ତୁ। ଏବଂ ମଣ୍ଡଳୀ ତାଙ୍କୁ ବହିଷ୍କାର କରିବ, ତାଙ୍କ ସହିତ ଆଉ ସହଭାଗିତା କରିବେ ନାହିଁ। ଏବଂ ଯୀଶୁ କହିଲେ, "ଯାହାକିଛି ତୁମେ ପୃଥିବୀରେ ହରାଅ, ମୁଁ ସ୍ୱର୍ଗରେ ହରାଇବି।"

80 ସେହି କାରଣ ଯୋଗୁଁ ଆପଣଙ୍କର ଏତେ ଅଧିକ ସମସ୍ୟାମାନ ରହିଛି, କାରଣ ଆପଣ ବାଇବଲ ନୀତିଗୁଡିକ ଅନୁସରଣ କରୁ ନାହାଁନ୍ତି। ଯଦି ମଣ୍ଡଳୀରେ କେହି ଏକ ବିଶୃଙ୍ଖଳା ସୃଷ୍ଟି କରୁଅଛି, କିଅବା କିଛି ଗୋଟାଏ ଭୁଲ୍ ହେଉଅଛି, ତାହାହେଲେ ସେହି ପୁରୁଷ କିମ୍ଵା ସେହି ସ୍ତ୍ରୀଲୋକ ବିଷୟରେ କଥାବାର୍ତ୍ତା କରିବା ଆପଣଙ୍କର କର୍ତ୍ତବ୍ୟ ନୁହେଁ। ଆପଣଙ୍କର କର୍ତ୍ତବ୍ୟ ତ

ଏହା ଅଟେ ଯେ ଆପଣ ଯାଇ, ସେହି ପୁରୁଷ କିମ୍ବା ସେହି ସ୍ତ୍ରୀଲୋକଙ୍କୁ ତାଙ୍କର ତ୍ରୁଟି ବିଷୟ କୁହନ୍ତୁ । ଏବଂ ଯଦି ସେ ଆପଣଙ୍କର କଥା ନ ଶୁଣିବେ, ତେବେ ଅନ୍ୟ କାହାରିକୁ ନିଜ ସଙ୍ଗରେ ନିଅନ୍ତୁ । ସେ ତାହା ଶୁଣିବେ ନାହିଁ, ତାହାପରେ ମଣ୍ଡଳୀ ତାଙ୍କୁ ହରାଇ ଦେବ । ଯୀଶୁ କହିଲେ, "ଯାହାକିଛି ତୁମେ ପୃଥିବୀରେ ହରାଇବ, ମୁଁ ସ୍ୱର୍ଗରେ ହରାଇବି । ତୁମେ ପୃଥିବୀରେ ଯାହା ବାନ୍ଧିବ, ମୁଁ ସ୍ୱର୍ଗରେ ବାନ୍ଧିବି ।" ତାହା ହେଉଛି ମଣ୍ଡଳୀର ଶକ୍ତି ।

81 ଏଠାରେ କିଛି ସମୟ ପୂର୍ବରୁ, ମୋର ଜଣେ ଉତ୍ତମ ପ୍ରଚାରକ ବନ୍ଧୁ, ତାଙ୍କର ଗୋଟିଏ ପୁଅ ଥିଲା, ଏବଂ ସେହି ବାଳକଟି ମଣ୍ଡଳୀକୁ, ତାଙ୍କର ନିଜର ମଣ୍ଡଳୀକୁ ଯାଉଥିଲା । ସେ ଏପରି ଏକ ସ୍ଥାନକୁ ପହଞ୍ଚିଥିଲା ଯେଉଁଠାରେକି ସେ ଗୋଟିଏ ସାନ ଝିଅ ସହିତ ଯିବା ଆରମ୍ଭ କଲେ ଯିଏକି ଧୂମପାନ କରୁଥିଲା ଏବଂ ମଦ୍ୟପାନ କରୁଥିଲା ଓ କାର୍ଯ୍ୟଗୁଡିକୁ କରୁଥିଲା । ପ୍ରଚାରକ କହିଲେ, "ଅବଶ୍ୟ, ତାହା ତ ତାର କାମ ଅଟେ ।" ମୋର ଜଣେ ଅତି ଅନ୍ତରଂଗ ବନ୍ଧୁ, ଏବଂ ଜଣେ ଉତ୍ତମ ବାଳକଟିଏ । ମାତ୍ର ସେ କୌଣସି ଯୁବା ସ୍ତ୍ରୀଲୋକ ସହିତ ପ୍ରେମ ଆଚରଣରେ ପଡ଼ି ଯାଇଥିଲା; ଏବଂ ସେହି ସ୍ତ୍ରୀଲୋକଟି ବିବାହିତ ଥିଲା, ତାର କେତୋଟି ସନ୍ତାନମାନ ଥିଲେ, ତାର ସ୍ୱାମୀ ଜୀବିତ ଥିଲେ । ଏହି ପ୍ରଚାରକ ବନ୍ଧୁ ଭୟ କରୁଥିଲେ ଯେ ସେମାନେ କରିବାକୁ ଯାଉଛନ୍ତି…ସେହି ପୁଅ ତାକୁ ବିବାହ କରିନେବ । ତେଣୁ, ସେହି ଭାଇ ସମ୍ପୂର୍ଣ୍ଣଭାବେ ଭାଙ୍ଗି ପଡ଼ିଥିଲେ । ଏବଂ ସେ ମୋତେ କହିଲେ, "ଭାଇ ବ୍ରାନହାମ୍, ମୁଁ ଚାହୁଁଛି ଯେ ଆପଣ ମୋର ଏହି ନିର୍ଦ୍ଦିଷ୍ଟ-ନିର୍ଦ୍ଦିଷ୍ଟ ବାଳକ ପାଖକୁ ଯାଆନ୍ତୁ । ମୁଁ ଚାହେଁ ଯେ ଆପଣ ତାହା ସହିତ କଥା ହୁଅନ୍ତୁ ।"

82 ମୁଁ କହିଲି, "ଭାଇ…" ମୁଁ ପ୍ରାୟଃ ତାଙ୍କ ନାମ କହି ଦେଇଥିଲି । "ଆପଣଙ୍କ ପାଖରେ ଏକ ଅଧିକ ଉତ୍ତମ ଉପାୟ ଅଛି । ମୋତେ ପଠାନ୍ତୁ ନାହିଁ । ଯଦି ସେହି ବାଳକ ସଠିକ ଭାବେ ଜୀବନ ଯାପନ କରୁନାହିଁ, ଏବଂ ମଣ୍ଡଳୀ ତାଙ୍କୁ ଭୁଲ୍ କରୁଥିବାର ଦେଖିଛନ୍ତି, ତାହାହେଲେ ଏହା ମଣ୍ଡଳୀର କାମ ଅଟେ ଯେ ଏହି କାର୍ଯ୍ୟକୁ କରନ୍ତୁ । ତାହା ମଣ୍ଡଳୀ ସହିତ ନ୍ୟସ୍ତ ଅଟେ । ଏବଂ ମଣ୍ଡଳୀ ଯାଆନ୍ତି ଓ ତାଙ୍କୁ କୁହନ୍ତି ।"

83 ତେଣୁ ସେ ଜଣେ ଭାଇକୁ ନେଲେ, ଓ ତାଙ୍କ ପାଖକୁ ଯାଇ ତାଙ୍କୁ କହିଲେ । ଆଉ ସେହି ବାଳକ ଏହି ଭାଇଙ୍କୁ ପ୍ରତ୍ୟୁତ୍ତରରେ ଜବାବ ଦେଲେ, ତାଙ୍କୁ ଏହା ଜଣାଇଲେ ଯେ ସେ ତାର ନିଜର କାମ କରୁଅଛି, ଏବଂ ସେ ମଧ୍ୟ ସେହି ସମାନ ଭାବରେ ତାହା କରନ୍ତୁ । ସେ ଆଉ ଜଣେ ଭାଇଙ୍କୁ ନେଲେ, ଆଉ ଦୁଇଜଣଙ୍କୁ, ଦୁଇଟି ଦୀକନ୍ ଯାଇ ସେହି ବାଳକକୁ କହିଲେ । ସେ ଏହାକୁ ଶୁଣିଲା ନାହିଁ । ସେମାନେ ଏହାକୁ ମଣ୍ଡଳୀକୁ ଜଣାଇଲେ । ଏବଂ ମଣ୍ଡଳୀ ସମ୍ମୁଖରେ ତାର ପାପକୁ କୁହାଯିବା ପରେ, ସେ ମଣ୍ଡଳୀ ସହିତ ପୁନର୍ମିଳନ କରାଯିବାକୁ ସୁଦ୍ଧା ଅନେକ ରାତି ପାଇଁ କେବେବି ଆସିଲେ ନାହିଁ । ତାହାପରେ, ମଣ୍ଡଳୀ ତାଙ୍କୁ ମୁକ୍ତ କରି ଦେଲା ।

84 ଏବଂ ସେହି ସମୟଠାରୁ ପ୍ରାୟଃ ଗୋଟିଏ ମାସ ପରେ ସେ ନିମୋନିଆରେ ଆକ୍ରାନ୍ତ ହେଲା, ଏବଂ ଡାକ୍ତର କହିଲେ, "ତାହାର ଏହି ଜଗତରେ ଜୀବିତ ରହିବା ପାଇଁ ଆଉ କୌଣସି

ସୁଯୋଗ ନାହିଁ ।" ତାହାପରେ ସେ ଗୁରୁଣ୍ଡି ଗୁରୁଣ୍ଡି ଫେରି ଆସିଲା । ପରମେଶ୍ୱର ଜାଣନ୍ତି ଯେ ଏହା କିପରି କରିବାକୁ ଅଛି ।

85 ଆମେ ତାହା ନିଜେ କରିବାକୁ ଚେଷ୍ଟା କରିଥାଉ, "ଓଃ, ଆପଣଙ୍କୁ ତ *ଅମୁକ-ଓ-ଅମୁକ* କୁ ମଣ୍ଡଳୀରୁ ଗୋଇଠା ମାରି ବାହାର କରିଦେବା ଉଚିତ୍ । ଆପଣଙ୍କୁ *ଏହା*, *ତାହା*, କିମ୍ବା *ଅନ୍ୟ* କିଛି କରିବା ଉଚିତ୍ ।" କଅଣ ଆପଣ ଏକ ମଣ୍ଡଳୀ ଭାବରେ ଏହା ପ୍ରତି ନିଜର ଅଂଶଦାନ କରିଅଛନ୍ତି କି? ଆପଣ ସେଠାରେ ଅଛନ୍ତି । ସେମାନଙ୍କୁ ଗୁରୁଣ୍ଡି ଗୁରୁଣ୍ଡି ଫେରି ଆସିବାକୁ ବାଧ୍ୟ କରାଇବା ହେତୁ ତାହାହିଁ ଉପାୟ ଅଟେ, ଥରେ ସେମାନଙ୍କୁ ଶୟତାନର ହାତରେ ଦେଇ ଦିଅନ୍ତୁ ।

86 ପାଉଲ ଏଠାରେ ସେହି ବ୍ୟକ୍ତିଙ୍କ ବିଷୟରେ କଅଣ କୁହନ୍ତି ଯିଏକି ନିଜର ସାବତ ମାଆ ସହିତ ସମ୍ବନ୍ଧ ରଖିଥିଲା? ସେମାନେ ତାକୁ ପୁନର୍ମିଳନ କରାଇପାରିଲେ ନାହିଁ। କହିଲେ, "ତାକୁ ଶୟତାନ ହାତରେ ଦେଇ ଦିଅ ।" ଦେଖନ୍ତୁ କଅଣ ହୁଏ । ଏବଂ ପରବର୍ତ୍ତୀ ଚିଠିରେ ପାଉଲ ଲେଖିଲେ, ଏହି ବ୍ୟକ୍ତିଟି ସଳଖ ହୋଇ ଯାଇଥିଲା । ନିଶ୍ଚିତରେ । ପରମେଶ୍ୱରଙ୍କଠାରେ ଏହିସବୁ ବିଷୟ କରିବାର ଏକ ଉପାୟ ଅଛି, ଯଦି ଆମେ କେବଳ ତାହାଙ୍କର ନିୟମଗୁଡ଼ିକୁ ପାଳନ କରିବା ।

87 ଯଦି ମଣ୍ଡଳୀରେ କିଛି ଗୋଟାଏ ଭୁଲ୍ ହୁଏ, ଯଦି ଏହା ସହଭାଗୀତାରେ, ଆପଣ ପ୍ରତ୍ୟେକ ଭାଇମାନଙ୍କ ମଧ୍ୟରେ ଅଟେ । ଯଦି ଦୀକନ୍ ବୋର୍ଡରେ, ଆପଣଙ୍କ ମଧ୍ୟରୁ ଜଣେ ଦୀକନ୍ ଆଚରଣ କରେ ନାହିଁ, ତେବେ ଅନ୍ୟ ଦୀକନମାନେ ଆସି ଏକ ସଭା କରନ୍ତୁ, ସେହି ଭାଇକୁ ପୁନର୍ମିଳନ କରାଇବାକୁ ଚେଷ୍ଟା କରନ୍ତୁ, ତାଙ୍କୁ କୁହନ୍ତି ଯେ ସେ କଅଣ କରୁଛନ୍ତି; କିମ୍ବା ଆପଣ ସଦସ୍ୟମାନଙ୍କ ମଧ୍ୟରୁ ଜଣେ, ଆପଣ ଯାହାକିଛି ବି ଅଟନ୍ତି । ତାହାପରେ ଏହା ତାଙ୍କ ସମ୍ମୁଖକୁ ଅଣାଯିବାକୁ ଅଛି । ଯଦି ସେ ତାହା ନ କରିବେ, ତେବେ ଯାଇ ପାଳକଙ୍କୁ କୁହନ୍ତୁ । ତାହାପରେ, ତାଙ୍କୁ ମଣ୍ଡଳୀରୁ ମୁକ୍ତ କରି ଦିଆଯାଏ, ଏବଂ ତେବେ ସେ ଜଣେ ପ୍ରତିମାପୂଜକ ଏବଂ ଜଣେ କରଗ୍ରାହୀ ହୋଇଯାଆନ୍ତି । ତାହାପରେ ପ୍ରଭୁଙ୍କୁ ତାହା ଉପରେ କାମ କରିବାକୁ ଯିବାର ଦେଖନ୍ତୁ । ଦେଖନ୍ତୁ, ସେତେବେଳେ ଅଟେ ଯେତେବେଳେକି ସେ ତାର ଚେତାକୁ ଫେରି ଆସିଥାଏ । ସେତେବେଳେ ଅଟେ ଯେତେବେଳେକି ସେ ଗୁରୁଣ୍ଡି ଗୁରୁଣ୍ଡି ଫେରିଆସେ । ମାତ୍ର ଆମେ ନିଜେ ଏହା କରିବାକୁ ଚେଷ୍ଟା କରିଥାଉ, ଆପଣ ଜାଣନ୍ତି, କରିବାକୁ ଚେଷ୍ଟା କରିଥାଉ…ସବୁକିଛି ବିଷୟ ଯେପରି ଭାବରେ ଆମେ ତାହା କରିବା ଉଚିତ୍, ତେବେ, ଆମେ କଦାପି ସଫଳତା ପାଇ ନ ଥାଉ ।

88 ତେବେ, ଶାଲେମର ରାଜା, ଏହି ମଲ୍‌କୀଷେଦକ, ରାଜକୁମାର, ସର୍ବୋପରିସ୍ଥଙ୍କ ଯାଜକ, ଅବ୍ରହାମଙ୍କୁ ସାକ୍ଷାତ କରି ତାଙ୍କୁ ଆଶୀର୍ବାଦ କଲେ । ଏବଂ ତାହାଙ୍କୁ ନିଜର ଦଶମାଂଶ ଦେଲେ, ଅବ୍ରହାମ ଦେଲେ । ଏବଂ ସେ ଶାଲେମର ରାଜା ଥିଲେ । ଏବଂ ସେ ରୋଟୀ ଓ ଦ୍ରାକ୍ଷାରସ, ସେହି ପ୍ରଭୁଭୋଜ ନେଇ ଆସିଲେ, ଏବଂ ତାହା ଅବ୍ରହାମଙ୍କୁ ସେହି ଯୁଦ୍ଧ ପରେ,

ସେହି ବ୍ୟକ୍ତିମାନଙ୍କୁ ଜୟ କରିସାରିବା ପରେ ଦେଲେ ।

89 ତେବେ, "ସମସ୍ତ ଯୁଦ୍ଧ," ଯେପରି ମୁଁ କହିଥାଏ, "ନୀତି ପାଇଁ ଲଢା ଯାଇଥାଏ ।" ବର୍ତ୍ତମାନ, ଯଦି ଆପଣଙ୍କର ମଣ୍ଡଳୀରେ ଏକ ଛୋଟ ଯୁଦ୍ଧ ରହିଛି, ତେବେ ଏହା ନିଶ୍ଚିତ ଭାବରେ ସଠିକ୍ ନୀତି ପାଇଁ ହେବା ଉଚିତ । ଆପଣଙ୍କୁ ସଠିକ୍ ବିଷୟ ପାଇଁ ଲଢେଇ କରିବା ଉଚିତ୍ । ଏବଂ ମଣ୍ଡଳୀର ପ୍ରତ୍ୟେକ ସଦସ୍ୟଙ୍କୁ ତାହାହିଁ କରିବା ଉଚିତ୍ । ତେବେ, ଏହି ଶିକ୍ଷାଟି ମଣ୍ଡଳୀ ପାଇଁ ଅଟେ । ତାହାହିଁ ଅଟେ ଯାହା ପାଇଁ ଆମେମାନେ ଏଠାରେ ଅଛୁ । ତାହାହିଁ ଅଟେ ଯାହା ପାଇଁ ମୁଁ ଏଠାରେ ଛିଡା ହୋଇଅଛି । ତାହାହିଁ ଅଟେ ଯାହା ପାଇଁ ପରମେଶ୍ୱରଙ୍କ ବାକ୍ୟ ଏଠାରେ ଅଛି, ତାହା ମଣ୍ଡଳୀ ପାଇଁ ଅଟେ ।

90 କେବେବି କୌଣସି ବିଷୟକୁ ଏହି ମଣ୍ଡଳୀରେ ବାଧା ଦେବାକୁ ଦିଅନ୍ତୁ ନାହିଁ । ଯଦି ଏହା ଦିଏ, ତେବେ ଆପଣ ପ୍ରତ୍ୟେକ ଜଣ, ଦୋଷୀ ଅଟନ୍ତି । ଏବଂ ଆପଣମାନେ, ଆପଣମାନଙ୍କର ଭିନ୍ନ ମଣ୍ଡଳୀଗୁଡିକରେ, ଯଦି ଆପଣଙ୍କର ମଣ୍ଡଳୀରେ କିଛି ଗୋଟାଏ ଭୁଲ୍ ହେଉଅଛି, ତାହାହେଲେ ଆପଣ ଦୋଷୀ ଅଟନ୍ତି, କାରଣ ଆପଣ ସେହି ମଣ୍ଡଳୀର ତଦାରଖକାରୀ ଅଟନ୍ତି । ଏହା ପାଳକଙ୍କ ଉପରେ ଦାୟୀ ନୁହେଁ । ଏହା ଦୀକନ୍ ବୋର୍ଡ ଉପରେ ଦାୟୀ ନୁହେଁ । ଏହା ତ ଆପଣଙ୍କ ଉପରେ, ବ୍ୟକ୍ତିଗତ ଆପଣଙ୍କ ଉପରେ ଦାୟୀ ଅଟେ, ଯେ ସେହି ଭାଇଙ୍କ ନିକଟକୁ ଯାଆନ୍ତୁ ଏବଂ ଏହା ଦେଖନ୍ତୁ ଯେ ଆପଣ ତାଙ୍କୁ ପୁନର୍ମିଳନ କରାଇପାରନ୍ତି କି । ଯଦି ନୁହେଁ, ତାହାହେଲେ ନିଜ ସହିତ ଦୁଇ କିମ୍ବା ତିନିଜଣଙ୍କୁ ନିଅନ୍ତୁ, ତାହାପରେ ଫେରି ଆସନ୍ତୁ । ଯଦି ସେ ତାହା ନ ଶୁଣନ୍ତି, ତେବେ ଏହାକୁ ମଣ୍ଡଳୀରେ ଜଣାଇ ଦିଅନ୍ତୁ । ତାହାପରେ ସେ ପରମେଶ୍ୱରଙ୍କ ରାଜ୍ୟରୁ ବହିଷ୍କୃତ କରାଯାଆନ୍ତି । ପରମେଶ୍ୱର କହିଲେ, "ଯଦି ତୁମେ ତାଙ୍କୁ ସେଠାରେ ବହିଷ୍କୃତ କରିବ, ମୁଁ ତାକୁ ଏଠାରେ ବରଖାସ୍ତ କରିବି, ଯଦି ତୁମେ ଏହି କ୍ରମ ଦେଇ ଯାଇଅଛ ।" ତାହାପରେ ସେ ଶୟତାନକୁ ତାହା ଉପରେ ଛାଡ଼ି ଦେବେ ଯେପରିକି ଗଠନ କରାଯାଏ...ତାର ଶରୀରକୁ ବିନାଶ କରାଯାଏ । ଏବଂ ତାହାପରେ ସେ ଫେରି ଆସିବ । ତାହା ଠିକ୍ ଅଟେ । ତାକୁ ଫେରାଇ ଆଣିବା ପାଇଁ ତାହାହିଁ ହେଉଛି ସେହି ଉପାୟ । ଯଦି ସେ ପରମେଶ୍ୱରଙ୍କ ଜଣେ ସନ୍ତାନ, ତେବେ ସେ ଫେରି ଆସିବ । ଯଦି ସେ ନୁହେଁ, କାହିଁକି—କାହିଁକି, ସେ ତ ଆଗକୁ ଚାଲିଯିବ, ଏବଂ ତାହାପରେ ଶୟତାନ ତାକୁ ତାହାର ଅନନ୍ତ ସ୍ଥାନକୁ ପଠାଇ ଦେବ ।

91 ତେବେ, ଏହାର ଉଦ୍ଦେଶ୍ୟଗୁଡିକୁ ଦେଖନ୍ତୁ । ଯଦି ଆପଣ ଏହାକୁ କେବଳ ଅନ୍ୟ କାହାରି ପାଇଁ ନେଇ ଆସନ୍ତି, ତେବେ ତାହା ତ ଅଲଗା ଅଟେ । ମାତ୍ର, ଯଦି ସେହି ବ୍ୟକ୍ତି ଦୋଷୀ ଅଟେ! ଏବଂ ଲୋଟ ତଳକୁ ଯାଇ ପଶ୍ଚାଦଗମନକାରୀ ହୋଇଯାଇଥିଲେ, ଯଦିଓ ସେ ଜଣେ ଏବ୍ରୀ ଥିଲେ । ସେ ତଳକୁ ଯାଇ ବିପଥଗମନକାରୀ ହୋଇ ଯାଇଥିଲେ । ସେ ଅନୁଗ୍ରହରେ ଥିଲେ, ମାତ୍ର ସେ ଏଥିରୁ ପତିତ ହୋଇ ଯାଇଥିଲେ । ଏବଂ ଯେତେବେଳେ ସେ ବାହାରକୁ ଗଲେ... ଏବଂ ଲୋଟ—ଲୋଟ ଉଦ୍ଧାର କରା ଯାଇଥିଲେ । କଦାପି ଏହା ଭାବନ୍ତୁ ନାହିଁ ଯେ ଲୋଟ ଉଦ୍ଧାର କରାଯାଇ ନ ଥିଲେ । ସେ କରାଯାଇ ଥିଲେ । କାରଣ, ସବୁ ସମୟରେ ଯେତେବେଳେ

ସେ ଭୁଲ ସ୍ଥାନରେ ଥିଲେ, ବାଇବଲ କୁହେ, ଯେ, "ସଦୋମର ପାପଗୁଡ଼ିକ ତାଙ୍କର ଧର୍ମମୟ ପ୍ରାଣକୁ ପ୍ରତିଦିନ କଷ୍ଟ ଦେଉଥିଲା।" ତେବେ, ତାଙ୍କର ଶରୀର ଗୋଟିଏ କାମ କରୁଥିଲା। ଏବଂ ତାଙ୍କର ଶେଷ ଦଶା କଅଣ ହେଲା? ସେ ଅଧିକ ଅପମାନ ଆଣିଥିଲେ। ତାଙ୍କ ପତ୍ନୀ ଏକ ଲବଣ ସ୍ତମ୍ଭରେ ପରିଣତ ହୋଇଗଲେ। ତାଙ୍କର ନିଜ ଝିଅମାନଙ୍କ ଦ୍ୱାରା ସନ୍ତାନ ଉତ୍ପନ୍ନ ହେଲା। ତେଣୁ, ଆପଣ ଦେଖିପାରନ୍ତି ଯେ ଏହା କଅଣ ଅପମାନକୁ ନେଇ ଆସିଥିଲା, କାରଣ ସେ ଅନୁଗ୍ରହରୁ ପତିତ ହୋଇ ଯାଇଥିଲେ ଏବଂ କଦାପି ଆଉ ନିଜକୁ ପୁନଃସ୍ଥାପିତ କରିପାରି ନ ଥିଲେ। ଏବଂ ପରମେଶ୍ୱରଙ୍କୁ ତାକୁ ପୃଥିବୀରୁ ନେଇ ଯିବାକୁ ପଡ଼ିଥିଲା।

92 ମାତ୍ର, ତଥାପି, ସେ ଜଣେ ପତିତ ଭାଇ ଥିଲେ, ଏବଂ ଅବ୍ରହାମ ତାଙ୍କୁ ପୁନର୍ବାର ଫେରାଇ ଆଣିବା ପାଇଁ ତାହା ସବୁକିଛି କଲେ ଯାହା ସେ କରି ପାରିଥିଲେ। ଏବଂ ଅବ୍ରହାମଙ୍କଠାରେ ଥିବା ସେହି ଆତ୍ମା, ଖ୍ରୀଷ୍ଟଙ୍କର ଆତ୍ମା ଅଟେ ଯାହା ଆଜି ମଣ୍ଡଳୀରେ ଅଛି। ଯାଏ ଆସେ ନାହିଁ ଯେ ସେହି ଭାଇ କଅଣ କରିଛନ୍ତି ନା କାହିଁକି, ଆପଣ ତାଙ୍କୁ ପୁନର୍ବାର ଖ୍ରୀଷ୍ଟଙ୍କ ସହଭାଗିତା ନିକଟକୁ ଫେରାଇ ଆଣିବା ପାଇଁ ଯାହା ସବୁ କରିପାରନ୍ତି ଆପଣ ତାହା କରିବେ। ଯାଏ ଆସେ ନାହିଁ ଯେ ସେ କଅଣ କରିଛନ୍ତି, ଆପଣ କଠିନ ଚେଷ୍ଟା କରିବେ।

93 ତେବେ, ଆମେ ବର୍ତ୍ତମାନ ପୁନର୍ବାର ଏଠାରେ ଧ୍ୟାନ ଦେବାକୁ ଚାହୁଁ, ଯେତେବେଳେକି ଆମେ ଏହି ମଲ୍‌କୀଷେଦକର ଏହି ଶିକ୍ଷା ସହିତ ଆଗକୁ ଯାଉଅଛୁ, ଶାଲେମର ଏହି ମହାନ ଯାଜକ, ଏବଂ ସ୍ୱର୍ଗ ଓ ପୃଥିବୀର ଅଧିକାରୀ। ତେବେ, ପ୍ରଥମ ହୋଇଥିବା ହେତୁ:

> *ଏହାଙ୍କର ପିତା କି, ମାତା କି, ବଂଶାବଳୀ, କିଅବା ଆୟୁର ଆରମ୍ଭ, ଓ ଜୀବନର ଅନ୍ତ କିଛି ହିଁ ଜଣା ନାହିଁ; ସେ ପରମେଶ୍ୱରଙ୍କ ପୁତ୍ରଙ୍କ ସଦୃଶ କରାଯାଇ; ଅନନ୍ତକାଳୀନ ଯାଜକ ହୋଇ ରହିଅଛନ୍ତି।*

ତେବେ ଦେଖନ୍ତୁ। ସେ ପରମେଶ୍ୱରଙ୍କ ପୁତ୍ର ନ ଥିଲେ, ସେ ସେହି ପୁତ୍ରର ପରମେଶ୍ୱର ଥିଲେ। ସେ ପରମେଶ୍ୱରଙ୍କ ପୁତ୍ର ନ ଥିଲେ, ମଲ୍‌କୀଷେଦକ ନ ଥିଲେ, ମାତ୍ର ସେ ପରମେଶ୍ୱରଙ୍କ ପୁତ୍ରଙ୍କର ସେହି ପିତା ଥିଲେ।

94 ତେବେ, ଏହି ଶରୀର ଯାହାକି ତାହାଙ୍କର ରହିଥିଲା, ସେ ସୃଷ୍ଟି କରିଥିଲେ। ଏହା ଜଣେ ସ୍ତ୍ରୀଲୋକ ମାଧ୍ୟମରେ ଅଣାଯାଇ ନ ଥିଲା। ତେଣୁକରି ସେହି ସୃଷ୍ଟ ଶରୀର ସହିତ, ସେ କରିପାରି ନ ଥିଲେ…ଏପରି କୌଣସି ଶରୀର ଯାହା ସେ ନିଜକୁ ପ୍ରକାଶ କରିବା ପାଇଁ, ନିଜେ, ନିର୍ମାଣ କରିପାରନ୍ତି।

"କୌଣସି ବ୍ୟକ୍ତି ପରମେଶ୍ୱରଙ୍କୁ କୌଣସି ସମୟରେ ଦେଖିପାରନ୍ତି ନାହିଁ। ପରମେଶ୍ୱର ଏକ ଆତ୍ମା ଅଟନ୍ତି।" ମର୍ତ୍ତ୍ୟ ଆଖି ସେହି ବିଷୟଗୁଡିକୁ ଦେଖେ ନାହିଁ, 'ଯେପର୍ଯ୍ୟନ୍ତକି ଏହା ଅଗ୍ନିସ୍ତମ୍ଭ ପରି ଏକ ରୂପରେ ଆସେ ନାହିଁ, କିଅବା ଏହା ଯାହାକିଛି ବି ଥିଲା, କିମ୍ବା ଏପରି କୌଣସି ରୂପରେ ଆସେ ନାହିଁ ଯାହାକି ସେମାନେ ଦର୍ଶନ ଦ୍ୱାରା ଦେଖିଥିଲେ। ମାତ୍ର ସେହି…ପରମେଶ୍ୱରଙ୍କୁ ତ ଆପଣାକୁ କୌଣସି ଉପାୟରେ ପ୍ରକାଶ କରିବାକୁ ଅଛି। ଏବଂ

ପରମେଶ୍ୱର ନିଜକୁ ଅବ୍ରହାମଙ୍କ ନିକଟରେ, ଏକ ମନୁଷ୍ୟ ରୂପରେ ପ୍ରକାଶ କରିଥିଲେ । ସେ ନିଜକୁ ମୋଶାଙ୍କ ନିକଟରେ, ଏକ ମନୁଷ୍ୟ ରୂପରେ ପ୍ରକାଶ କରିଥିଲେ । ସେ ନିଜକୁ ଇସ୍ରାଏଲର ସନ୍ତାନମାନଙ୍କ ନିକଟରେ, ଏକ ଅଗ୍ନିସ୍ତମ୍ଭ ରୂପରେ ପ୍ରକାଶ କରିଥିଲେ । ସେ ନିଜକୁ ବାପ୍ତିଜକ ଯୋହନଙ୍କ ନିକଟରେ, ଏକ କପୋତ ରୂପରେ ପ୍ରକାଶ କରିଥିଲେ । ଆପଣ ଦେଖନ୍ତୁ, ସେ ନିଜକୁ ସେହି ରୂପଗୁଡିକରେ ପ୍ରକାଶ କରିଥିଲେ ।

ଯେତେବେଳେ ସେ ନିଜକୁ ଶାଲେମର, ଯିରୁଶାଲମରର ରାଜା ଭାବରେ; ଜଣେ ମନୁଷ୍ୟ ରୂପରେ ପ୍ରକାଶ କରିଥିଲେ; ପାର୍ଥିବ ଯିରୁଶାଲମର ନୁହେଁ, ବରଂ ସ୍ୱର୍ଗୀୟ ଯିରୁଶାଲମର । ସେ ନିଜକୁ ସେହି ରୂପରେ ପ୍ରକାଶ କରିଥିଲେ । ସେ ପରମେଶ୍ୱରଙ୍କ ପୁତ୍ର "ସଦୃଶ" ସୃଷ୍ଟି କରାଯାଇଥିଲେ ।

95 ତେବେ, ପରମେଶ୍ୱରଙ୍କ ପୁତ୍ରଙ୍କୁ ଏଠାରେ ସୃଷ୍ଟି ହେବା ପାଇଁ, ଜଣେ ସ୍ତ୍ରୀଲୋକଙ୍କ ମାଧ୍ୟମରେ ଆସିବାକୁ ପଡିଥିଲା; ଜଣେ ସ୍ତ୍ରୀର ଗର୍ଭ ଦ୍ୱାରା, କାରଣ ସେହି ସମାନ ଜିନିଷ ଦ୍ୱାରା ମୃତ୍ୟୁ ମଧ୍ୟ ଆସିଥିଲା ।

96 ଏବଂ ସେ ସୃଷ୍ଟି ମାଧ୍ୟମରେ ଆସିପାରିବେ ନାହିଁ ଯେପରିକି ପରମେଶ୍ୱର ଆରମ୍ଭରେ କରିଥିଲେ । ଯେତେବେଳେ ପରମେଶ୍ୱର ଆରମ୍ଭରେ ମନୁଷ୍ୟକୁ ସୃଷ୍ଟି କରିଥିଲେ, ସେତେବେଳେ ସ୍ତ୍ରୀର ତାହା ସହିତ କୌଣସି କାମ ନ ଥିଲା । ପରମେଶ୍ୱର କେବଳ କହିଥିଲେ, "ସେଠାରେ ହୋଇଯାଉ," ଏବଂ ଧୂଳିରୁ ଜଣେ ମନୁଷ୍ୟ ବାହାରି ଆସିଲା । ସେ ତାଙ୍କୁ ଡାକିଥିଲେ, ସେଥିରେ କୌଣସି ସ୍ତ୍ରୀଲୋକର ତାହା ସହିତ କିଛି ହେଲେ କାର୍ଯ୍ୟ କରିବାକୁ ନ ଥିଲା । ମାତ୍ର, ସେହି ସ୍ତ୍ରୀ, ଏହା ତ ସେତେବେଳେ ସେହି ମନୁଷ୍ୟ ଭିତରେ ରହିଥିଲା ।

97 ଏବଂ ପରମେଶ୍ୱର ସେହି ସ୍ତ୍ରୀଲୋକଟିକୁ ଆଦମଙ୍କ ପାର୍ଶ୍ୱରୁ ବାହାର କଲେ । କଅଣ ତାହା ଠିକ୍ କି? ଏବଂ ତାହାପରେ ସେହି ସ୍ତ୍ରୀ ଯାଇ ଯୌନ ସମ୍ପର୍କ ଦ୍ୱାରା ମନୁଷ୍ୟକୁ ନେଇ ଆସିଥିଲା । ତେଣୁକରି ଏକ ମାତ୍ର ଉପାୟ ଯେ ପରମେଶ୍ୱର କରିପାରିବେ…ସେ ସେହି ଥିଓଫାନିରେ ଆସିପାରିବେ ନାହିଁ । ସେ ମଲ୍କୀଷେଦକ ଭାବରେ ଆସିପାରିବେ ନାହିଁ । ତାହାଙ୍କୁ ତ ଜଣେ ମନୁଷ୍ୟ ଭାବରେ ଆସିବାକୁ ପଡିଥିଲା, ଏବଂ ତାହାଙ୍କୁ ସେହି ସ୍ତ୍ରୀଲୋକ ମାଧ୍ୟମରେ ଆସିବାକୁ ପଡିଥିଲା । "ତୁମ୍ଭର ବଂଶ ସେହି ସର୍ପର ମସ୍ତକକୁ ଆଘାତ କରିବ, ଓ ତାହାର ମସ୍ତକ ତୁମ୍ଭର ଗୋଇଠିକୁ ଆଘାତ କରିବ ।" ଏହାକୁ ବୁଝିଲେ କି? ପରମେଶ୍ୱରଙ୍କୁ ଜଣେ ସ୍ତ୍ରୀଲୋକ ମାଧ୍ୟମରେ ଆସିବାକୁ ପଡିଥିଲା; ଏବଂ ସେ ତାହା କଲେ, ଯେତେବେଳେ ସେ ନିଜ ପୁତ୍ର, ଖ୍ରୀଷ୍ଟ ଯୀଶୁଙ୍କ ଶରୀରରେ ବାସ କରିଥିଲେ । "ପରମେଶ୍ୱର ଖ୍ରୀଷ୍ଟଙ୍କଠାରେ ଥାଇ, ଜଗତକୁ ନିଜ ସହିତ ପୁନର୍ମିଳନ କରୁଥିଲେ ।" ଏବଂ ସେ ତାହାଙ୍କର ନିଜର ରକ୍ତକୁ ଏକ ବଳିଦାନ ରୂପେ ଉତ୍ସର୍ଗ କଲେ । ଏବଂ ନିଜର ଜୀବନକୁ ଦେଇ ଦେଲେ, ଯେପରିକି ମୃତ୍ୟୁର ମାଧ୍ୟମ ଦେଇ, ସେ ଆପଣଙ୍କୁ ଅନନ୍ତ ଜୀବନ ନିମନ୍ତେ ଉଦ୍ଧାର କରିପାରନ୍ତି ।

98 ତେଣୁକରି ତେବେ ପରମେଶ୍ୱର ଆସିଲେ, ଏବଂ ସେ ପରମେଶ୍ୱରଙ୍କ ପୁତ୍ର "ସଦୃଶ" ସୃଷ୍ଟି

କରାଗଲେ । ବୁଝିଲେ? ସେ ଜଣେ ମନୁଷ୍ୟ ଥିଲେ ଯିଏକି ପରମେଶ୍ୱରଙ୍କ ପୁତ୍ର *ସଦୃଶ* ସୃଷ୍ଟି କରା ଯାଇଥିଲେ । ତେବେ, ସେ ପରମେଶ୍ୱରଙ୍କ ପୁତ୍ର ହୋଇପାରିବେ ନାହିଁ, କାରଣ ଏହି ବ୍ୟକ୍ତି ତ ଅନନ୍ତ ଅଟନ୍ତି ।

99 ପରମେଶ୍ୱରଙ୍କ ପୁତ୍ରଙ୍କର ଏକ ଆରମ୍ଭ ରହିଥିଲା, ତାହାଙ୍କର ଏକ ଶେଷ ରହିଥିଲା । ତାହାଙ୍କ ଜନ୍ମର—ର ଏକ ସମୟ ରହିଥିଲା, ତାହାଙ୍କ ମୃତ୍ୟୁର ଏକ ସମୟ ରହିଥିଲା । ତାଙ୍କର ଉଭୟ ଏକ ଆରମ୍ଭ ଓ ଶେଷ ରହିଥିଲା । ତାହାଙ୍କର ଉଭୟ ଏକ ପିତା ଏବଂ ମାତା ଥିଲେ ।

100 ଏହି ବ୍ୟକ୍ତିଙ୍କର ତ ପିତା କି ମାତା କେହି ହେଲେ ନ ଥିଲେ, ସମୟର କୌଣସି ଆରମ୍ଭ କିମ୍ବା ଶେଷ ନ ଥିଲା । ମାତ୍ର ସେ ସୃଷ୍ଟି କରା ହୋଇଥିଲେ, ଏହି ବ୍ୟକ୍ତି, ମଲ୍‌କୀଷେଦକ, ପରମେଶ୍ୱରଙ୍କ ପୁତ୍ର *ସଦୃଶ* ସୃଷ୍ଟି କରା ହୋଇଥିଲେ ।

101 ତେବେ, ସେହି ପରମେଶ୍ୱରଙ୍କ ପୁତ୍ର, ଯେତେବେଳେ ସେ ଜଗତକୁ ଆସିଲେ, ଜଣେ ନାରୀର ରୂପରେ, କିଅବା ଜଣେ ନାରୀ ମାଧ୍ୟମରେ, ମନୁଷ୍ୟ ରୂପରେ, ଏବଂ ବଧ କରାଗଲେ, ତୃତୀୟ ଦିନରେ ପୁନରୁତ୍ଥିତ ହେଲେ, ଆମର ଧାର୍ମିକତା ପାଇଁ ଉତ୍ଥିତ ହେଲେ, ବର୍ତ୍ତମାନ ସେ ଚିରକାଳ ପାଇଁ ରହିଅଛନ୍ତି । ଏବଂ ଯେପର୍ଯ୍ୟନ୍ତ ସେହି ଶରୀର ରହିଛି, ଆମେମାନେ ମଧ୍ୟ ରହିଅଛୁ । ଏବଂ ଯେହେତୁ ସେ ଧୂଳିରୁ ଉଠିଥିଲେ, ଆମେମାନେ ମଧ୍ୟ ତାହାଙ୍କ ସାଦୃଶ୍ୟରେ ଉଠିବା । ସେଠାରେ ସେହି ସୁସମାଚାର କାହାଣୀ ଅଟେ । ପ୍ରଭୁଙ୍କ ନାମର ଧନ୍ୟ ହେଉ । କୌଣସି ସ୍ୱର୍ଗଦୂତମାନେ ନୁହଁନ୍ତି, କୌଣସି ଅଲୌକିକ ପ୍ରାଣୀ ନୁହଁନ୍ତି, କୌଣସି ଦଳେ ପକ୍ଷୀ ଚାରିଆଡ଼େ ଏକତ୍ରିତ ହେବା ପରି ନୁହେଁ, ମାତ୍ର ପୁରୁଷ ଏବଂ ସ୍ତ୍ରୀଲୋକମାନେ, ଆମେନ୍, ତାହାଙ୍କ ସାଦୃଶ୍ୟରେ ଛିଡା ହେବା । ହଁ, ମହାଶୟ ।

102 ଯେପରିକି ମୁଁ ଏହାକୁ ପ୍ରାୟତଃ କହିଅଛି, ମୁଁ ଏହାକୁ ପୁନର୍ବାର ଏଠାରେ ଏହି ସମୟରେ କହୁଅଛି । ଏହା ଉପଯୁକ୍ତ ମନେହୁଏ । ମୁଁ ପାନିଆରେ କେଶ ରାମ୍ପି ହେଉଥିଲି, ପ୍ରାୟଃ ପାଞ୍ଚ କିମ୍ବା ଛଅଟି କେଶ ଯାହା ମୋର ରହିଯାଇଥିଲା । ଏବଂ ମୋର ପତ୍ନୀ କହିଲେ, "ବିଲି, ତୁମେ ଚନ୍ଦା ମୁଣ୍ଡିଆ ହୋଇ ଯାଉଅଛ ।"

103 ମୁଁ କହିଲି, "କିନ୍ତୁ ମୁଁ ସେଗୁଡ଼ିକ ମଧ୍ୟରୁ ଗୋଟିଏକୁ ବି ହରାଇ ନାହିଁ ।"

104 ସେ କହିଲେ, "ସେମାନେ କେଉଁଠାରେ ଅଛନ୍ତି?"

105 ମୁଁ କହିଲି, "ତେବେ ମୋତେ କୁହ ଯେ ମୁଁ ସେଗୁଡିକୁ ପାଇବା ପୂର୍ବରୁ ସେମାନେ କେଉଁଠାରେ ଥିଲେ, ତାହାହେଲେ ମୁଁ ତୁମକୁ କହିବି ଯେ ସେମାନେ ମୋହର କେଉଁଠାରେ ଅପେକ୍ଷା କରୁଅଛନ୍ତି ।" ତାହା ଠିକ୍ ଅଟେ ।

106 ମୁଁ ଏକ—ଏକ ଯୋଦ୍ଧା, ମୁଷ୍ଟିଯୋଦ୍ଧା ଭାବରେ ରହିଥିଲି । ମୁଁ ଶକ୍ତିଶାଳୀ ଏବଂ ମଜବୁତ୍ ଥିଲି । ଏବଂ ମୁଁ ଅନୁଭବ କରୁଥିଲି, ଯଦି ଆପଣ ଏହି ଗୀର୍ଜାଘରକୁ ମୋ ପିଠିରେ ଥୋଇଦେବେ, ମୁଁ ତାହାକୁ ଘେନି ଏହି ରାସ୍ତାରେ ଚାଲିଯିବି । ମୁଁ ଆପଣଙ୍କୁ କହିବି, ଯେତେବେଳେ ମୁଁ ବର୍ତ୍ତମାନ ପ୍ରତିଦିନ ସକାଳେ ଉଠେ, ମୁଁ ଅନୁଭବ କରେ ଯେ ସେଠାରେ

ଚାଳିଶ କିଛି ଗୋଟାଏ ବର୍ଷ ବିତି ଯାଇଅଛି। ବୁଝିଲେ? ମୁଁ ପୂର୍ବରୁ ଯେପରି ଥିଲି ମୁଁ ଆଉ ସେହିପରି ନୁହେଁ। ମୁଁ ପ୍ରତିଦିନ, ବିଫଳ ହେଉଅଛି। ଯେତେବେଳେ ମୁଁ ମୋର ହାତଗୁଡିକୁ ଦେଖି ଏହା ଭାବେ, "ହେଇ ଏଠାରେ ଦେଖ। ତେବେ, ମୁଁ ଜଣେ ବୃଦ୍ଧ ବ୍ୟକ୍ତି ହେଉଅଛି।" ମୁଁ ମୋର କାନ୍ଧଗୁଡିକୁ ଦେଖେ। ମୁଁ ଦେଖେ ଯେ ମୁଁ ବହୁତ ଓଜନ ହାସଲ କରିଅଛି। ମୁଁ ଅଣ୍ଟା ଭିଡା ବେଲ୍ଟରେ ଏକ ଅଠେ-ଇଶ ସଂଖ୍ୟା ପିନ୍ଧୁଥିଲି। ମୁଁ ବର୍ତ୍ତମାନ ତିରିଶ୍ ପିନ୍ଧୁଛି। ଦେଖନ୍ତୁ, ମୁଁ ବୃଦ୍ଧ, ମୋଟା, ଦୁର୍ବଳ ହେଉଅଛି।

107 ଏହା କଅଣ ଅଟେ? ମୁଁ ସେହି ସମାନ ବିଷୟ ହିଁ ଖାଉଅଛି ଯାହା ମୁଁ ଖାଉଥିଲି। ମୁଁ ତ ଅପେକ୍ଷାକୃତ ଭାବରେ ଅଧିକ ପରିଷ୍କାର ଏବଂ ଉତ୍ତମ ଜୀବନଯାପନ କରୁଅଛି, ସେହି ସମାନ ବିଷୟ। ମାତ୍ର ପରମେଶ୍ୱର ମୋ ନିମନ୍ତେ ଏକ ସମୟ ନିର୍ଦ୍ଧାରିତ କରିଅଛନ୍ତି, ଏବଂ ମୋତେ ଏହା ପ୍ରାପ୍ତ କରିବାକୁ ଅଛି। ମାତ୍ର ସେହି ଆଶୀଷିତ ବିଷୟ ହେଉଛି, ଯେ, ସେହି ଦିନରେ, ସେ ମୋତେ ପୁନର୍ବାର ଉତ୍ଥାପିତ କରିବେ। ଏବଂ ଯାହାସବୁ କିଛି ମୁଁ ଥିଲି ଯେତେବେଳେ ମୁଁ ପଚି-ଶ ବର୍ଷ ବୟସର ଥିଲି, ମୁଁ ଚିରଦିନ ପାଇଁ ପୁନର୍ବାର ସେହିପରି ହୋଇଯିବି। ଆମେନ୍। ଆପଣ ସେଠାରେ ଅଛନ୍ତି। ବୃଦ୍ଧାବସ୍ଥା ମୋତେ କି ବ୍ୟତିବ୍ୟସ୍ତ କରେ? ମୁଁ ତ ବର୍ଷ ବର୍ଷ ଧରି ଶୟତାନକୁ ହରାଇ ଆସିଛି, ଏହା ଜାଣି, ଯେ ମୁଁ ତାହାଙ୍କଠାରେ ବିଶ୍ୱାସ କରେ। ଏହି ଛୋଟ ସମୟ କାଳଟି କେବଳ ଏକ ସାନ, ଯାହା ବି ହେଉ, ସ୍ୱଳ୍ପ ଅବଧିର ଅଟେ। ଯଦି ଆମେ ଆମର ପ୍ରତିଜ୍ଞାତ ସମୟ, କେବଳ ତିନି କୋଡି ଏବଂ ଦଶ, ସତୁରି ବର୍ଷ ବୟସ ଜୀବିତ ରହୁ, ତାହା ଦୁଃଖ ଏବଂ ପୀଡା ବ୍ୟତୀତ ଆଉ କଅଣ—କଅଣ ବା ଅଟେ? ଏହା କଅଣ ଅଟେ? କଅଣ ଆପଣ ସେହି ଆରପାରିର ମହିମାମୟ ବିଷୟ ପାଇଁ ଏହି ଜର୍ଜର ଶରୀରକୁ ପ୍ରତିବଦଳରେ ଦେବେ କି?

108 କାହିଁକି, ପ୍ରଭୁଙ୍କ ନାମର ଧନ୍ୟ ହେଉ! ମୋ ଭିତରର କିଛି ଗୋଟାଏ ବିଷୟ ଗୋଟିଏ ଦିନ ସେହି ମଲ୍‌କୀଷେଦକଙ୍କ ସହ ସାକ୍ଷାତ କଲା, ଏବଂ ସେ ମୋତେ ଶାନ୍ତି ବିଷୟ କହିଲେ ଏବଂ ସେ ମୋତେ ଅନନ୍ତ ଜୀବନ ପ୍ରଦାନ କଲେ। ଏବଂ ଏହି ଜୀବନର ଅର୍ଥ ସୁସମାଚାର ପ୍ରଚାର କରିବା ହେତୁ ଏକ ତମ୍ଭୁ ହେବା ଛଡା ଆଉ କିଛି ହିଁ ନୁହେଁ। ମୁଁ ନିଜ ସମ୍ମୁଖରେ ଏହି ଦୁଇଟି ବାଇବଲ ଖୋଲା ରହିଥିବା ସହ, ଏହାକୁ ସମସ୍ତ ନିଷ୍ଠାପରତା ସହ କହୁଅଛି। ଯଦି ମୋର ପରମେଶ୍ୱର ମୋ ସହିତ ସୁସମାଚାର ପ୍ରଚାର କରିବା ବିଷୟକୁ ନେଇ କ୍ଷାନ୍ତ ହୋଇଯାଆନ୍ତି, ଏବଂ ମୁଁ ତାହାଙ୍କ ପାଇଁ ଆଉ କିଛି ଅଧିକ କରିପାରିବି ନାହିଁ, ଏବଂ ମୋର ପିଲାମାନେ ସେମାନଙ୍କର ଯତ୍ନ ନେବା ପାଇଁ ଯଥେଷ୍ଟ ବୟସ୍କ ହୋଇଥାଆନ୍ତି, ଏବଂ ସେ ମୋତେ ବର୍ତ୍ତମାନ ହିଁ ନେଇଯିବାକୁ ଚାହାଁନ୍ତି, "ଆମେନ୍," ତାହା ଏହାକୁ ସମାଧାନ କରେ। ହଁ, ମହାଶୟ।

109 ତେବେ ଏହାର ତାହା ସହିତ କି ଫରକ୍ ପଡେ ଯଦି ମୁଁ ଅଶୀ ବର୍ଷର ଅଟେ କିଅବା ଯଦି ମୁଁ କୋଡ଼ିଏର ଅଟେ? ମୁଁ ତ ଏଠାରେ କେବଳ ଗୋଟିଏ ବିଷୟ ପାଇଁ ଅଛି: ପ୍ରଭୁଙ୍କର ସେବା କରିବାକୁ। ତାହାହିଁ ସବୁ କିଛି ଅଟେ। ଯଦି ମୁଁ ଅଶୀ ବର୍ଷ ବୟସରେ ସୁଦ୍ଧା, ଏହିପରି ଭାବରେ ସୁସମାଚାର ପ୍ରଚାର କରିପାରେ ଯେପରିକି ମୁଁ ବର୍ତ୍ତମାନ କରୁଅଛି, ତାହାହେଲେ

ସେଥିରେ କି ଫରକ୍ ପଡେ ଯେ ମୁଁ ଚାଳିଶ ବର୍ଷର ଅଟେ କିମ୍ଵା ଅଶୀ ବର୍ଷର ଅଟେ? ଆଜି ରାତି ଏଠାରେ ଅନେକ ଲୋକମାନେ ଅଶୀ ବର୍ଷ ବୟସ୍କର ଅଛନ୍ତି। ଏବଂ ସେଠାରେ ବହୁତ ପିଲାମାନେ ଅଛନ୍ତି ଯେଉଁମାନେକି ମରିଯିବେ, ଯେତେବେଳେକି ଜଣେ ଅଶୀ-ବର୍ଷ ବୟସ୍କ ବ୍ୟକ୍ତି ସେମାନଙ୍କ ମଧ୍ୟରୁ ଅନେକଙ୍କଠାରୁ ଅଧିକ ବର୍ଷ ବଞ୍ଚିବେ। ଏଥିରେ କି ଫରକ୍ ପଡ଼େ? ଏହା ତ ଆପଣଙ୍କର ଉଦ୍ଦେଶ୍ୟ, ଆପଣଙ୍କର ନୀତି ଅଟେ, ଏବଂ ଆମେମାନେ ତ ଏଠାରେ ପ୍ରଭୁ ଯୀଶୁଙ୍କ ସେବା କରିବା ପାଇଁ ଅଛୁ। ତାହାହିଁ ସବୁକିଛି ଅଟେ।

110 ଏହା ଜାଣି, ଯେ, "ଏହି ଜୀବନ ଏକ ବାଷ୍ପ ଅଟେ ଯାହା ବିଷୟରେ ଜଣେ ବ୍ୟକ୍ତି କୁହନ୍ତି; ଯାହାକି ଥରେ ଥିଲା, ଏବଂ ପରେ ନ ଥାଏ।" ମାତ୍ର ଯଦି ଆମମାନଙ୍କ ପାଖରେ ଅନନ୍ତ ଜୀବନ ଅଛି, ତାହାହେଲେ ପରମେଶ୍ଵର ପ୍ରତିଜ୍ଞା କରିଛନ୍ତି ଯେ ସେ ଆମକୁ ପୁନର୍ବାର ପୁନରୁତ୍ଥିତ କରିବେ। ଏବଂ ଆମେମାନେ ସେତେବେଳେ ତାହାଙ୍କ ସହିତ ପ୍ରଭୁଭୋଜ ଗ୍ରହଣ କରିବା ଯେତେବେଳେ ସେହି ଦିନଗୁଡିକ ସମାପ୍ତ ହୋଇଯିବ, ଏବଂ ଯେତେବେଳେ ସେ କହିବେ, "ପ୍ରଭୁଙ୍କ ଆନନ୍ଦରେ ପ୍ରବେଶ କର, ଯାହାକି ଜଗତ ପତ୍ତନାବଧି ପୂର୍ବରୁ ତୁମମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଅଛି।

111 ତାହାହେଲେ ଏଠାରେ ଆମର କି ଫରକ ପଡିବ, ଯେ ଆମ ପାଖରେ କିଛି ବିଷୟ ଅଛି କି ଆମର କିଛି ନାହିଁ? ଆମେ ଯୁବା ହେଉ କିଅବା ଆମେ ବୃଦ୍ଧ ହେଉ, ଏଥିରେ କି ଫରକ ପଡ଼େ? ମୁଖ୍ୟ ବିଷୟଟି ହେଉଛି, କଅଣ ଆପଣ ତାହାଙ୍କୁ ଭେଟିବା ନିମନ୍ତେ ପ୍ରସ୍ତୁତ ଅଟନ୍ତି କି? କଅଣ ଆପଣ ତାହାଙ୍କୁ ପ୍ରେମ କରନ୍ତି କି? କଅଣ ଆପଣ ତାହାଙ୍କର ସେବା କରିପାରନ୍ତି କି? କଅଣ ଆପଣ ଜଗତର ବିଷୟଗୁଡିକ ପ୍ରତି ବିକ୍ରୟ ହୋଇ ଯାଇଛନ୍ତି କି? ଯୁଦ୍ଧ ସମାପ୍ତ ହେବା ପରଠାରୁ କଅଣ ଆପଣ ମଲ୍‌କୀଷେଦକଙ୍କୁ ଭେଟିଛନ୍ତି କି?

112 ପରମେଶ୍ଵର ଧନ୍ୟ ହେଉନ୍ତୁ! ପ୍ରାୟଃ ଏକୋ-ଇଶ ବର୍ଷ ବୟସର, ମୁଁ ଥିଲି, ଏବଂ ଦିନେ ମୋର *ଏହା*, *ତାହା*,ଏବଂ *ଅନ୍ୟ* ସହିତ ଯୁଦ୍ଧ ହୋଇଥିଲା। ମୁଁ ଜାଣି ପାରି ନ ଥିଲି ଯେ ମୁଁ ଯୋଦ୍ଧା ହେବାକୁ ଚାହୁଁଅଛି, କି ମୁଁ ଜଣେ ଫାନ୍ଦ ପକାଇବା ଲୋକ, କିଅବା ଶିକାରୀ ହେବାକୁ ଚାହୁଁଅଛି, ଯେ ମୁଁ କଅଣ ହେବାକୁ ଚାହୁଁଅଛି। ମାତ୍ର ମୁଁ ମଲ୍‌କୀଷେଦକଙ୍କୁ ସାକ୍ଷାତ କଲି, ଏବଂ ସେ ମୋତେ ପ୍ରଭୁଭୋଜ ଦେଲେ, ଏବଂ ସେବେଠାରୁ ଏହା ସବୁଦିନ ପାଇଁ ସମାଧାନ ହୋଇଗଲା। ହାଲ୍ଲେଲୁୟା! ମୁଁ ତାହାଙ୍କ ସପକ୍ଷଧାରୀ ହୋଇଯାଇଛି। ମୁଁ ମାର୍ଗରେ ଆନନ୍ଦିତ କରି ଆସୁଅଛି। ଏବଂ ଯେତେବେଳେ ଏହା ମାର୍ଗର ଶେଷକୁ ଆସେ, ଏବଂ ମୃତ୍ୟୁ ମୋତେ ମୁହଁରେ ଚାହିଁ ରହିଥାଏ, ଯେପରି ମୁଁ ବର୍ତ୍ତମାନ ଅନୁଭବ କରୁଅଛି, ମୁଁ ଏହାକୁ କେବେବି ଭୟ କରିବି ନାହିଁ। ମୁଁ ଚାଲିକରି ଯିବି, ଏହାର ମୁହଁକୁ ଚାଲିକରି ଯିବାକୁ ଚାହେଁ, ଏହା ଜାଣି, ଯେ ମୁଁ ତାହାଙ୍କୁ ଜାଣେ ଯିଏକି ପ୍ରତିଜ୍ଞା କରିଅଛନ୍ତି, ତାହା ଠିକ୍ ଅଟେ, ଯେ ମୁଁ ତାହାଙ୍କର ପୁନରୁତ୍ଥାନର ଶକ୍ତିରେ ତାହାଙ୍କୁ ଜାଣେ। ଯେତେବେଳେ ସେ ମୃତମାନଙ୍କ ମଧ୍ୟରୁ ଡାକିବେ, ସେତେବେଳେ ମୁଁ ସେମାନଙ୍କ ମଧ୍ୟରୁ ବାହାରି ଆସିବି। ତାହା ଠିକ ଅଟେ, ତାହାଙ୍କର ପୁନରୁତ୍ଥାନର ଶକ୍ତିରେ

ତାହାଙ୍କୁ ଜାଣିବା । ଏଥିରେ କି ଫରକ୍ ପଡେ, ଯଦି ମୁଁ ବୃଦ୍ଧ ଅଟେ କିଅବା ମୁଁ ଯୁବା ଅଟେ? ଯଦି ମୁଁ ଛୋଟ ଅଟେ କିଅବା ମୁଁ ବଡ ଅଟେ? ଯଦି ମୁଁ ପରିପୂର୍ଣ୍ଣ ଅଟେ କିଅବା ମୁଁ ଭୋକିଲା ଅଟେ? ଯଦି ମୋ ପାଖରେ ଶୋଇବା ପାଇଁ ଏକ ସ୍ଥାନ ଅଛି କିଅବା ମୋ ପାଖରେ ନାହିଁ?

113 "ପକ୍ଷୀମାନଙ୍କର ବସା ଅଛି, ଏବଂ କୋକିଶିଆଳୀର ଗୁମ୍ଫା ଅଛି, ମାତ୍ର ମନୁଷ୍ୟପୁତ୍ରଙ୍କ ପାଖରେ ମୁଣ୍ଡ ଗୁଞ୍ଜିବା ପାଇଁ କୌଣସି ସ୍ଥାନ ନାହିଁ," କିନ୍ତୁ ସେ ମାହିମାର ରାଜା ଥିଲେ ।

114 ଆଜି ରାତି ଆମେମାନେ ରାଜା ଓ ଯାଜକ ଅଟୁ । ଏଥିରେ କି ଫରକ୍ ପଡେ ଯଦି ଆମେମାନଙ୍କ ପାଖରେ ତାହା ଅଛି କି ଆମମାନଙ୍କ ପାଖରେ ତାହା ନାହିଁ? ଯେପର୍ଯ୍ୟନ୍ତ ଆମେମାନେ ପରମେଶ୍ୱରଙ୍କୁ ପାଇଅଛୁ, ଆମେମାନେ ବିଜେତାମାନଙ୍କ ଅପେକ୍ଷା ଅଧିକ ଅଟୁ । ଆମେମାନେ ବିଜେତାମାନଙ୍କ ଅପେକ୍ଷା ଅଧିକ ଅଟୁ । ଆମେମାନେ ପରମେଶ୍ୱରଙ୍କ ଉପସ୍ଥିତିରେ, ପବିତ୍ରଆତ୍ମାଙ୍କ ସହଭାଗିତାରେ ବସିଥାଉ, ସେହି ବ୍ୟକ୍ତିଙ୍କ ହାତରୁ ଆତ୍ମିକ ପ୍ରଭୁଭୋଜ ଗ୍ରହଣ କରିଥାଉ ଯିଏକି ସାକ୍ଷ୍ୟ ଦେଇଥିଲେ, "ମୁଁ ସେ ଯିଏକି ମୃତ ଥିଲି, ଆଉ ପୁନର୍ବାର ଜୀବିତ ଅଟେ, ଏବଂ ମୁଁ ଚିରଦିନ ପାଇଁ ବଞ୍ଚିଅଛି ।" ସ୍ୱର୍ଗୀୟ ସ୍ଥାନରେ ଖ୍ରୀଷ୍ଟ ଯୀଶୁଙ୍କଠାରେ ଏକତ୍ର ବସିଅଛୁ । ଓଃ, ତାହାଙ୍କ ପବିତ୍ର ନାମର ଧନ୍ୟ ହେଉ! ଏଥିରେ କି ପାର୍ଥକ୍ୟ ଆଣିଦିଏ?

> ଏକ ତମ୍ବୁ ହେଉ କିମ୍ବା ଏକ କୁଟୀର ହେଉ, ମୁଁ କାହିଁକି ବ୍ୟସ୍ତ ହେବି?
> ସେମାନେ ମୋ ପାଇଁ ସେଠାରେ ଏକ ପ୍ରାସାଦ ନିର୍ମାଣ କରୁଛନ୍ତି!
> ରୁବି ପଥର ଏବଂ ହୀରା, ଓ ରୂପା ଏବଂ ସୁନାର,
> ତାହାଙ୍କର ରତ୍ନପେଡିଗୁଡ଼ିକ ପୂର୍ଣ୍ଣ ଅଟେ, ତାହାଙ୍କଠାରେ ଅଗଣ୍ୟ
> ଧନ ରହିଅଛି ।

115 ଦିନେ ମୁଁ ଯୁଦ୍ଧରୁ ଆସିବାବେଳେ ତାହାଙ୍କୁ ଭେଟିଥିଲି । ମୁଁ ମୋର ପୁରସ୍କାରଗୁଡିକୁ ତଳେ ଥୋଇଦେଲି । ସେହି ସମୟଠାରୁ ମୁଁ ଆଉ କୌଣସି ଯୁଦ୍ଧ କରି ନାହିଁ; ସେ ମୋ ପାଇଁ ସେମାନଙ୍କ ସହିତ ଯୁଦ୍ଧ କରନ୍ତି । ମୁଁ ତ କେବଳ ତାହାଙ୍କ ପ୍ରତିଜ୍ଞା ଉପରେ ବିଶ୍ରାମ କରୁଅଛି, ଏହା ଜାଣି, ଯେ ମୁଁ ତାହାଙ୍କ ପୁନରୁତ୍ଥାନର ଶକ୍ତିରେ ତାହାଙ୍କୁ ଜାଣେ । ତାହା ହିଁ ଅଟେ ଯାହାକି ଗୁରୁତ୍ୱପୂର୍ଣ୍ଣ ଅଟେ । ଆଉ କଅଣ ବା ଅଧିକ ଗୁରୁତ୍ୱପୂର୍ଣ୍ଣ ଅଛି?

116 ଆମେମାନେ କଅଣ କରିପାରୁ? କାହିଁକି କଅଣ ଚିନ୍ତା କରିବା ଦ୍ୱାରା ତାହା ଆପଣଙ୍କ ସ୍ଥିତିରେ ଚାଖଣ୍ଡେ ବି ଯୋଗ କରିପାରେ କି? ଆପଣଙ୍କର କି ଫରକ୍ ପଡେ ଯଦି ଆପଣଙ୍କର କେଶ କୁଞ୍ଚୁକୁଞ୍ଚିଆ ଅଟେ, କିଅବା ଆପଣଙ୍କର କିଛି ହିଁ ନାହିଁ? ଏଥିରେ କି ଫରକ୍ ପଡେ? ଯଦି ଆପଣ ବୃଦ୍ଧ ଅଟନ୍ତି, ଯଦି ଆପଣ ଧୂସର ହୋଇଯାଆନ୍ତି, ଯଦି ଆପଣଙ୍କର କାନ୍ଧ-ବଙ୍କା ହୋଇଯାଏ, ଯଦି ଆପଣଙ୍କର ନ ହୁଏ, ତେବେ ଏଥିରେ କି ଫରକ୍ ପଡେ? ଆମେନ୍ । ଏହା ତ କେବଳ ଏକ ଅନ୍ତରାଳ, ଏକ ଅଳ୍ପ ବ୍ୟବଧାନ ପାଇଁ ଅଟେ, ମାତ୍ର ତାହା ତ ଚିରଦିନ ଏବଂ ସବୁଦିନ ପାଇଁ ଅଟେ । ଏବଂ ଯେପରି ସମୟର ଯୁଗ ଯୁଗ ଗଡିଯାଏ, ଯେପରି ଯୁଗଗୁଡିକ

ଗଡିଯାଏ, ଆପଣ କଦାପି ପରିବର୍ତ୍ତନ ହେବେ ନାହିଁ, ଏବଂ ତାହାଙ୍କର ନିରନ୍ତର ଅନନ୍ତ ଯୁଗ ଦେଇ ଗତି କରିବେ । ଏଥିରେ କି ଫରକ ପଡେ?

117 ମୁଁ ବହୁତ ଖୁସି ଯେ ମୁଁ ତାହାଙ୍କୁ ଭେଟିଥିଲି । ମୁଁ ବହୁତ ଖୁସି ଯେ ସେ ମୋତେ ଦିନେ, ପ୍ରଭୁଭୋଜ ଦେଇଥିଲେ, ସେହି ସମାନ ମଲ୍‌କୀଷେଦକ ଯିଏକି ରାଜାମାନଙ୍କର ସଂହାରରୁ ଫେରି ଆସିବା ବେଳେ ଅବ୍ରହାମଙ୍କୁ ଭେଟିଥିଲେ । ନିଶ୍ଚିତ ଭାବରେ । "ସ୍ୱର୍ଗର ପରମେଶ୍ୱର," ସେହି *ଏଲ୍ ଏଲିୟନ୍*; ସେହି ମହାନ "**ମୁଁ ଅଟେ**," ଏହା ନୁହେଁ ଯେ ମୁଁ ଥିଲି; **ମୁଁ ଅଟେ**, ବର୍ତ୍ତମାନ କାଳ । "ଏବଂ ସେ ତାଙ୍କୁ ଆଶୀର୍ବାଦ କଲେ ।"

118 ଏଠାରେ ଆଉ ଟିକିଏ ଆଗକୁ ଶୁଣନ୍ତୁ, ଯେଣୁ ଆମେ ପାଠକୁ ଆଉ ଟିକିଏ ଅଧିକ ନିକଟତର ଭାବେ ନେଇପାରୁ । ତେବେ ସେହି 4ର୍ଥ ପଦ ।

*ଭାବି ଦେଖ, ଏହି ବ୍ୟକ୍ତି କିପରି ମହାନ୍...*

ମୁଁ ମଧ୍ୟ, ଠିକ ତାହା ଭାବୁଅଛି । "ଭାବି ଦେଖନ୍ତୁ ଏହି ବ୍ୟକ୍ତି କିପରି ମହାନ୍ ।" ସେ ପରମେଶ୍ୱରଙ୍କ ପୁତ୍ରଙ୍କଠାରୁ ଅଧିକ ଅଟନ୍ତି । ପରମେଶ୍ୱରଙ୍କ ପୁତ୍ରଙ୍କର ପିତା ଏବଂ ମାତା ଥିଲେ; ତାହାଙ୍କର ନ ଥିଲେ । ପରମେଶ୍ୱରଙ୍କ ପୁତ୍ରର ସମୟର ଏକ ଆରମ୍ଭ ଏବଂ ସମୟର ଏକ ସମାପ୍ତି ଥିଲା; ତାହାଙ୍କର ନ ଥିଲା । ସେ କିଏ ଥିଲେ? ତାହା ତ ପୁତ୍ରର ସେହି ପିତା ଥିଲେ । ତାହାହିଁ ଅଟନ୍ତି ଯାହାକି ସେ ଥିଲେ ।

*...ଭାବି ଦେଖ ଏହି ବ୍ୟକ୍ତି କିପରି ମହାନ୍, ଯାହାଙ୍କୁ...ପିତୃକୁଳପତି ଅବ୍ରହାମ ତାହାଙ୍କୁ ସର୍ବୋତ୍କୃଷ୍ଟ ଲୁଟିତ ଦ୍ରବ୍ୟର ଦଶମାଂଶ ସୁଦ୍ଧା ଦେଇଥିଲେ ।*

119 ତେବେ ଧ୍ୟାନ ସହକାରେ ଶୁଣନ୍ତୁ ।

*ଲେବୀଙ୍କ ସନ୍ତାନମାନଙ୍କ ମଧ୍ୟରୁ, ଯେଉଁମାନେ ଯାଜକପଦ ପ୍ରାପ୍ତ ହୁଅନ୍ତି, ସେମାନେ...ବ୍ୟବସ୍ଥାନୁସାରେ ଲୋକମାନଙ୍କଠାରୁ, ଅର୍ଥାତ୍, ସେମାନଙ୍କ ଭାଇମାନଙ୍କଠାରୁ* ଦଶମାଂଶ *ଗ୍ରହଣ କରିବାକୁ ଆଜ୍ଞା ପ୍ରାପ୍ତ ହୋଇଥାଆନ୍ତି, ସେମାନେ ଅବ୍ରହାମଙ୍କ ଔରସଜାତ* ହେଲେହେଁ *ସେମାନଙ୍କଠାରୁ ଏହା ଗ୍ରହଣ କରନ୍ତି:*

120 ତେବେ ଏହାକୁ ଲକ୍ଷ୍ୟ କରନ୍ତୁ ଯଦି ଆପଣ କିଛି ଦେଖିବାକୁ ଚାହାଁନ୍ତି ।

*କିନ୍ତୁ ଏହି ଯେଉଁ ବ୍ୟକ୍ତି ସେମାନଙ୍କ ବଂଶାବଳୀର* ଅନ୍ତର୍ଗତ *ନୁହଁନ୍ତି...ସେ ଅବ୍ରହାମଙ୍କଠାରୁ ଦଶମାଂଶ* ଗ୍ରହଣ *କରି,* ପ୍ରତିଜ୍ଞାର *ଅଧିକାରୀଙ୍କୁ ଆଶୀର୍ବାଦ କରିଥିଲେ ।*

121 ଅବ୍ରହାମଙ୍କଠାରେ ସେହି ପ୍ରତିଜ୍ଞା ଥିଲା, ଏବଂ ଏହି ବ୍ୟକ୍ତି ଅବ୍ରହାମଙ୍କୁ ଆଶୀର୍ବାଦ କରିଥିଲେ ଯାହାଙ୍କ ପାଖରେ ସେହି ପ୍ରତିଜ୍ଞା ରହିଥିଲା । ଏହା କିଏ ଥିଲେ? ଲେବୀଙ୍କ ପୁତ୍ରମାନେ ସେମାନଙ୍କର ଭାଇମାନଙ୍କୁ ଦଶମାଂଶ ଦେଇଥିଲେ କିଅବା...ସେମାନଙ୍କର

ଭାଇମାନେ ସେମାନଙ୍କୁ ଦଶମାଂଶ ଦେଇଥିଲେ। ସେମାନେ ପ୍ରଭୁଙ୍କଠାରୁ ଏକ ଆଜ୍ଞା ପାଇଥିଲେ ଯେ ସେମାନେ ନିଜର ଭାଇମାନଙ୍କଠାରୁ ସମସ୍ତ ବିଷୟର ଏକ ଦଶମାଂଶ ଗ୍ରହଣ କରିବେ, ଯାହା ସେମାନେ ନିଜର ଜୀବିକା ନିର୍ବାହ ପାଇଁ ଅର୍ଜନ କରନ୍ତି, କାରଣ ସେମାନେ ଯାଜକପଦ ପ୍ରାପ୍ତ ହୋଇଥିଲେ। ତେବେ, ତାହା ମଲ୍‌କୀଷେଦକ ଯାଜକତ୍ୱକୁ ପ୍ରତିପାଦିତ କରେ, ଯାହା ବିଷୟରେ ଆପଣ, ଠିକ ଏଠାରେ କଥାବାର୍ତ୍ତା କରନ୍ତି। ତାହା ଠିକ୍ ଅଟେ। ମାତ୍ର ଏହି ବ୍ୟକ୍ତି...ଏପରିକି ସେହି ଜଣକ ଯାହାଙ୍କ ପାଖରେ ପ୍ରତିଜ୍ଞା ରହିଥିଲା, ପୃଥିବୀ ପୃଷ୍ଠରେ ରହିଥିବା ମହାନତମ ବ୍ୟକ୍ତି, ଅବ୍ରହାମ, ଏହି ବ୍ୟକ୍ତିଙ୍କୁ ଭେଟିଥିଲେ ଏବଂ ତାହାଙ୍କୁ ଦଶମାଂଶ ଦେଇଥିଲେ। [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା।] ତାହାଙ୍କୁ ଅଧିକ ମହତ୍ତର ହେବାକୁ ଥିଲା।

122 ଶୁଣନ୍ତୁ।

*ସାନ ଯେ ବଡ଼ଠାରୁ ଆଶୀର୍ବାଦ ପ୍ରାପ୍ତ ହୁଏ ଏହା ସ୍ୱୀକାର୍ଯ୍ୟ।*

ନିଶ୍ଚିତ ଭାବରେ। ଦେଖନ୍ତୁ ଯେ ସେ କିଏ ଅଟନ୍ତି।

*ଏ ସ୍ଥାନରେ ମର୍ତ୍ତ୍ୟ ମନୁଷ୍ୟମାନେ ଦଶମାଂଶ ଗ୍ରହଣ କରିଥାଆନ୍ତି;...*

ତାହାହିଁ ହେଉଛି ପୁରୋହିତ ଏବଂ ପ୍ରଚାରକମାନଙ୍କର କ୍ରମ ଅନୁଯାୟୀ ଯାଜକତ୍ୱ ପଦ, ଏବଂ ପ୍ରଭୃତି ସବୁ। ଯେଉଁ ଲୋକମାନେ ଦଶମାଂଶ ଗ୍ରହଣ କରନ୍ତି, ସେମାନେ ମର୍ତ୍ତ୍ୟ ମନୁଷ୍ୟ ଅଟନ୍ତି। ବୁଝିଲେ?

*...କିନ୍ତୁ ସେ ସ୍ଥଳରେ ଗ୍ରହଣ କରିଥିବା ବ୍ୟକ୍ତିଙ୍କ ବିଷୟରେ ସାକ୍ଷ୍ୟ ଦିଆଯାଏ ଯେ, ସେ ଅମର।*

123 କୌଣସି ଜଣେ ବ୍ୟକ୍ତି ଦଶମାଂଶ କଅଣ ପାଇଁ ଗ୍ରହଣ କରିବେ, ଯଦି ତାଙ୍କର କୌଣସି... ଯଦି ସେ କେବେ ଜନ୍ମ ହୋଇ ନ ଥିଲେ, ଏବଂ କେବେ ମରିବେ ନାହିଁ, ଏବଂ ଯିଏ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଥିଲେ, ଏବଂ—ଏବଂ ତାଙ୍କର କୌଣସି ପିତା କିମ୍ବା କୌଣସି ମାତା କିମ୍ବା କୌଣସି ବଂଶାବଳୀ କିଛି ହିଁ ନ ଥିଲା, ଏବଂ ସମଗ୍ର ସ୍ୱର୍ଗ ଓ ପୃଥିବୀର ଏବଂ ସେଥିରେ ଥିବା ସମସ୍ତକିଛି ବିଷୟର ଅଧିକାରୀ ଥିଲେ, ସେ କାହିଁକି ଦଶମାଂଶ ନେବେ? ସେ ଅବ୍ରହାମଙ୍କୁ ଦଶମାଂଶ ଦେବା ପାଇଁ କାହିଁକି କହିବେ? କଅଣ ଆପଣ ଦେଖୁଛନ୍ତି ଯେ ଦଶମାଂଶ ଦେବା କି ଏକ କଡାକଡି ବିଷୟ ଅଟେ? ଦଶମାଂଶ ଦେବା ଠିକ୍ ବିଷୟ ଅଟେ। ପ୍ରତ୍ୟେକ ଖ୍ରୀଷ୍ଟିଆନ ଦଶମାଂଶ ଦେବା ନିମନ୍ତେ କର୍ତ୍ତବ୍ୟବଦ୍ଧ। ତାହା ଠିକ୍। କଦାପି ପରିବର୍ତ୍ତନ କରାଯାଇ ନାହିଁ।

124 ତେବେ:

*ପୁଣି କହିବାକୁ ଗଲେ, ଯେଉଁ ଲେବୀ* ଦଶମାଂଶ ଗ୍ରହଣ କରନ୍ତି, *ସେ ମଧ୍ୟ, ଅବ୍ରହାମଙ୍କ ଦ୍ୱାରା ଦଶମାଂଶ ଦେଇଅଛନ୍ତି।*

125 ବର୍ତ୍ତମାନ, ଓଃ, ଏଠାରେ କିଛି ଗୋଟାଏ ବିଷୟ ଅଛି।

*କାରଣ ତାହାଙ୍କ ପିତାଙ୍କ ସହିତ ମଲ୍‌କୀଷେଦକ ସାକ୍ଷାତ କରିବା ସମୟରେ, ସେ ତାହାଙ୍କ କଟିରେ ଥିଲେ ।*

126 କଅଣ? ଲେବୀ? ଅବ୍ରହାମ ଲେବୀଙ୍କର ସାଆନ୍ତ-ସାଆନ୍ତ-ଜେଜେବାପା ଥିଲେ । ଏବଂ ବାଇବଲ ଏଠାରେ କୁହେ, ଯେ, "ଲେବୀ ସେତେବେଳେ ଦଶମାଂଶ ଦେଇଥିଲେ ଯେତେବେଳେ ସେ ଅବ୍ରହାମଙ୍କ କଟିରେ ଥିଲେ ।" ସେ ପୃଥିବୀକୁ ଆସିବାର ଚାରି ପୀଢ଼ୀ ପୂର୍ବରୁ, ସେ ମଲ୍‌କୀଷେଦକଙ୍କୁ ଦଶମାଂଶ ଦେଇଥିଲେ । ପ୍ରଭୁଙ୍କ ନାମର ଧନ୍ୟ ହେଉ!

127 ତାହାପରେ, ଆପଣମାନେ ଯେଉଁମାନେକି ପୂର୍ବନିରୂପଣରେ, କିମ୍ବା ପୂର୍ବନିର୍ଦ୍ଧାରଣ ଉପରେ ବିଶ୍ୱାସ କରିପାରନ୍ତି ନାହିଁ; ଏବଂ ଏଠାରେ, ଲେବୀ ଅବ୍ରହାମଙ୍କ କଟିରୁ ବାହାରି ଆସିବାର ଚାରି ପୀଢ଼ୀ ପୂର୍ବରୁ, ମଲ୍‌କୀଷେଦକଙ୍କୁ ଦଶମାଂଶ ଦେଇଥିଲେ । ମୋର ଇଚ୍ଛା ଯେ କାଳେ ଆମ ପାଖରେ ଏହି ଶାସ୍ତ୍ରକୁ ନେବା ପାଇଁ ସମୟ ରହିଥାଆନ୍ତା ।

128 ଯଦି ଆପଣ ଏହାକୁ ନେବାକୁ ପସନ୍ଦ କରିବେ ଯେପରିକି ତାହା ଯିରିମିୟ 1:4 ରେ ଅଛି, ପରମେଶ୍ୱର କହିଲେ, "ତୁମେ ନିଜର ମାତାର ଗର୍ଭରେ ସୃଷ୍ଟି ହେବା ପୂର୍ବରୁ ଆମ୍ଭେ ତୁମକୁ ଜାଣିଥିଲୁ । ଏବଂ ଆମ୍ଭେ ତୁମକୁ ପବିତ୍ର କରି ଜାତି ଜାତିମାନଙ୍କ ପାଇଁ ଜଣେ ଭବିଷ୍ୟଦ୍‌ବକ୍ତା ଭାବରେ ନିଯୁକ୍ତ କରିଥିଲୁ ।" ତାହାହେଲେ ଆପଣ କଅଣ କହିପାରନ୍ତି ଯେ ଆପଣ କଅଣ କରିଅଛନ୍ତି? ମୁଁ କଅଣ କହିପାରେ ଯେ ମୁଁ କରିଅଛି? ଏହା ତ ପରମେଶ୍ୱର ଅଟନ୍ତି ଯିଏକି ଦୟା ଦେଖାନ୍ତି । ପରମେଶ୍ୱର ଆମକୁ ଜଗତ ସୃଷ୍ଟି ହେବା ପୂର୍ବରୁ ଜାଣିଥିଲେ ।

129 ତାହାଙ୍କର ଇଚ୍ଛା ନାହିଁ ଯେ କେହି ବିନଷ୍ଟ ହୁଅନ୍ତୁ । ନିଶ୍ଚିତରେ ନୁହେଁ । ମାତ୍ର ଯଦି ସେ ପରମେଶ୍ୱର ଅଟନ୍ତି, ସେ ଜାଣିଥିଲେ ଯେ କିଏ ଉଦ୍ଧାର ପାଇବେ ଏବଂ କିଏ ଉଦ୍ଧାର ପାଇବେ ନାହିଁ, ନତୁବା ସେ କିଛି ହେଲେ ଜାଣି ନ ଥିଲେ । ଯଦି ସେ ଜାଣି ନ ଥିଲେ...ଯଦି ଜଗତ ସୃଷ୍ଟି ହେବା ପୂର୍ବରୁ ସେ ଏହା ଜାଣି ନ ଥିଲେ, ଯେ କିଏ ସ୍ୱର୍ଗାରୋହଣକୁ ଉଠାଇ ନିଆଯିବେ, ତାହାହେଲେ ସେ ପରମେଶ୍ୱର ନୁହଁନ୍ତି । ଯଦି ସେ ଅସୀମ, ତାହାହେଲେ ସେ...ସେ ପ୍ରତ୍ୟେକ କୀଟ, ପ୍ରତ୍ୟେକ ମାଛି, ପ୍ରତ୍ୟେକ ପୋକ, ପ୍ରତ୍ୟେକ ଚେଁ ଚେଁ କରୁଥିବା ଜୀବକୁ ପୃଥିବୀ ସୃଷ୍ଟି ହେବା ପୂର୍ବରୁ ଜାଣିଥିଲେ, ଯାହାସବୁକି କେବେ ପୃଥିବୀରେ ରହିବ । ତାହା ଠିକ୍ । ସେ ସମସ୍ତ ବିଷୟକୁ ଜାଣିଥିଲେ । ଜଗତ ସୃଷ୍ଟି ହେବା ପୂର୍ବରୁ, ସେ ଆମମାନଙ୍କୁ ଜାଣିଥିଲେ । ବାଇବଲ କୁହେ, ଯେ, "ସେ ଆମକୁ ଜାଣିଥିଲେ ଏବଂ ଆମକୁ ପୂର୍ବରୁ ନିରୂପଣ କରିଥିଲେ ।"

130 ଆସନ୍ତୁ ଏହାକୁ ଥରକ ପାଇଁ ସମାଧାନ କରି ଦେବା । ଆସନ୍ତୁ ଆମେମାନେ ଏଫିସୀୟ, ତାର 1ମ ପର୍ବକୁ ଫେରିଯାଉ । ତାର 5ମ ପର୍ବ-...ଏଫିସୀୟର 1ମ ପର୍ବ, କେବଳ ଗୋଟିଏ କ୍ଷଣ । ମୁଁ ଏଠାରେ ମାତ୍ର ଗୋଟିଏ ମିନିଟ୍ ପାଇଁ ପାଠ କରିବାକୁ ଚାହେଁ, ଯେପରିକି ଆପଣମାନେ ପ୍ରକୃତରେ ଏହା ବୁଝିପାରନ୍ତି ଯେ ଏହା କେବଳ ଏପରି କିଛି ଗୋଟାଏ ନୁହେଁ ଯାହାକି ମୁଁ ଆପଣଙ୍କୁ କହିବାକୁ ଚେଷ୍ଟା କରୁଅଛି । ଏହା ତ ଏପରି କିଛି ଅଟେ ଯାହା ପରମେଶ୍ୱର ଆପଣଙ୍କୁ କହିବାକୁ ଚେଷ୍ଟା କରୁଅଛନ୍ତି । ବୁଝିଲେ? ତେବେ ଏହାକୁ, ଏଫିସୀୟର

1ମ ପର୍ବକୁ, ଅତି ଧ୍ୟାନ ସହକାରେ ଶୁଣନ୍ତୁ ।

*ପାଉଲ, ପରମେଶ୍ୱରଙ୍କ ଇଚ୍ଛାରେ ଖ୍ରୀଷ୍ଟ ଯୀଶୁଙ୍କ ଜଣେ ପ୍ରେରିତ,...*

ସେହି ସମାନ ବ୍ୟକ୍ତି ଯିଏକି ଏବ୍ରୀ ପତ୍ରକୁ ଲେଖିଥିଲେ, ସେ ଏହି ଚିଠିକୁ ଲେଖୁଛନ୍ତି ।

*...ଏଫିସରେ...*

ଏହା ଅବିଶ୍ୱାସୀମାନଙ୍କ ପ୍ରତି ନୁହେଁ, ମାତ୍ର ସାଧୁମାନଙ୍କ ପାଇଁ ଅଟେ, ସେହି ପବିତ୍ର-... ପବିତ୍ରୀକୃତ ସାଧୁଗଣଙ୍କ ପ୍ରତି ।

*...ଥିବା ସାଧୁ, ଓ ଖ୍ରୀଷ୍ଟ ଯୀଶୁଙ୍କଠାରେ ଥିବା ବିଶ୍ୱାସୀମାନଙ୍କ ନିକଟକୁ ଲେଖୁଅଛି:*

*ଆମ୍ଭମାନଙ୍କ ପିତା ପରମେଶ୍ୱର, ଓ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରୁ, ଅନୁଗ୍ରହ ଓ ଶାନ୍ତି, ତୁମମାନଙ୍କ ପ୍ରତି ହେଉ ।*

*ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ପରମେଶ୍ୱର ଓ ପିତା ଧନ୍ୟ ହେଉନ୍ତୁ, ସେ ଖ୍ରୀଷ୍ଟଙ୍କଠାରେ* ଆମ୍ଭମାନଙ୍କୁ *ସମସ୍ତ ଆତ୍ମିକ ଆଶୀର୍ବାଦ ଦ୍ୱାରା ସ୍ୱର୍ଗରେ ଆଶୀର୍ବାଦ କରିଅଛନ୍ତି...*

"ଅର୍ଥାତ୍ ଆମ୍ଭେମାନେ ଯେପରି ତାହାଙ୍କ..." ତେବେ, ସେହି 4ର୍ଥ ପଦଟି ବର୍ତ୍ତମାନ, ଧ୍ୟାନ ସହକାରେ ଶୁଣନ୍ତୁ ।

*ଅର୍ଥାତ୍ ଆମ୍ଭେମାନେ ଯେପରି ତାହାଙ୍କ ସାକ୍ଷାତରେ ପବିତ୍ର ଓ ଅନିନ୍ଦନୀୟ ହେଉ, ଏଥିପାଇଁ ସେ ଜଗତର ପତ୍ତନ ପୂର୍ବେ ତାହାଙ୍କଠାରେ ଆମ୍ଭମାନଙ୍କୁ...*

ସେଠାରେ ସେହି "ଆମ୍ଭମାନଙ୍କୁ" କିଏ ଅଟନ୍ତି? ସେହି ମଣ୍ଡଳୀ ।

...ଜଗତର, *ପତ୍ତନ ପୂର୍ବେ ତାହାଙ୍କ* (ଖ୍ରୀଷ୍ଟଙ୍କ) *ଠାରେ ଆମ୍ଭମାନଙ୍କୁ* ମନୋନୀତ କଲେ, *ଆମ୍ଭେମାନେ ଯେପରି ତାହାଙ୍କ ସାକ୍ଷାତରେ ପବିତ୍ର ଓ ଅନିନ୍ଦନୀୟ ହେଉ:*

*ପୁଣି ସେ ଆମ୍ଭମାନଙ୍କୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଆପଣା ପୁତ୍ର କରିବାକୁ,* ଆପଣା *ସ୍ୱଚ୍ଛନ୍ଦ ଇଚ୍ଛାନୁସାରେ ଆମ୍ଭମାନଙ୍କୁ ପ୍ରେମରେ ପୂର୍ବରୁ ନିରୂପଣ କଲେ,*

131 କିଏ ଏହା କଲା? ପରମେଶ୍ୱର ଏହା କଲେ । ପରମେଶ୍ୱର ଆରମ୍ଭରୁ ଜାଣିଥିଲେ ଯେ କିଏ ଉଦ୍ଧାର ପାଇବ ଏବଂ କିଏ ଉଦ୍ଧାର ପାଇବ ନାହିଁ । ନିଶ୍ଚିତରେ, ସେ ଇଚ୍ଛା କରନ୍ତି ନାହିଁ ଯେ କେହି ବିନଷ୍ଟ ହୁଅନ୍ତୁ । ମାତ୍ର ସେ ଯୀଶୁଙ୍କୁ ଏଠାରେ କେବଳ ଏହା ଦେଖିବା ପାଇଁ ପଠାଇ ନ ଥିଲେ ଯେ ଆପଣ—ଆପଣ କେଉଁପରି ଭାବରେ ଆଚରଣ କରିବେ ଯଥା, "ତେବେ, ବେଚାରା ଯୀଶୁ, ମୁଁ ତାଙ୍କ ପାଇଁ ଦୁଃଖିତ ଅନୁଭବ କରେ । ହୋଇପାରେ ଉତ୍ତମ ହେବ ଯେ ମୁଁ ଉଦ୍ଧାର ପାଏ ଏବଂ ଏହାକୁ ଅନୁମୋଦିତ କରେ ।" ନା, ମହାଶୟ ।

132 ପରମେଶ୍ୱର ଆରମ୍ଭରୁ ଜାଣିଥିଲେ ଯେ କିଏ ହେବେ ଏବଂ କିଏ ହେବେ ନାହିଁ । ଅତଏବ, ତେଣୁକରି, ସେ ଜାଣିଥିଲେ ଯେ କେତେକ ଜଣ ତାହା କରିବେ, ତେଣୁ ସେ ଯୀଶୁଙ୍କୁ ସେମାନଙ୍କ ପାଇଁ ପ୍ରାୟଶ୍ଚିତ ନିମନ୍ତେ ପଠାଇଲେ ଯାହାଙ୍କୁ ସେ ପୂର୍ବରୁ ଜାଣିଥିଲେ । "ଯେଉଁମାନଙ୍କୁ ସେ ପୂର୍ବରୁ ଜାଣିଥିଲେ, ସେ ସେମାନଙ୍କୁ ଆହ୍ୱାନ କଲେ । ଏବଂ ଯେଉଁମାନଙ୍କୁ ସେ ଆହ୍ୱାନ କଲେ, ସେ ସେମାନଙ୍କୁ ଧାର୍ମିକ ଗଣନା କଲେ । ଏବଂ ଯେଉଁମାଙ୍କୁ ସେ ଧାର୍ମିକ ଗଣନା କଲେ, ସେ ସେମାନଙ୍କୁ ମହିମାନ୍ୱିତ କଲେ (ଭୂତ କାଳ) ।" ଆପଣ ସେଠାରେ ଅଛନ୍ତି ।

133 ତେଣୁକରି ଏହା ଆପଣ ନୁହଁନ୍ତି ଯିଏକି ନିଜକୁ ଧରି ରଖିଛନ୍ତି, ଏହା ତ ପରମେଶ୍ୱରଙ୍କ ଅନୁଗ୍ରହ ଅଟେ ଯାହାକି ଆପଣଙ୍କୁ ଧରି ରଖିଥାଏ । ଆପଣ ନିଜକୁ ଉଦ୍ଧାର କଲେ ନାହିଁ, କିମ୍ବା ଏପରି କିଛି କଲେ ନାହିଁ ଯାହାଦ୍ୱାରା ଉଦ୍ଧାର ହେବା ନିମନ୍ତେ ଆପଣ ଯୋଗ୍ୟ ହୋଇଛନ୍ତି । ଏହା ତ ପରମେଶ୍ୱରଙ୍କ ଅନୁଗ୍ରହ ଅଟେ ଯାହାକି ଆପଣଙ୍କୁ ଉଦ୍ଧାର କରିଅଛି । ପରମେଶ୍ୱରଙ୍କ ଅନୁଗ୍ରହ ଆପଣଙ୍କୁ ଡାକିଥିଲା । ପରମେଶ୍ୱରଙ୍କ ପୂର୍ବଜ୍ଞାନ ଆପଣଙ୍କୁ ଜାଣିଥିଲା । ସେ ଜାଣିଥିଲେ ଯେ ଆପଣ ଆଜି ରାତିରେ ଏହି ମଣ୍ଡଳୀରେ ରହିବେ, ଏହା ପୂର୍ବେକି ଜଗତର ମୂଳଦୁଆ କେବେ ସ୍ଥାପନ କରାଯାଇଥାଆନ୍ତା, ଯଦି ସେ ଅସୀମ ଅଟନ୍ତି । ଯଦି ସେ ନୁହଁନ୍ତି, ତେବେ ସେ ପରମେଶ୍ୱର ନୁହଁନ୍ତି । ଯଦି ସେ ସବୁ ବିଷୟ ଜାଣିଥିଲେ, ସେ ପରମେଶ୍ୱର ଥିଲେ । ଯଦି ସେ ସବୁ ବିଷୟ ଜାଣି ନ ଥିଲେ, ତେବେ ସେ ପରମେଶ୍ୱର ନ ଥିଲେ । ଯଦି ସେ ସର୍ବଶକ୍ତିମାନ ପରମେଶ୍ୱର ଅଟନ୍ତି, ସେ ସମସ୍ତ କାର୍ଯ୍ୟ କରିପାରନ୍ତି । ଯଦି ସେ ସବୁକିଛି ବିଷୟ କରି ନ ପାରନ୍ତି, ତେବେ ସେ ସର୍ବଶକ୍ତିମାନ ପରମେଶ୍ୱର ନୁହଁନ୍ତି । ଆପଣ ସେଠାରେ ଅଛନ୍ତି ।

134 ତାହାହେଲେ ଆପଣ କିପରି କହିପାରନ୍ତି ଯେ ଏହା ଏପରି କିଛି ଅଟେ ଯାହା ଆପଣ କରିପାରିବେ? ଏହା ଏପରି କିଛି ନୁହେଁ ଯାହା ଆପଣ କରିପାରନ୍ତି । ଏହା ତ ଆପଣଙ୍କ ପାଇଁ ପରମେଶ୍ୱରଙ୍କ ପ୍ରେମ ଏବଂ ଅନୁଗ୍ରହ ଅଟେ, ଯେ ଏପରିକି ଆପଣ ଏଠାରେ ଅଛନ୍ତି । ଏପରି କିଛି ନାହିଁ ଯାହା ଆପଣ କରିପାରିବେ, ପରମେଶ୍ୱର ଆପଣା ଅନୁଗ୍ରହରେ ଆପଣଙ୍କୁ ଡାକିଲେ; ଆପଣ ଶୁଣିଲେ, କର୍ଣ୍ଣପାତ କଲେ, ଗ୍ରହଣ କଲେ ।

135 "ତେବେ," ଆପଣ କୁହନ୍ତି, "ଭାଇ ବ୍ରାନହାମ୍, ତାହା ଏହାକୁ ଅତିଶୟ ହୁଗୁଳା କରିଦିଏ ।" ନିଶ୍ଚିତ ଭାବରେ କରେ । ଆପଣ ମୁକ୍ତ ଅଟନ୍ତି । "ତେବେ, ସେହି ବ୍ୟକ୍ତିଜଣକ ଯାହା ତାଙ୍କର ଇଚ୍ଛା ତାହା କରିପାରନ୍ତି ।" ଅବଶ୍ୟ । ମୁଁ ସବୁବେଳେ ତାହା କରେ ଯାହା ମୋର କରିବାକୁ ଇଚ୍ଛା ହୁଏ । ମାତ୍ର ଯଦି ଆପଣ ଜଣେ ଖ୍ରୀଷ୍ଟିଆନ, ତାହାହେଲେ ଆପଣ ଭୁଲ କରିବାକୁ ଇଚ୍ଛା କରିବେ ନାହିଁ ।

136 ଆଜି ରାତି ସେଠାରେ ପଛରେ ଜଣେ ସାନ ବୟସ୍କା ଝିଅଟିଏ, ମୋ ପତ୍ନୀ ବସିଛନ୍ତି । ମୋ ଭିତରେ ଥିବା ସମସ୍ତ କିଛି ବିଷୟ ସହିତ ମୁଁ ତାଙ୍କୁ ପ୍ରେମ କରେ । ଏବଂ ଯଦିଓ ମୁଁ ଜାଣେ ଯେ ମୁଁ ଅନ୍ୟ ଜଣେ ସ୍ତ୍ରୀଲୋକ ସହିତ ଯାଇପାରିବି ଏବଂ ଏହା ସହିତ ରକ୍ଷା ପାଇପାରିବି, ଏବଂ ଯାଇ ତାଙ୍କୁ କୁହେ, ଏବଂ କହିବି, "ମେଡା, ମୁଁ ଭୁଲ୍ କରିଥିଲି," କଅଣ ଆପଣ ଭାବୁଛନ୍ତି ଯେ ମୁଁ ଏହା

କରିବି? ଯଦି ମୁଁ ତାଙ୍କୁ ସଠିକ୍ ଭାବେ ପ୍ରେମ କରେ, ମୁଁ ତାହା କରିବି ନାହିଁ। ତାହା ଠିକ୍।

137 ତେବେ, କଅଣ ହୁଏ ଯଦି ମୁଁ କହିବି, "ଓଃ, ମୁଁ ଏହା କରିପାରେ ନାହିଁ। କାରଣ, ମୁଁ ଆପଣଙ୍କୁ କହିବି ଯେ କାହିଁକି। ସେ ମୋତେ ଛାଡପତ୍ର ଦେଇଦେବେ, ଏବଂ ମୋର ରହିଛି... ଓଃ, ମୁଁ ଜଣେ ପ୍ରଚାରକ ଅଟେ। ଦେଖନ୍ତୁ ତାହା କଅଣ କରିବ? ତେବେ ତାହା ମୋତେ ପ୍ରଚାର ମଞ୍ଚରୁ ବାହାର କରି ଦେବ, ଯଦି ସେ ମୋତେ ଛାଡପତ୍ର ଦିଅନ୍ତି। 'ଜଣେ ଛାଡପତ୍ର ପାଇଥିବା ବ୍ୟକ୍ତି, ଓଃ!' ମୋର ତିନୋଟି ସନ୍ତାନ ଅଛନ୍ତି; ମୁଁ ତାହା ବିଷୟରେ ଚିନ୍ତା କରିପାରିବି ନାହିଁ। ମାତ୍ର, ବାଳକ, ମୁଁ..."? ତେବେ, ଯଦି ତାହାହିଁ ସେହି ଉପାୟ ଅଟେ ଯେ ଏହା ଅଟେ, ଆପଣ ତଥାପି ଆଇନଗତ ଅଟନ୍ତି। ଏହା ଆଇନଗତ ଆଧାର ନୁହେଁ ଯାହା ଉପରେ ମୁଁ ତାଙ୍କୁ ବିବାହ କରିଥିଲି। ଏହା ଆଇନଗତ ଆଧାରରେ ନୁହେଁ ଯାହାକି ମୋତେ ତାଙ୍କ ପ୍ରତି ସଚ୍ଚୋଟ ଭାବରେ ରହିବାକୁ ବାଧ୍ୟ କରିଥାଏ। ଏହାର କାରଣ ହେଲା ଯେହେତୁ ମୁଁ ତାଙ୍କୁ ପ୍ରେମ କରେ। ମୋତେ କିଛି ହେଲେ କରିବାକୁ ପଡେ ନାହିଁ। ମୁଁ ଏହାକୁ ଇଚ୍ଛାକୃତ ଭାବରେ କରେ କାରଣ ଏହା ଏକ ପ୍ରେମ ସମ୍ପର୍କ ଅଟେ। ଏବଂ ଯଦି ଆପଣ ନିଜର ପତ୍ନୀଙ୍କୁ ପ୍ରେମ କରନ୍ତି, ଆପଣ ମଧ୍ୟ ସେହି ସମାନ କାର୍ଯ୍ୟ କରିବେ।

138 ଏବଂ ଯଦି ଆପଣ ନିଜର ପତ୍ନୀଙ୍କୁ ସେହି *ଫିଲିୟୋ* ପ୍ରେମରେ, ସେହିପରି ଭାବରେ ପ୍ରେମ କରନ୍ତି, ତାହାହେଲେ ଆପଣଙ୍କୁ *ଆଗାପୋ* ପ୍ରେମ ସହିତ ଖ୍ରୀଷ୍ଟଙ୍କ ପ୍ରତି କଅଣ କରିବା ଉଚିତ୍, ଯାହାକି ଲକ୍ଷ ଲକ୍ଷ ଗୁଣନ ଅଧିକ ଶକ୍ତିଶାଳୀ ଅଟେ, ଯଦି ଆପଣ ପ୍ରକୃତରେ ପରମେଶ୍ୱରଙ୍କୁ ପ୍ରେମ କରନ୍ତି? ଯଦି ମୁଁ ଜାଣେ ଯେ ଆଜି ରାତି ମୁଁ ବାହାରକୁ ଯାଇ ମଦ୍ୟପାନ କରିପାରେ, ଯଦି ମୁଁ ଜାଣେ ଯେ ଆଜି ରାତି ମୁଁ ଚାରି ଆଡ଼େ ବାହାରେ ଯାଇ ଅନୈତିକ ହୋଇପାରେ, ଯଦି ମୁଁ ଜାଣେ, ଆଜି ରାତିରେ; ଯଦି ତାହା କରିବାକୁ ସୁଦ୍ଧା ମୋର ହୃଦୟରେ ରହିଥାଏ, ଏବଂ ମୁଁ ଯାଇ ତାହା କରେ, ଏହା ଜାଣି ଯେ ସେ ମୋତେ କ୍ଷମା କରିଦେବେ, ତଥାପି ମୁଁ ତାହା କରିବି ନାହିଁ। ମୁଁ ତାହାଙ୍କ ବିଷୟରେ ବହୁତ ଅଧିକ ଚିନ୍ତା କରେ। ମୁଁ ତାହାଙ୍କୁ ପ୍ରେମ କରେ। ନିଶ୍ଚିତ। ନିଶ୍ଚିତ ଭାବରେ।

139 ସେହି କାରଣରୁ ମୁଁ ମୋର ଅଭିଜ୍ଞତାକୁ କୌଣସି ନାମଧାରୀ ସଂସ୍ଥାକୁ ବିକ୍ରୟ କରିବି ନାହିଁ, (ନା, ଆଜ୍ଞା), କୌଣସି ଆସେମ୍ବଲି ଅଫ୍ ଗଡ଼କୁ ନୁହେଁ, କୌଣସି ଚର୍ଚ୍ଚ ଅଫ ଗଡ଼କୁ ନୁହେଁ, କୌଣସି ପିଲ୍‌ଗ୍ରିମ୍ ହୋଲିନେସ୍, ମେଥୋଡିଷ୍ଟ, ବାପ୍‌ଟିଷ୍ଟ, ପ୍ରେସ୍‌ବିଟେରିଆନ୍, କ୍ୟାଥୋଲିକକୁ ନୁହେଁ। ମୁଁ ଏପରି କୌଣସି ଜିନିଷକୁ ଗ୍ରହଣ କରିବି ନାହିଁ, ଯାହାକି ଏହି ଅଭିଜ୍ଞତା ବଦଳରେ ଦିଆ ଯାଇପାରେ। କାରଣ, ଏହା କେବେ କୌଣସି ମନୁଷ୍ୟ ଦ୍ୱାରା ଆସେ ନାହିଁ। ଏହା ପରମେଶ୍ୱରଙ୍କ ଦ୍ୱାରା ଆସେ। ନା, ଆଜ୍ଞା। ମୁଁ ମୋର ଜନ୍ମସିଦ୍ଧ ଅଧିକାରକୁ କୌଣସି ଏଲଭିସ୍ ପ୍ରେସ୍‌ଲୀଙ୍କ ରକ୍-ଏଣ୍ଡ୍-ରୋଲ୍ ସଂଗୀତ, କିମ୍ବା ତାଙ୍କର କ୍ୟାଥୋଲିକ ଗାଡିର ସମୂହ ପାଇଁ ବିକ୍ରୟ କରିବି ନାହିଁ, କିମ୍ବା ତାଙ୍କର, ଅବା, କ୍ୟାଡିଲାକ୍, କିଅବା ତାଙ୍କର ଲକ୍ଷ ଲକ୍ଷ ଡଲାର୍ ଟଙ୍କା, ଇତ୍ୟାଦି ପାଇଁ, ଯାହାକି ସେ ପ୍ରତି ମାସରେ ପାଆନ୍ତି। ନା, ଆଜ୍ଞା। ମୁଁ

ତାହାଙ୍କୁ ପ୍ରେମ କରେ। ଏବଂ ଯଦି ମୁଁ...ଯେପର୍ଯ୍ୟନ୍ତ ମୁଁ ତାହାଙ୍କୁ ସେହିପରି ଭାବରେ ପ୍ରେମ କରେ, ମୁଁ ତାହାଙ୍କ ପ୍ରତି ସଚ୍ଚୋଟ ରହିବି। ଏବଂ ଯଦି ପରମେଶ୍ୱର ମୋତେ ଡାକିଅଛନ୍ତି ଏବଂ ମୋତେ ମନୋନୀତ କରିଅଛନ୍ତି, ତେବେ ସେ ମୋ ଭିତରେ କିଛି ଗୋଟାଏ ସ୍ଥାପନ କରିଛନ୍ତି, ଏବଂ ମୁଁ ତାହାଙ୍କୁ ପ୍ରେମ କରେ।

140 ମୋର ଶ୍ରୀମାନ ଇସ୍‌ଲରଙ୍କୁ ମନେ ପଡେ। ଆପଣମାନେ ସମସ୍ତେ ତାଙ୍କୁ ଜାଣନ୍ତି, ଆପଣମାନଙ୍କ ମଧ୍ୟରୁ ଅଧିକାଂଶ ସମସ୍ତେ। ସେ ଠିକ ଏଠାକୁ ଆସିଛନ୍ତି, ଇଣ୍ଡିୟାନାର ରାଜ୍ୟ ସିନେଟର; ଏଠାକୁ ଆସିଛନ୍ତି, ତାଙ୍କ ଗିଟାର ବଜାଇଛନ୍ତି। ଯେତେବେଳେ ମୋର ଶିଶୁଟି ମରି ଯାଇଥିଲା, ମୋ ପତ୍ନୀ ମରି ଯାଇଥିଲେ, ଏବଂ ସେମାନେ ସମସ୍ତେ ଏଠାରେ କବରରେ ଶୋଇ ରହିଛନ୍ତି। ଏବଂ ମୁଁ ମୋ ହାତକୁ ପଛରେ କରି, ରାସ୍ତାରେ, କାନ୍ଦି କାନ୍ଦି ଯାଉଥିଲି। ସେ ତାଙ୍କର ଛୋଟ, ପୁରୁଣା ଟ୍ରକରୁ ଡେଇଁପଡ଼ିଲେ, ଓ ଆସି ମୋର ଚାରିଆଡ଼େ ନିଜର ବାହୁକୁ ଦେଲେ, କହିଲେ, "ବିଲି, ମୁଁ ତୁମକୁ ଏକ ପ୍ରଶ୍ନ ପଚାରିବାକୁ ଚାହେଁ।" କହିଲେ, "ମୁଁ ତୁମକୁ ସେପର୍ଯ୍ୟନ୍ତ ପ୍ରଚାର କରୁଥିବାର ଶୁଣିଛି ଯେପର୍ଯ୍ୟନ୍ତକି ତୁମେ ପ୍ରଚାର ମଞ୍ଚରେ ପ୍ରାୟଃ ପଡ଼ିଯିବା ଭଳି ହୋଇଥାଅ। ତୁମକୁ ରାସ୍ତାର କୋଣରେ ଏବଂ ସବୁ ସ୍ଥାନରେ ଖ୍ରୀଷ୍ଟଙ୍କ ପାଇଁ ଚିତ୍କାର କରୁଥିବାର ଶୁଣିଛି।" କହିଲେ, "ବର୍ତ୍ତମାନ ସେ ତୁମ ବାପାଙ୍କୁ ନେଇଗଲେ। ସେ ତୁମ ଭାଇକୁ ନେଇଗଲେ। ସେହି ଦୁହିଁଙ୍କୁ ଛଡ଼ାଇ ନେଇଗଲେ, ଏବଂ ସେମାନେ ତୁମ କୋଳରେ ମଲେ। ସେଠାରେ ସେ ମଲେ। ତୁମର ସ୍ତ୍ରୀ ତୁମର ହାତ ଧରି ମରିଥିଲା। ଏବଂ ତୁମର ଶିଶୁ ମରିଗଲା, ଏବଂ ତୁମେ ତାହାଙ୍କୁ ସାହାଯ୍ୟ କରିବା ପାଇଁ ଡାକିଥିଲ। ଏବଂ ସେ ତୁମ ଆଡକୁ ତାଙ୍କର ପିଠି କରିଦେଲେ। ତୁମେ ତାହାଙ୍କ ବିଷୟରେ କଅଣ ଚିନ୍ତା କର?"

141 ମୁଁ କହିଲି, "ମୋ ଭିତରେ ଥିବା ସମସ୍ତ କିଛି ବିଷୟ ସହିତରେ ମୁଁ ତାହାଙ୍କୁ ପ୍ରେମ କରେ। ଯଦି ସେ ମୋତେ ନରକକୁ ବି ପଠାଇ ଦିଅନ୍ତି, ତଥାପି ସୁଦ୍ଧା ମୁଁ ତାହାଙ୍କୁ ପ୍ରେମ କରିବି।" ସେ ଧାର୍ମିକ ଅଟନ୍ତି। ମୁଁ ତାହା କୁହେ ନାହିଁ; ଛବି-ଶ ବର୍ଷ ଏହାକୁ ପ୍ରମାଣ କରିଅଛି। ତାହା ଠିକ୍ ଅଟେ।

142 ଯଦି ଆପଣ ତାହାଙ୍କୁ ପ୍ରେମ କରନ୍ତି! ଏକ କର୍ତ୍ତବ୍ୟ ନୁହେଁ, ଯେ, "ମୁଁ *ଏହା* କରିପାରେ ନାହିଁ, ଏବଂ ମୁଁ *ତାହା* କରିପାରେ ନାହିଁ।" ଏହା କରିବା ପାଇଁ ଆପଣ ତାହାଙ୍କୁ ବହୁତ ଅଧିକ ପ୍ରେମ କରନ୍ତି, କାରଣ ସେ ଆପଣଙ୍କୁ ବାଛିଛନ୍ତି। ଆପଣ ତାହାଙ୍କୁ କେବେବି ବାଛି ନ ଥିଲେ, ସେ ଆପଣଙ୍କୁ ବାଛିଅଛନ୍ତି।

143 ଆପଣ କୁହନ୍ତି, "ମୁଁ ପ୍ରଭୁଙ୍କୁ ଖୋଜିଲି, ଏବଂ ପ୍ରଭୁଙ୍କୁ ଅନ୍ୱେଷଣ କରିଥିଲି।"

କୌଣସି ଲୋକ ପରମେଶ୍ୱରଙ୍କୁ ଅନ୍ୱେଷଣ କରେ ନାହିଁ। ଏହା ତ ପରମେଶ୍ୱର, ଯିଏକି ମନୁଷ୍ୟକୁ ଖୋଜନ୍ତି। ଆପଣ ହୁଏତ ତାହାଙ୍କଠାରୁ ଏକ ଅନୁଗ୍ରହ ଖୋଜୁ ଥାଇପାରନ୍ତି, ମାତ୍ର ପରମେଶ୍ୱରଙ୍କୁ ଆପଣଙ୍କର ପ୍ରକୃତିକୁ ପରିବର୍ତ୍ତନ କରିବାକୁ ରହିଥାଏ ଏହା ପୂର୍ବେକି ଆପଣ ତାହାଙ୍କୁ ଅନ୍ୱେଷଣ ସୁଦ୍ଧା କରିପାରନ୍ତି, କାରଣ, ଆପଣ ଜଣେ ପାପୀ ଅଟନ୍ତି, ଆପଣ ଏକ

ଘୁଷୁରି ଅଟନ୍ତି । ତାହା ଠିକ୍ ।

144 ଏବଂ ଆପଣମାନଙ୍କ ମଧ୍ୟରୁ କେତେକେ ମଣ୍ଡଳୀକୁ ଯାଆନ୍ତି ଏବଂ କେବଳ ନିଜର ସଦସ୍ୟତା ଦ୍ଵାରା ଜୀବିତ ରହିଥାଆନ୍ତି, ଏଠାକୁ ଯାଆନ୍ତି ଏବଂ ଦୁନିଆରେ ସବୁକିଛି ବିଷୟ କରନ୍ତି, ଏବଂ ତଥାପି ତାହାପରେ ଫେରି ଯାଇ କୁହନ୍ତି, "ହଁ, ମୁଁ ମଣ୍ଡଳୀରେ ସମ୍ପୃକ୍ତ ଅଟେ ।" ତେବେ, ତାହା ପରମେଶ୍ୱରଙ୍କଠାରେ ସମ୍ପୃକ୍ତ ହେବା ବିଷୟଠାରୁ ବହତ ଦୂର ଅଟେ । ନିଶ୍ଚିତ ଭାବରେ । ମୁଁ ନୁହେଁ...ମାତ୍ର ଆପଣ ଲୋକମାନଙ୍କୁ ତାହା କରୁଥିବାର ଦେଖନ୍ତୁ, ଆପଣ କହିପାରିବେ । ଓଃ, ସେମାନେ ଭଲ ମଣ୍ଡଳୀ ସଦସ୍ୟମାନ ଅଟନ୍ତି । ତାହା ସତ୍ୟ । ଆପଣ ତଥାପି ଜଣେ ମଣ୍ଡଳୀ ସଦସ୍ୟ ହୋଇ ସେହି କାର୍ଯ୍ୟଗୁଡିକୁ କରିପାରନ୍ତି, ମାତ୍ର ଆପଣ ଜଣେ ଖ୍ରୀଷ୍ଟିଆନ ହୋଇ ତାହା କରିପାରନ୍ତି ନାହିଁ ।

145 ଯେପରି ମୁଁ କହିଛି, ଆଜି ସକାଳେ, "ସେହି ପୁରୁଣା କାଉ, ଯଦି ସେଠାରେ କେବେ ଜଣେ କପଟୀ ଥିଲା, ତାହା ସେହି କାଉ ଥିଲା ।" ତାହା ଠିକ୍ । ସେ ଏବଂ କପୋତ ସେହି ସମାନ ଜାହାଜରେ, ସେହି ସମାନ ଖୁଣ୍ଟରେ ବସିଥିଲେ । ଏବଂ ସେହି ବୃଦ୍ଧ କାଉ ସନ୍ତୁଷ୍ଟ ଥିଲା ଯେତେବେଳେ ତାକୁ ମୁକ୍ତ କରା ଯାଇଥିଲା, ଏବଂ ସେ ସେହି ମଣ୍ଡଳୀରୁ ବାହାରି ଗଲା, ଯେପରିକି ସେ ସେଠାରେ ବାହାରକୁ ଯାଇ ଗୋଟିଏ ପୁରୁଣା ମୃତ ଶବ ଉପରେ ବସିପାରେ ଓ "କା, କା" କରିପାରେ, ଏବଂ *ଏଥି*ରୁ ଟିକେ ଖାଇପାରେ, ସେହି ଘୋଡାରୁ ଖାଇପାରେ, ଏବଂ ସେହି ଗାଈରୁ ଖାଇପାରେ, ଏବଂ ଏହା ଯାହାକିଛି ବି ଥିଲା, ସେ ସନ୍ତୁଷ୍ଟ ଥିଲା । ମାତ୍ର ଯେତେବେଳେ ନୋହ ସେହି କପୋତକୁ ଛାଡ଼ିଲେ, ସେତେବେଳେ ସେ ନିଜର ପାଦର ପାପୁଲିକୁ ରଖିବା ପାଇଁ କୌଣସି ବିଶ୍ରାମ ପାଇପାରି ନ ଥିଲା । ତାହା ପାଖରେ ଏକ ମୃତ ପଶୁ ଉପରେ ବସିବା ପାଇଁ ଠିକ ସେତିକି ଅଧିକାର ଥିଲା ଯେତିକି ଅଧିକାର କାଉ ପାଖରେ ଥିଲା, ମାତ୍ର ଏହା ଦୁଇଟି ଭିନ୍ନ ପ୍ରକୃତିମାନ ଥିଲା । ସେମାନଙ୍କ ମଧ୍ୟରୁ ଜଣେ, ସେ ଆରମ୍ଭରୁ ହିଁ, ଜଣେ କପୋତ ଥିଲା । ସେ ତ ଆରମ୍ଭରୁ ହିଁ, ଏକ କାଉ ଥିଲା ।

146 ମାତ୍ର, ଯଦି ଆପଣ ଧ୍ୟାନ ଦେବେ, ସେହି ପୁରୁଣା କାଉ ଏଠାରେ ଏକ ମୃତ ଶବ ଉପରେ ବସି ଅଧା ଦିନ, ଭୋଜନ କରିପାରେ । ସେହି କପୋତ ମଧ୍ୟ ଏକ ଗହମ କ୍ଷେତରେ ବସି, ଅଧା ଦିନ ଭୋଜନ କରିବ । ଏବଂ ସେହି କାଉଟି ଠିକ ସେଠାରୁ ଉଡ଼ି ଯାଇ ଯେତିକି ଚାହେଁ, ସେତିକି କପୋତ ଖାଦ୍ୟ ଖାଇପାରେ । ସେ ମଧ୍ୟ ଠିକ ସେତିକି ଗହମ ଖାଇପାରେ ଯେତିକି କାଉ ଖାଇପାରେ, କିଅବା, ଯେତିକି ସେହି କପୋତ ଖାଇପାରେ । ମାତ୍ର ସେ, ସେହି କାଉ, କପୋତ ଖାଦ୍ୟ ଖାଇପାରେ, ମାତ୍ର ସେହି କପୋତଟି କାଉ ଖାଦ୍ୟ ଖାଇପାରେ ନାହିଁ । ତାହା ଠିକ୍ ଅଟେ ।

147 ତେଣୁ, ପୁରୁଣା କପଟୀ ମଣ୍ଡଳୀକୁ ଆସି, ଆନନ୍ଦିତ ହୋଇପାରେ ଏବଂ ଚିତ୍କାର କରି ପ୍ରଭୁଙ୍କୁ ପ୍ରଶଂସା କରିପାରେ, ଏବଂ ସେହିପରି ଆଗକୁ ବଢିପାରେ, ଆଉ ପୁଣି ବାହାରକୁ ଯାଇ ଜଗତର ଜିନିଷଗୁଡ଼ିକୁ ଉପଭୋଗ କରିପାରେ । ମାତ୍ର ଜଣେ ନୂତନ-ଜନ୍ମ ହୋଇଥିବା

ଖ୍ରୀଷ୍ଟିଆନ ଏହା କରିପାରେ ନାହିଁ, କାରଣ ପରମେଶ୍ୱରଙ୍କ ପ୍ରେମ ତାଙ୍କୁ ବାଧ୍ୟ କରି ଏପରି ଏକ ସ୍ଥାନକୁ ଆଣେ ଯେ ସେ ତାହା କରିପାରେ ନାହିଁ।

148 ତେଣୁକରି ଯଦି ଆପଣ କେବଳ ମଣ୍ଡଳୀରେ ଯୋଗ ଦେବା ଦ୍ୱାରା, ଏବଂ *ଏହା* ଓ *ତାହା* କରିବାର ପରିତ୍ୟାଗ କରିବା ଦ୍ୱାରା ଜଣେ ଖ୍ରୀଷ୍ଟିଆନ ଅଟନ୍ତି, ଏବଂ ସେହି ସମାନ ଇଚ୍ଛା ଆପଣଙ୍କ ଭିତରେ ଅଛି, ତେବେ ଆପଣଙ୍କୁ ଆଉ ଏକ ବୁଡ଼ ଦରକାର। ତାହା ଅବିକଳ ଠିକ୍ ଅଟେ।

149 ଏବଂ ଆପଣ ସ୍ତ୍ରୀଲୋକମାନେ, ଯେଉଁମାନେକି ସେହି ସାନ ସାନ ପୁରୁଣା ସର୍ଟସ୍ ପିନ୍ଧି, ରାସ୍ତାରେ ଠିକ ଏଠାରେ ବାହାରିପାରନ୍ତି, ଏବଂ ତାହାପରେ ନିଜକୁ ଏକ "ବିଶ୍ୱାସୀ" ବୋଲି କୁହାଇପାରନ୍ତି। ଆପଣ ଜଣେ ବିଶ୍ୱାସୀ ଅଟନ୍ତି, ମାତ୍ର ଆପଣ ବୋଧହୁଏ, ସେଥିର ଏକ ଖରାପ ଉଦାହରଣ ଅଟନ୍ତି। ଯଦି ଆପଣ ପ୍ରକୃତରେ ନିଜ ହୃଦୟରେ ଖ୍ରୀଷ୍ଟଙ୍କୁ ରଖିଥାଆନ୍ତି, ତେବେ ଆପଣଙ୍କୁ ସେହିପରି ଜିନିଷଗୁଡିକ ବିଷୟରେ ଚିନ୍ତା କରିବାକୁ ପଡିବ ନାହିଁ। ମୋର ଯାଏ ଆସେ ନାହିଁ ଯେ ବାକି ସ୍ତ୍ରୀଲୋକମାନେ କଅଣ କରନ୍ତି, ଏବଂ ବାକି ଝିଅମାନେ କଅଣ କରନ୍ତି, ଆପଣ ତ ଭିନ୍ନ ହେବେ, କାରଣ ଆପଣ ଖ୍ରୀଷ୍ଟଙ୍କୁ ଅତ୍ୟଧିକ ପ୍ରେମ କରନ୍ତି।

150 ମୁଁ ଅନ୍ୟ ଦିନେ ଜଣେ ସ୍ତ୍ରୀଲୋକଙ୍କ ସହ, ଏକ ଘରେ କଥା ହେଉଥିଲି, ଏବଂ ସେ ନିଜର ହାତକୁ ଏହିପରି ଭାବରେ ଉପରକୁ ଉଠାଇଥିଲେ, କହିଲେ, "ରେଭ୍‌. ବ୍ରାନହାମ୍, ମୁଁ ଏଠାରେ ମୋ ଘରେ, ପ୍ରାୟଃ ଉଲଗ୍ନ ଥାଏ। ମୁଁ ଚାରିଆଡ଼େ ବୁଲୁଥାଏ।"

151 ମୁଁ ଭାବିଲି, "ଆପଣଙ୍କୁ ଲଜ୍ଜା ଲାଗିବା କଥା।" ଆପଣଙ୍କ ନିଜ ଘରେ, ମୋର ଯାଏ ଆସେ ନାହିଁ ଯେ ଆପଣ କେଉଁଠାରେ ଅଛନ୍ତି। ତାହା ଠିକ୍ ଅଟେ। ଜଣେ ସ୍ତ୍ରୀଲୋକ ପରି ପରିଧାନ କରନ୍ତୁ ଏବଂ ଆଚରଣ କରନ୍ତୁ, ଯେପରି ଜଣେ ମହିଳା କରିବା ଉଚିତ୍। ଆପଣଙ୍କୁ ଲଜ୍ଜା ଲାଗିବା କଥା। ମାତ୍ର ଆପଣ ରଖନ୍ତି...ହଁ, ବାଇବଲ କୁହେ, "ଯଦି ଆପଣ ସେହି ବିଷୟଗୁଡ଼ିକୁ, ଜଗତର ବିଷୟଗୁଡ଼ିକୁ ପ୍ରେମ କରନ୍ତି, ତାହାହେଲେ ଖ୍ରୀଷ୍ଟଙ୍କ ପ୍ରେମ ଆପଣଙ୍କ ଭିତରେ ନାହିଁ।" ଏବଂ ଯଦି ଆପଣ ପ୍ରଭୁଙ୍କୁ ପ୍ରେମ କରନ୍ତି, କେବଳ ଆପଣା ସମସ୍ତ ହୃଦୟ ସହିତରେ, ଆପଣା ସମସ୍ତ ପ୍ରାଣ ସହିତରେ, ଆପଣା ସମସ୍ତ ମନ ସହିତରେ, ତାହାହେଲେ ଆପଣ ସେହି ଛୋଟ ପୁରୁଣା ମନ୍ଦ, ଖରାପ ଜିନିଷଗୁଡ଼ିକୁ ନିଜଠାରୁ ଦୂରେଇ ରଖିବେ। ତାହା ଠିକ୍।

152 ଏବଂ ଆପଣ ଦୀକନ୍, ଏବଂ ଆପଣମାନେ ଯିଏକି ଏଠାରେ ଅଛନ୍ତି, ଯେଉଁମାନେକି ଏଠାରେ ବାହାରେ ରାସ୍ତାରେ ଚଲାବୁଲା କରନ୍ତି, ଏବଂ ନିଜର ବେକକୁ ଟେକି ଦେଇ ପ୍ରତ୍ୟେକ ସେହି ସ୍ତ୍ରୀଲୋକଙ୍କୁ ଦେଖୁଥାଆନ୍ତି। ଆପଣମାନଙ୍କୁ ଲାଜ ଲାଗିବା କଥା; ଏବଂ ନିଜକୁ "ପରମେଶ୍ୱରଙ୍କ ପୁତ୍ରଗଣ" ବୋଲି ଡାକନ୍ତି। ମୁଁ ଜାଣେ ଯେ ତାହା ନିଆଁ ଭଳି ଚେଙ୍କ ଲାଗୁଥିବ, କିନ୍ତୁ ଉତ୍ତମ ଯେ ଆପଣ ପରେ ସଦାକାଳ ନିମନ୍ତେ ସେଠାରେ ଦଗ୍ଧ ହେବା ପରିବର୍ତ୍ତେ ଚେଙ୍କି ହୁଅନ୍ତୁ। ତେଣୁକରି ଯଦି ଆପଣ ସେହିସବୁ ବିଷୟ କରନ୍ତି...ତେବେ, ଯଦି ଜଣେ ସ୍ତ୍ରୀଲୋକ

ଅଧା ପୋଷାକ ପିନ୍ଧି ରାସ୍ତାରେ ଚାଲି ଯାଆନ୍ତି, ଆପଣ ଏହା ସହିତ କିଛି କରିପାରନ୍ତି ନାହିଁ। ଆପଣ, ଯଦି ଆପଣ ଅନାଉଥାଆନ୍ତି, ତେବେ ଆପଣ ତାଙ୍କୁ ଦେଖିବାକୁ ବାଧ୍ୟ, କିନ୍ତୁ ଆପଣ ନିଜର ମୁଣ୍ଡକୁ ଘୁରାଇ ଦେଇପାରନ୍ତି। ବାଇବଲ କୁହେ, "ଯେକେହି ଜଣେ ସ୍ତ୍ରୀଲୋକଙ୍କୁ କାମ ବାସନାର ଲୋଭରେ ଦେଖେ, ସେ ତାହା ସହିତ ନିଜ ହୃଦୟରେ ବ୍ୟଭିଚାର କରିସାରିଛି।"

153 ଭଉଣୀ ପ୍ରିୟ, ମୋତେ ଆପଣଙ୍କୁ କିଛି କହିବାକୁ ଦିଅନ୍ତୁ, ଆପଣ ଉତ୍ତର ଦେବାକୁ ଯାଉଛନ୍ତି। ମୋର କିଛି ଯାଏ ଆସେ ନାହିଁ, ଆପଣ ଏକ କଇଁ ଫୁଲ ସଦୃଶ ସେତିକି ଶୁଦ୍ଧ ହୋଇପାରନ୍ତି। ଆପଣ ନିଜ ଜୀବନରେ, ପ୍ରକୃତରେ କେବେବି ସେହି ପ୍ରକାରର ଏକ ପାପ, ଅନୈତିକ ପାପ କରି ନ ଥାଇପାରନ୍ତି। ମାତ୍ର ଯଦି ଆପଣ ସେହିପରି ପୋଷାକ ପିନ୍ଧନ୍ତି, ତାହାହେଲେ ଆପଣଙ୍କୁ ଦେଖୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ସହିତ ବ୍ୟଭିଚାରକର୍ମ ପାଇଁ ଆପଣ ବିଚାରରେ ଉତ୍ତର ଦେବାକୁ ଯାଉଅଛନ୍ତି। ବାଇବଲ ତାହାହିଁ ବ୍ୟକ୍ତ କରେ। ଏବଂ ମାର୍ଗରେ ଚାଲିଯାଆନ୍ତି, କିଏ ଦୋଷୀ ଅଟେ, ସେହି ବ୍ୟକ୍ତି? ନା, ଆଜ୍ଞା। ଆପଣ ଅଟନ୍ତି। ଆପଣ ନିଜକୁ ସେହିପରି ଭାବରେ ଉପସ୍ଥାପନ କଲେ।

154 ସେହି ସ୍ତ୍ରୀଲୋକର ଏକ ଉତ୍ତମ ସ୍ଥାନ ରହିଛି। ଏହା ଏକ ପବିତ୍ର, ସୁନ୍ଦର, ଅଦ୍ଭୁତ ସ୍ଥାନ ଅଟେ। ମାତ୍ର ତାଙ୍କୁ ନିଜକୁ ସେହିଭଳି ରଖିବା ଉଚିତ୍, ଯେପରିକି ସେ ନିଜ କାର୍ଯ୍ୟାଳୟକୁ ସେପରି ଭାବରେ ଧରି ରଖନ୍ତି ଯେପରି ତାହା ରଖାଯିବା ଉଚିତ୍, ଜଣେ ମାତା ଭାବରେ, ଜଣେ ନାରୀ ଭାବରେ ଏବଂ ନାରୀତ୍ୱର ଗାରିମାରେ। ଯେତେବେଳେ ସେହି ନାରୀତ୍ୱ ଭାଙ୍ଗିଯାଏ, ତେବେ ଯେକୌଣସି ଜାତିର ମେରୁଦଣ୍ଡ ଭଗ୍ନ ହୁଏ। ଏବଂ ସେହି କାରଣରୁ, ଆଜି, ଆମ ରାଷ୍ଟ୍ର ନଷ୍ଟ ହୋଇଯାଇଅଛି, ତାର କାରଣ ହେଲା ଆମର ସ୍ତ୍ରୀଲୋକମାନଙ୍କର ଅନୈତିକତା। ତାହା ଅବିକଳ ଠିକ୍ ଅଟେ। ନିଶ୍ଚିତରେ। ଏହା ତ ଆମ ମଧ୍ୟରେ ସେହି କ୍ଷୟ, ଯାହାକି ଏହାକୁ ଭାଙ୍ଗୁଅଛି।

155 ଆପଣଙ୍କୁ ଯାହାର ପ୍ରୟୋଜନ ତାହା ହେଉଛି ଏହି ମଲ୍‌କିଷେଦକଙ୍କୁ ପୁନର୍ବାର ଥରେ ଭେଟିବା। ଆମେନ୍। ଏହା ହେଉ ଯେ ସେ ଆପଣଙ୍କୁ—ସେ ଆପଣଙ୍କୁ ଆଶୀର୍ବାଦ କରନ୍ତୁ ଏବଂ ଆପଣଙ୍କୁ ଦ୍ରାକ୍ଷାରସ, ରୋଟୀ, ଅନନ୍ତ ଜୀବନ ପ୍ରଦାନ କରନ୍ତୁ। ତାହାପରେ ଆପଣ ଜିନିଷଗୁଡିକୁ ଭିନ୍ନ ଦେଖିବେ। ତାହାପରେ ଆପଣ...ଏହା ଭିନ୍ନ ହେବ। ଆପଣ ଚାହିଁବେ ନାହିଁ ଯେ ପିଲାମାନେ ତାହା ଏକ କରନ୍ତୁ...ସେହି କୋୟୋଟୀ ବିଲୁଆ ଆପଣଙ୍କ ଉପରେ ସିଟି ବଜାଉ, ସେହି ଗଧିଆ ସିଟି ବଜାଉ, କିଅବା ଆପଣ ଏହାକୁ ଯାହାକିଛି ବି ଡାକିବାକୁ ଚାହାଁନ୍ତି। ନିଶ୍ଚିତରେ ନୁହେଁ। ଆପଣ ଭିନ୍ନ ହେବେ।

156 ଏବଂ କଅଣ ଆପଣଙ୍କର ମୋତେ କହିବାର ଅଭିପ୍ରାୟ ଏହା ଯେ ଆପଣ ସେପରି ପୋଷାକ ପିନ୍ଧି, ଅନ୍ୟ କୌଣସି ଉଦ୍ଦେଶ୍ୟ ପାଇଁ, ସେଠାରେ ବାହାରକୁ ଯାଇଥାଆନ୍ତି? ଆପଣ କୁହନ୍ତି, "କାହିଁକି, ଏହା ତ ଅଧିକ ଥଣ୍ଡା ଅଟେ।" ଆପଣ କାହାଣୀ-କହୁଛନ୍ତି। ଏହା ଅଧିକ ଥଣ୍ଡା ନୁହେଁ। ବିଜ୍ଞାନ ଏହା ପ୍ରମାଣ କରେ ଯେ ଏହା ଅଧିକ ଥଣ୍ଡା ନୁହେଁ। ଏହା ତ

ଏକ...ଭଉଣୀ, ଏହା ତ ଆପଣଙ୍କ ଉପରେ କାମ ବାସନା ଆସକ୍ତ ଅଟେ। ଆପଣ ଏହା ଅନୁଭବ କରନ୍ତି ନାହିଁ। ମୁଁ ଆପଣଙ୍କୁ ଆଘାତ କରିବାକୁ ଚେଷ୍ଟା କରୁନାହିଁ, ମାତ୍ର ମୁଁ ଆପଣଙ୍କୁ ଚେତାବନୀ ଦେବାକୁ ଚେଷ୍ଟା କରୁଅଛି। ଏହିପ୍ରକାର ଅନେକ ନୈତିକ ସ୍ତ୍ରୀଲୋକମାନେ, ଯେତିକି ପରିଷ୍କାର ସେ ହୋଇପାରନ୍ତି, ଜଣେ ସୁନ୍ଦର ସାନ ମହିଳା, ସେହି ବିଷୟଗୁଡିକ ସହିତ, ରାସ୍ତାରେ ଚାଲୁଥାନ୍ତି, ଏହି ବିଷୟ ଜାଣିବାରୁ ଅଜ୍ଞ ହୋଇ ଯେ ସେ କଅଣ କରୁଛନ୍ତି, କାରଣ କୌଣସି ପଶ୍ଚାଦ୍‌ଗମନକାରୀ ପ୍ରଚାରକ ଏହା ଭୟ କରନ୍ତି ଯେ ଆପଣଙ୍କ ସ୍ୱାମୀ ଆଉ ଅଧିକ ମଣ୍ଡଳୀରେ ତାଙ୍କର ଦଶମାଂଶକୁ ଦେବେ ନାହିଁ। ଯଦି ସେ କେବେ ମଲ୍‌କିଷେଦକଙ୍କୁ ସାକ୍ଷାତ କରିଥାଆନ୍ତି, ତେବେ ସେ ସେହିସବୁ ବିଷୟକୁ ଭାବିବେ ନାହିଁ। ସେ ତ ସୁସମାଚାର ପ୍ରଚାର କରିବେ। ଯଦି ଏହା ସେମାନଙ୍କ ପିଠିରୁ ସେହି ଚର୍ମକୁ ପୋଡି ଦିଏ, ସେ ତ ଏହାକୁ, ଯେକୌଣସି ପ୍ରକାରେ ବି ପ୍ରଚାର କରିବେ। ତାହା ଅବିକଳ ଠିକ୍ ଅଟେ।

157 ଆପଣ ଏହା କରନ୍ତି, ଏବଂ ଆପଣ ଏହା କରନ୍ତି କାରଣ ଏକ କାମ ବାସନାର ଆତ୍ମା ବ୍ୟାପ୍ତ ଅଟେ। ଏବଂ ଆପଣ ପୁରୁଷମାନେ ଯେଉଁମାନେକି ନିଜର ପତ୍ନୀମାନଙ୍କୁ ସେହି ପ୍ରକାରର କାର୍ଯ୍ୟ କରିବାକୁ ଦେବେ, ମୋର ଆପଣମାନଙ୍କ ଉପରେ ଜଣେ ପୁରୁଷ ଭାବରେ ଅଳ୍ପ ଆଶା ରହିଅଛି। ତାହା ଠିକ୍। ତାହା ଠିକ୍। ତେବେ, ଏଥିରେ କୌଣସି ପ୍ରଶଂସା ନାହିଁ, କାରଣ, କିମ୍ବା, କୌଣସି କ୍ଷମା ପ୍ରାର୍ଥନା ନାହିଁ, କାରଣ, ଏହା ସତ୍ୟ ଅଟେ। ଯେକୌଣସି ପୁରୁଷ ଯିଏକି ନିଜର ପତ୍ନୀଙ୍କୁ ରାସ୍ତାରେ ବାହାରି ଯାଇ ସେହିପରି କାର୍ଯ୍ୟ କରିବାକୁ ଦେବେ, ଭାଇ, ଆପଣଙ୍କୁ ତ ତା'ର ପୋଷାକ ପିନ୍ଧିବା ଉଚିତ୍। ତାହା ଠିକ୍। ଆପଣ, କାହିଁକି, ମୋର ପ୍ରଭୁ!

158 ମୁଁ କୁହେ ନାହିଁ ଯେ ମୋ ପତ୍ନୀ ତାହା କରିବେ ନାହିଁ। ମାତ୍ର ମୋତେ ତ ସେଥିରୁ ତାହା ପ୍ରତି ପରିବର୍ତ୍ତିତ ଏବଂ ବିକୃତ ହେବାକୁ ପଡିବ, ଯାହା ମୁଁ ବର୍ତ୍ତମାନ ଅଛି, ଯଦି ମୁଁ ତାଙ୍କ ସହିତ କେବେବି ରୁହେ ଯେତେବେଳେ ସେ ଏହା କରୁଥାନ୍ତି। ଏବଂ ତାହା ଅବିକଳ ଠିକ୍ ଅଟେ।

ମୋର ଝିଅମାନେ, ସେମାନେ ଏହା କରିପାରନ୍ତି ଯେତେବେଳେ ସେମାନେ ସ୍ତ୍ରୀଲୋକ ଅବସ୍ଥାକୁ ଆସନ୍ତି। ମୁଁ କୁହେ ନାହିଁ ଯେ ସେମାନେ କରିବେ ନାହିଁ। ମୁଁ ଜାଣେ ନାହିଁ। ତାହା ପରମେଶ୍ୱରଙ୍କ ଦୟା ଉପରେ ନିର୍ଭର କରେ। ମୁଁ ଆଶା କରେ ଯେ ସେମାନେ ତାହା କରିବେ ନାହିଁ। ଯଦି ସେମାନେ ତାହା କରନ୍ତି, ତାହାହେଲେ ସେମାନେ ଜଣେ ଧାର୍ମିକ ପିତାଙ୍କର ପ୍ରାର୍ଥନାଗୁଡିକ ଉପରେ ଚାଲିକରି ଯିବେ। ସେମାନେ ଏପରି ଜଣକାର ଜୀବନ ଉପର ଦେଇ ଚାଲିଯିବେ ଯିଏକି ସଠିକ ଭାବେ ଜୀବନ ଯାପନ କରିବାକୁ ଚେଷ୍ଟା କରିଥିଲେ, ଯଦି ସେମାନେ କେବେବି ତାହା କରନ୍ତି। ତାହା ଠିକ୍ ଅଟେ। ମାତ୍ର ମୁଁ ସଠିକ ଭାବେ ଜୀବନ ଯାପନ କରିବାକୁ, ସଠିକ୍ ଶିକ୍ଷା ଦେବାକୁ, ସଠିକ୍ ଭାବେ ରହିବାକୁ ଚାହେଁ, ଏବଂ ସେମାନଙ୍କୁ ଯେପରି ସଠିକ୍ ନିର୍ଦ୍ଦେଶ ଦେଇପାରିବି। ଯଦି ସେମାନେ ତାହା କରନ୍ତି, ତାହାହେଲେ ସେମାନେ ମୋର ପ୍ରଚାରଗୁଡିକ ଉପରେ, ଏବଂ ମୋର ଖ୍ରୀଷ୍ଟଙ୍କ ଉପରେ, ଏବଂ ମୋର ଚେତାବନୀଗୁଡିକ ଉପରେ, ନରକକୁ ଯିବାର ତାଙ୍କର ମାର୍ଗକୁ ପ୍ରଶସ୍ତ କରିବେ, ତାହା ଠିକ୍, ଯଦି ସେମାନେ କେବେ ତାହା କରନ୍ତି। ନିଶ୍ଚିତ ଭାବରେ। ତାହା ଠିକ୍ ଅଟେ।

159 ଆପଣଙ୍କୁ ଲାଜ ଲାଗିବା କଥା। ଯଦି ଆପଣ କେବେ ଖ୍ରୀଷ୍ଟଙ୍କୁ, ସମ୍ମୁଖାସମ୍ମୁଖୀ ଭେଟିବେ, ଏବଂ ସେ ଆପଣଙ୍କୁ ଆଶୀର୍ବାଦ କରନ୍ତି, ଏବଂ ଆପଣଙ୍କ ହୃଦୟରେ ସହମତିର ସେହି ଚୁମ୍ବନକୁ ଦିଅନ୍ତି, ତାହାହେଲେ ନରକରେ ଥିବା ସମସ୍ତ ଭୂତମାନେ ଆଉ କେବେବି ସେମାନଙ୍କୁ ଆପଣଙ୍କ ଉପରେ ଲୋଟି ଆସିବାକୁ ବାଧ୍ୟ କରିବେ ନାହିଁ। ତାହା ଠିକ୍। ଆପଣ ମୃତ୍ୟୁରୁ ଜୀବନକୁ ବଦଳି ଯାଇଛନ୍ତି, ଏବଂ ଆପଣଙ୍କର ଆସକ୍ତିଗୁଡିକ ପୃଥିବୀସ୍ଥ ବିଷୟଗୁଡିକ ଉପରେ ନୁହେଁ ବରଂ ଉପରିସ୍ଥ ବିଷୟଗୁଡିକ ଉପରେ ରହିଅଛି। ଆମେନ୍। ଉତ୍ତମ ହେବ ଯେ ମୁଁ ସେହି ବିଷୟଗୁଡିକୁ ଛାଡିଦିଏ। ଏହା ଅପ୍ରୀତିକର ଅଟେ। ଠିକ୍ ଅଛି। ମାତ୍ର ଏହା ସତ୍ୟ ଅଟେ।

160 ଠିକ୍ ଅଛି, ଯେତେବେଳେ ଆମେମାନେ ଆଉ ଟିକିଏ ବର୍ତ୍ତମାନ ଆଗକୁ ବଢୁ, ତାହାପରେ ଆମେମାନେ ବନ୍ଦ କରୁଅଛୁ।

> *...ଲେବୀଙ୍କ ସନ୍ତାନମାନଙ୍କ ମଧ୍ୟରୁ,... ଯେଉଁମାନେ ଯାଜକପଦ ପ୍ରାପ୍ତ ହୁଅନ୍ତି, ଏବଂ ସେମାନେ ବ୍ୟବସ୍ଥାନୁସାରେ ଲୋକମାନଙ୍କଠାରୁ, ଅର୍ଥାତ୍, ସେମାନଙ୍କ ଭାଇମାନଙ୍କଠାରୁ* ଦଶମାଂଶ *ଗ୍ରହଣ କରିବାକୁ ଆଜ୍ଞା ପ୍ରାପ୍ତ ହୋଇଥାଆନ୍ତି, ସେମାନେ ଅବ୍ରହାମଙ୍କ ଔରସଜାତ ହେଲେହେଁ ସେମାନଙ୍କଠାରୁ ଏହା ଗ୍ରହଣ କରନ୍ତି::*
>
> *କିନ୍ତୁ ଏହି ଯେଉଁ ବ୍ୟକ୍ତି ସେମାନଙ୍କ ବଂଶାବଳୀର ଅନ୍ତର୍ଗତ ନୁହଁନ୍ତି, ସେ ଅବ୍ରହାମଙ୍କଠାରୁ ଦଶମାଂଶ* ଗ୍ରହଣ କରି, ପ୍ରତିଜ୍ଞାର *ଅଧିକାରୀଙ୍କୁ ଆଶୀର୍ବାଦ କରିଥିଲେ।*
>
> *ସାନ ଯେ ବଡ଼ଠାରୁ ଆଶୀର୍ବାଦ ପ୍ରାପ୍ତ ହୁଏ ଏହା ସ୍ୱୀକାର୍ଯ୍ୟ।*
>
> *ଏ ସ୍ଥାନରେ ମର୍ତ୍ତ୍ୟ ମନୁଷ୍ୟମାନେ ଦଶମାଂଶ ଗ୍ରହଣ କରିଥାଆନ୍ତି; କିନ୍ତୁ ସେ* ସ୍ଥଳରେ *ଗ୍ରହଣ କରିଥିବା ବ୍ୟକ୍ତିଙ୍କ ବିଷୟରେ ସାକ୍ଷ୍ୟ ଦିଆଯାଏ ଯେ, ସେ ଅମର।* ଏବଂ ମୁଁ...
>
> *ପୁଣି କହିବାକୁ...ଗଲେ, ଯେଉଁ ଲେବୀ,...*ଦଶମାଂଶ ଗ୍ରହଣ କରନ୍ତି, ସେ *ମଧ୍ୟ, ଅବ୍ରହାମଙ୍କ ଦ୍ୱାରା ଦଶମାଂଶ ଦେଇଅଛନ୍ତି।*
>
> *କାରଣ ତାହାଙ୍କ ପିତାଙ୍କ ସହିତ ମଲ୍‌କୀଷେଦକ ସାକ୍ଷାତ କରିବା ସମୟରେ, ସେ ତାହାଙ୍କ କଟିରେ ଥିଲେ।*

161 ଖ୍ରୀଷ୍ଟଙ୍କ ପ୍ରତି ଆପଣଙ୍କର—ଆପଣଙ୍କର ମନୋଭାବ ତାହା ଉପରେ ଏକ ବଡ଼ ପ୍ରଭାବ ପକାଇବ ଯେ ଆପଣଙ୍କ ପିଲାମାନେ କଅଣ ହେବେ। ଆପଣଙ୍କର ଜୀବନ ଯାହା ଆପଣ ନିଜ ପରିବାର ସମ୍ମୁଖରେ ଯାପନ କରନ୍ତି ତାହା ଉପରେ ଏକ ପ୍ରଭାବ ପକାଇବ ଯେ ଆପଣଙ୍କ ପିଲାମାନେ କଅଣ ହେବେ। କାରଣ, ବାଇବଲ କୁହେ, ଯେ, "ସେ ପିତାମାତାଙ୍କ ଅପରାଧକୁ ସନ୍ତାନମାନଙ୍କ ଉପରେ ତୃତୀୟ ଏବଂ ଚତୁର୍ଥ ପୀଢୀ ପର୍ଯ୍ୟନ୍ତ ପରିଦର୍ଶନ କରିବେ।"

162 ବର୍ତ୍ତମାନ, ଶେଷ କରିବା ପୂର୍ବରୁ, ଅଳ୍ପ କିଛି କ୍ଷଣ ।

ଆହୁରି ମଧ୍ୟ *ଯେଉଁ* ଲେବୀୟ *ଯାଜକତ୍ୱ* ଅଧୀନରେ (ଲୋକମାନେ ବ୍ୟବସ୍ଥା ପ୍ରାପ୍ତ ହେଲେ) *ସେହି ଯାଜକତ୍ୱ ଦ୍ୱାରା ଯଦି ସିଦ୍ଧି ଲାଭ ହୁଅନ୍ତା (କାରଣ ସେଠାରେ ପୁନର୍ବାର ଆପଣଙ୍କର ସିଦ୍ଧତା ଅଛି,) ତାହାହେଲେ ହାରୋଣଙ୍କ ଯେ ଶ୍ରେଣୀ ଅନୁସାରେ* ଆସେ... *ଗଣିତ ନ ହୋଇ ମଲକୀଷେଦକଙ୍କ ସଦୃଶ ଅନ୍ୟ ଜଣେ, ଯାଜକ ଉତ୍ପନ୍ନ ହେବାର ଆଉ କଅଣ ଆବଶ୍ୟକ ଥିଲା?*

163 ସେହି ବ୍ୟବସ୍ଥା, ସେହି ବ୍ୟବସ୍ଥା ପ୍ରଣୟନକାରୀ, ଦେଖନ୍ତୁ, "ଓଃ, ଆପଣଙ୍କୁ *ଏହା* କରିବାକୁ ଅଛି । ଯଦି ଆପଣ *ଏହା* ନ କରିବେ, ତାହାହେଲେ ଆପଣ ଜଣେ ଖ୍ରୀଷ୍ଟିଆନ ନୁହଁନ୍ତି । ଯଦି ଆପଣ ବିଶ୍ରାମବାର ପାଳନ ନ କରିବେ! ଯଦି ଆପଣ ନ କରନ୍ତି...ଯଦି ତୁମେ ମାଂସ ଖାଆନ୍ତି! ଯଦି ଆପଣ *ଏହିସବୁ* ବିଷୟ କରନ୍ତି!" ଏହି ସମସ୍ତ ବ୍ୟବସ୍ଥାଗତ ଧାରଣାମାନ । "ଏବଂ ଆପଣଙ୍କୁ ମଣ୍ଡଳୀକୁ ଯିବାକୁ ଅଛି । ଯଦି ଆପଣ ତାହା ନ କରନ୍ତି, ତାହାହେଲେ ଆପଣଙ୍କୁ ଏଥିପାଇଁ ଏକ ଜୋରିମାନା ଦେବାକୁ ହେବ । ଆପଣଙ୍କୁ ଏକ ନୋଭେନା ପ୍ରଥା କରିବାକୁ ପଡିବ ।" ସେହି ଜିନିଷଟି ନିରର୍ଥକ ଅଟେ । ଆପଣ ପରମେଶ୍ୱରଙ୍କ ଅନୁଗ୍ରହ ଦ୍ୱାରା, ପରମେଶ୍ୱରଙ୍କ ପୂର୍ବଜ୍ଞାନ ଦ୍ୱାରା, ତାହାଙ୍କର ପୂର୍ବନିରୂପଣ ଦ୍ୱାରା ଉଦ୍ଧାର ପାଇଅଛନ୍ତି । ପରମେଶ୍ୱର ଅବ୍ରହାମଙ୍କୁ ପୂର୍ବନିରୂପଣ, ପୂର୍ବଜ୍ଞାନ ଦ୍ୱାରା ଡାକିଥିଲେ । ସେ ଡାକିଥିଲେ । ସେ ଏଷୌକୁ ଘୃଣା କରିଥିଲେ, ଏବଂ ଯାକୁବଙ୍କୁ ପ୍ରେମ କରିଥିଲେ, ଏହା ପୂର୍ବେକି ଉଭୟଙ୍କର ଜନ୍ମ ସୁଦ୍ଧା ହୋଇଥିଲା । ତାହା ଠିକ୍ ଅଟେ । ଏହା ତ—ଏହା ତ ପରମେଶ୍ୱରଙ୍କର ପୂର୍ବଜ୍ଞାନ ଅଟେ ଯାହାକି ଏହି ବିଷୟଗୁଡିକୁ ଜାଣିଥାଏ ।

164 ତେବେ ଆପଣ କୁହନ୍ତି, "ତାହାହେଲେ ସୁସମାଚାର ପ୍ରଚାର କରିବାର ପ୍ରୟୋଜନ କଅଣ?"

165 ତେବେ ମୁଁ ଆପଣମାନଙ୍କୁ, ଏହା କହିବି । ପାଉଲ ତାହାର ଉତ୍ତର ଦେଇଥିଲେ, କିମ୍ବା, ବରଂ ଯୀଶୁ ତାହା ଦେଇଥିଲେ । ଏଠାରେ ଯୀଶୁ ଅଛନ୍ତି । ସେ କହିଲେ, "ସ୍ୱର୍ଗରାଜ୍ୟ ଏପରି ଜଣେ ମନୁଷ୍ୟ ସଦୃଶ ଯିଏକି ଏହି ସ୍ଥାନକୁ, ଏକ—ଏକ ପୋଖରୀ କିମ୍ବା ଏକ ହ୍ରଦକୁ ଗଲେ, ଏବଂ ସେଠାରେ ଏକ ଟଣାଜାଲ ପକାଇଲେ । ସେ ଜାଲ ଟାଣିଲେ । ସେଥିରେ, ତାଙ୍କର କଇଁଛମାନ ରହିଥିଲା । ତାଙ୍କର ଟେରାପିନ ପୋକ ରହିଥିଲା । ତାଙ୍କର ସର୍ପ ରହିଥିଲା । ତାଙ୍କର ଝିଟିପିଟି ରହିଥିଲା । ତାଙ୍କର ବେଙ୍ଗମାନ ରହିଥିଲା । ତାଙ୍କର ବୁଢୀଆଣି ରହିଥିଲା । ତାଙ୍କର ମୃତଜୀବ ଭକ୍ଷକମାନ ରହିଥିଲା । ତାଙ୍କର—ତାଙ୍କର ମାଛ ରହିଥିଲା ।" ତେବେ, ସେହି ଲୋକଟି କେବଳ ମାଛ ଧରୁଥିଲେ ।

166 ତାହା ସୁସମାଚାର ପରି ଅଟେ । ଏଠାରେ ଏହା ବର୍ତ୍ତମାନ ଅଛି, ମୁଁ ସୁସମାଚାର ପ୍ରଚାର କରୁଅଛି । ମୁଁ କେବଳ ଜାଲକୁ ଫୋପାଡି ଦେଇଥାଏ । ମୁଁ ଏହାକୁ ଟାଣେ, ମୁଁ କୁହେ, "ଯେଉଁମାନେ ସମସ୍ତେ, ଇଚ୍ଛା କରନ୍ତି, ସେମାନେ ଆସନ୍ତୁ ।" ଏଠାରେ କେତେଜଣ, ବେଦୀ

ଉପରକୁ ଆସନ୍ତି। ସେମାନେ ସମସ୍ତେ ଯଜ୍ଞବେଦିର ଚାରିଆଡ଼େ ରହିଥାନ୍ତି। ସେମାନେ ପ୍ରାର୍ଥନା କରନ୍ତି। ସେମାନେ କାନ୍ଦନ୍ତି। ମୁଁ ଜଣେ ଅନ୍ୟଠାରୁ ପୃଥକ ଜାଣେ ନାହିଁ। ଏହା ମୋର କାମ ନୁହେଁ। ମୋତେ ବିଚାର କରିବାକୁ ପଠାଯାଇ ନାହିଁ।

167 ମାତ୍ର, ସେଠାରେ ଏପରି କେତେକ ଅଛନ୍ତି ଯେଉଁମାନେକି ବେଙ୍ଗ ଅଟନ୍ତି। ସେଠାରେ ଏପରି କେତେକ ଅଛନ୍ତି ଯେଉଁମାନେକି ଝିଟିପିଟି ଅଟନ୍ତି। ସେଠାରେ ଏପରି କେତେକ ଅଛନ୍ତି ଯେଉଁମାନେକି ସାପ ଅଟନ୍ତି। ଏହା, କେତେକ, କଇଁଛମାନେ ଅଟନ୍ତି। ଏବଂ ସେଠାରେ ଏପରି କେତେକ ଅଛନ୍ତି ଯେଉଁମାନେକି ମାଛ ଅଟନ୍ତି। ବିଚାର କରିବା ଏହା ମୋର କାମ ନୁହେଁ। ମୁଁ କୁହେ, "ପିତା, ଏଠାରେ ତାହା ଅଛି ଯାହା ମୁଁ ବାହାର କଲି।"

168 କିନ୍ତୁ, ସେହି ବେଙ୍ଗ ଆରମ୍ଭରୁ ହିଁ, ଏକ ବେଙ୍ଗ ଥିଲା।

169 ସେହି ବୁଢୀଆଣି, ସେହି ପୁରୁଣା ବୁଢୀଆଣି ସେଠାରେ ବସି ଅଳ୍ପ ସମୟ, ସେମାନଙ୍କର ବଡ଼ ଆଖିକୁ ଘୁରାଇ, ଚାରିପାଖକୁ ଅନାଇବ, ଚାରିପାଖକୁ ଦେଖିବ, କହିବ, "କଅଣ ତୁମେ ଜାଣିଛ କି? ମୁଁ ଠିକ ପ୍ରାୟଃ ସେତିକି ହିଁ ପାଇଛି ଯେତିକି ମୁଁ ସହ୍ୟ କରିପାରେ।" ପ୍ଲପ୍, ପ୍ଲପ୍, ପ୍ଲପ୍, ପ୍ଲପ୍, ସେମାନେ ବାହାରକୁ ଚାଲିଯାଆନ୍ତି।

170 ବୁଢୀ ମହିଳା ସର୍ପ ତାର ମୁଣ୍ଡକୁ ଉପରକୁ ଉଠାଇବ, ଏବଂ କହିବ, "ତେବେ, କଅଣ ତୁମେ ଜାଣିଛ କି? ଯଦି ସେମାନେ ସେହିପରି ଭାବରେ ଛୋଟ ଜାମା ସର୍ଟ ଏବଂ ସେହିପରି ଜିନିଷ ପିନ୍ଧିବା ବିରୁଦ୍ଧରେ, ପ୍ରଚାର କରିବାକୁ ଯାଉଛନ୍ତି, ତାହାହେଲେ ଏହା ମୋତେ ନେଇଥାଏ। ତେଣୁ ମୁଁ ସେହି ପବିତ୍ର-ପାଖଣ୍ଡମାନଙ୍କଠାରୁ ଦୂରେଇ ଯିବି। ତାହା ହିଁ ସବୁକିଛି ଯାହାକି ରହିବାର ଥିଲା।" ତୁମେ ତ ଆରମ୍ଭରୁ ହିଁ ଏକ ସାପ ଥିଲେ। ତାହା ଅବିକଳ ଠିକ୍ ଅଟେ। ହଁ।

171 ଏବଂ ଏଠାରେ ପୁରୁଣା ଶ୍ରୀମାନ ଟୋଡ୍ ବେଙ୍ଗ, ପାଟିରେ ସେହି ବଡ ସିଗାରେଟ୍ ରଖିବା ସହ, ଯେପରିକି ଏକ ଶିଂଗବିହୀନ ଟେକ୍ସାସ୍‌ର ଖାସୁ କରାଯାଇଥିବା ଷଣ୍ଢ ପରି, ସେଠାରେ ଛିଡା ହେବ ଏବଂ ଚାରିପାଖକୁ ଅନାଇବ, କହିବ, "ତେବେ, ଏହା ମୋତେ କଦାପି ଧୂମପାନ କରିବାକୁ ନିନ୍ଦା କରି ନ ଥିଲା। ମୁଁ ଠିକ ବର୍ତ୍ତମାନ ହିଁ, ଏହି ଜିନିଷରୁ ବାହାରିଯିବି।" ତେବେ, ତୁମେ ପୁରୁଣା ବେଙ୍ଗ, ତୁମେ ତ ଆରମ୍ଭରୁ ହିଁ, ତାହା ଥିଲ। ତାହା ଅବିକଳ ଠିକ୍। ତାହା ଅବିକଳ ଠିକ୍ ଅଟେ।

172 ଆପଣଙ୍କର ସ୍ୱଭାବ ହିଁ ଏହା ପ୍ରମାଣ କରେ ଯେ ଆପଣ କଅଣ ଅଟନ୍ତି। ଆପଣଙ୍କର ଜୀବନ ପ୍ରଦର୍ଶିତ କରେ, ଏହା ପ୍ରତିଫଳିତ କରେ ଯେ, ଆପଣ ଆରମ୍ଭରୁ ହିଁ କିଏ ଅଟନ୍ତି। ତାହା ଦେଖିବା ମୋ ପାଇଁ କଷ୍ଟକର ନୁହେଁ। ଏହା ଦେଖିବା ଆପଣଙ୍କ ପାଇଁ ମଧ୍ୟ କଷ୍ଟକର ନୁହେଁ।

173 ଯଦି ମୁଁ ରୟ ସ୍ଲଟରଙ୍କ ପାଖକୁ ଯାଏ ଯିଏକି ଏଠାରେ ସେହି କୃଷକ ବସିଛନ୍ତି, ଏବଂ ମୁଁ ଘୁଷୁରିମାନଙ୍କୁ ଖତ ଗଦା ଉପରେ, ଖତ ଖାଉଥିବାର ଦେଖେ, ମୁଁ ସେ ବିଷୟରେ କିଛି ହେଲେ ଖରାପ ଭାବିବି ନାହିଁ। ସେ ତ ଏକ ଘୁଷୁରୀ ଅଟେ। ମାତ୍ର ଯଦି ମୁଁ ସେହି ଖତ ଗଦା ଉପରେ ଗୋଟିଏ ମେଣ୍ଢାକୁ ଦେଖେ, ତାହାହେଲେ ମୁଁ ଆଶ୍ଚର୍ଯ୍ୟ କରିବି। ଉଃ-ହୁଃ। ବୁଝିଲେ? ବ୍ୟସ୍ତ

ହୁଅନ୍ତୁ ନାହିଁ, ଆପଣ ତାକୁ ସେଠାରେ ଦେଖିବେ ନାହିଁ । ସେ ତ ଠିକ ଏହାକୁ ସହ୍ୟ ହିଁ କରିପାରେ ନାହିଁ । ତାହା ଠିକ୍ ଅଟେ ।

174 ଏବଂ ଜଣେ ବ୍ୟକ୍ତି ଯିଏକି ପରମେଶ୍ୱରଙ୍କ ଆତ୍ମା ଦ୍ୱାରା ଜନ୍ମ ହୋଇଥାନ୍ତି ସେ ଜଗତର ବିଷୟଗୁଡିକୁ ଘୃଣା କରନ୍ତି । ତାହା ଠିକ୍, "କାରଣ ଯଦି ଆପଣ ଜଗତକୁ କିମ୍ବା ଜଗତର ବିଷୟଗୁଡିକୁ ପ୍ରେମ କରନ୍ତି, ତାହାହେଲେ ଏପରିକି ପରମେଶ୍ୱରଙ୍କ ପ୍ରେମ ସୁଦ୍ଧା ଆପଣଙ୍କ ଭିତରେ ନାହିଁ ।"

175 ଯଦି ମୁଁ ପ୍ରତିଦିନ ସ୍ତ୍ରୀଲୋକମାନଙ୍କ ସହିତ ଦୌଡୁଥାଏ, ଏବଂ ଆସି, ମୋ ପତ୍ନୀଙ୍କୁ କୁହେ ଯେ ମୁଁ ତାଙ୍କୁ ପ୍ରେମ କରେ, ସେ ଜାଣିଯିବେ ଯେ ମୁଁ ଜଣେ ମିଥ୍ୟାବାଦୀ ଅଟେ । ମୋର କାର୍ଯ୍ୟକଳାପଗୁଡିକ ମୋ ଶବ୍ଦଠାରୁ ଅଧିକ ଜୋରରେ କହିବ । ନିଶ୍ଚିତ ଭାବରେ । ମୁଁ ତାଙ୍କୁ ପ୍ରମାଣ କରେ ଯେ ମୁଁ ତାଙ୍କୁ ପ୍ରେମ କରେ ନାହିଁ, କାରଣ ମୁଁ ତାଙ୍କ ପ୍ରତି ସତ୍ୟ ନୁହେଁ ।

176 ସେ ମୋତେ କହିଲେ ଯେ ସେ ମୋତେ ପ୍ରେମ କରନ୍ତି, ଏବଂ ପ୍ରତ୍ୟେକ ଥର ଯେତେବେଳେ ମୁଁ ଚାଲିଯାଏ, ସେ ଅନ୍ୟ କାହାରି ସହିତ ଚାଲିଯାଆନ୍ତି, ଏହା ପ୍ରମାଣ କରିବ ଯେ ସେ ମୋତେ ପ୍ରେମ କରନ୍ତି ନାହିଁ । ଠିକ୍ ଅଛି । ତାଙ୍କ କାର୍ଯ୍ୟକଳାପଗୁଡିକ ଏହା ପ୍ରମାଣ କରେ । ମୋର ଏଥିରେ କିଛି ଯାଏ ଆସେ ନାହିଁ ଯେ ସେ ମୋତେ କେତେ କହିବାକୁ କେତେ ଚେଷ୍ଟା କରନ୍ତି, "ବିଲ୍, ମୁଁ ତୁମକୁ ପ୍ରେମ କରେ, ଏବଂ ଜଗତରେ ତୁମ ବ୍ୟତୀତ ଆଉ କେହି ନାହାଁନ୍ତି," ମୁଁ ଜାଣିଯିବି ସେ ଜଣେ ମିଥ୍ୟାବାଦୀ ଅଟନ୍ତି ।

177 ଏବଂ ଯେତେବେଳେ ଆପଣ କହିବାକୁ ଚେଷ୍ଟା କରନ୍ତି, "ପ୍ରଭୁ, ମୁଁ ତୁମକୁ ପ୍ରେମ କରେ," ଏବଂ ଜଗତର କାର୍ଯ୍ୟକଳାପଗୁଡିକୁ କରୁଥାନ୍ତି, ପରମେଶ୍ୱର ଜାଣନ୍ତି ଯେ ଆପଣ ଆରମ୍ଭରୁ ହିଁ, ଜଣେ ମିଥ୍ୟାବାଦୀ ଅଟନ୍ତି । ତେବେ କାହିଁକି? ଏକ ପୁରୁଣା ଅର୍ଦ୍ଧ-ମାର୍ଗ ଅନୁଭୂତିକୁ ଏବଂ ସେହିପରି କିଛି ଗୋଟାଏ ଅନ୍ୟ ବିଷୟକୁ, ଗ୍ରହଣ କରିବାର ଲାଭ କଅଣ, ଯେତେବେଳେକି ସ୍ୱର୍ଗର ସେହି ମହାନ ଆକାଶମାନ ପ୍ରକୃତ ବିଷୟଗୁଡିକରେ ପରିପୂର୍ଣ୍ଣ ଅଟେ? ଆପଣ କାହିଁକି ଏକ ଦୁଃଖୀ, ଅଙ୍ଗୀକୃତ, ଅଧା-ବାଟ, ଅଧା-ପକ୍ୱ ହୋଇଥିବା, ତଥା-କଥିତ ଖ୍ରୀଷ୍ଟିଆନ ହେବାକୁ ଚାହୁଁଛନ୍ତି? ଯେତେବେଳେକି, ଆପଣ ନିଜର ହୃଦୟରେ ସ୍ୱର୍ଗର ଆନନ୍ଦ-ଘଣ୍ଟିଗୁଡିକ ବାଜିବା ସହ, ପରମେଶ୍ୱରଙ୍କର ଜଣେ ପ୍ରକୃତ ନୂତନ-ଜନ୍ମ ପ୍ରାପ୍ତ ସନ୍ତାନ ହୋଇପାରନ୍ତି, ଆନନ୍ଦ କରି, ପରମେଶ୍ୱରଙ୍କୁ ପ୍ରଶଂସା କରିପାରନ୍ତି, ଏବଂ ଯୀଶୁ ଖ୍ରୀଷ୍ଟଙ୍କ ମାଧ୍ୟମରେ ଜୟଯୁକ୍ତ ଜୀବନ ଯାପନ କରିପାରନ୍ତି ।

178 ଏହା ନିଜେ କରିବାକୁ ଚେଷ୍ଟା ନ କରି, କାରଣ ଆପଣ ଆରମ୍ଭରୁ ହିଁ, ବିଫଳ ହେବେ । ମାତ୍ର ତାହାଙ୍କୁ ଗ୍ରହଣ କରନ୍ତୁ, ଏହା ତାହାଙ୍କର ବାକ୍ୟ ଅଟେ, ଏବଂ ତାହାଙ୍କ ଉପରେ ବିଶ୍ରାମ କରନ୍ତୁ ଯାହା ସେ ସତ୍ୟ ବୋଲି କହିଥିଲେ । ଏବଂ ତାହାଙ୍କୁ ବିଶ୍ୱାସ କରନ୍ତୁ, ଏବଂ ତାହାଙ୍କୁ ପ୍ରେମ କରନ୍ତୁ, ଏବଂ ସେ ଆପଣଙ୍କ ପାଇଁ ସବୁକିଛି ଠିକ୍ ଭାବରେ କାର୍ଯ୍ୟକାରୀ କରିବେ । ତାହାହିଁ ଏହା ଅଟେ । ତାହା ହେଉଛି ଧାରଣା ।

179 ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ଆପଣଙ୍କୁ କଡା କଥା କହିବାକୁ ଚାହୁଁ ନାହିଁ, ମାତ୍ର, ଭାଇ, ଅଳ୍ପ ଟିକିଏ କଡା କଥା ଭଲ ଅଟେ । ଆପଣମାନେ ମୋର ଯୁବା ଅଟନ୍ତି । ବୁଝିଲେ? ଏବଂ ଯେକୌଣସି ପିତା ଯିଏକି ନିଜର ପିଲାମାନଙ୍କୁ ପ୍ରେମ କରନ୍ତି ନିଶ୍ଚିତ ଭାବରେ ସେମାନଙ୍କୁ ସଂଶୋଧନ କରିବେ, ନତୁବା ସେ ଜଣେ ସଠିକ୍ ପ୍ରକାରର ପିତା ନୁହଁନ୍ତି । କଅଣ ତାହା ଠିକ୍ କି? ତାହା ଠିକ୍ ଅଟେ । ଏବଂ ଏହି ପିତାର କେବଳ ଗୋଟିଏ ନିୟମ ଅଛି, ଏବଂ ତାହା ହେଉଛି ଘରର ନିୟମ । ଏବଂ ପରମେଶ୍ୱରଙ୍କର କେବଳ ଗୋଟିଏ ନିୟମ ଅଛି, ଏବଂ ତାହା ହେଉଛି ତାହାଙ୍କର ବାକ୍ୟ ।

180 ଯଦି ଆମେ ତାହାଙ୍କର ବାକ୍ୟକୁ ବିଶ୍ୱାସ କରୁ, ତେବେ ଆମେ ତାହାଙ୍କ ବାକ୍ୟ ଦ୍ୱାରା ବଞ୍ଚିବା । ଏହା ଆମର କର୍ତ୍ତବ୍ୟ ଅଟେ, ଯଦି ଆମେ କେବେ ପରମେଶ୍ୱରଙ୍କୁ ସାକ୍ଷାତ କରିଅଛୁ । ଏଇଥି ପାଇଁ ନୁହେଁ ଯେ ଆପଣ କୁହନ୍ତି, "ତେବେ, ମୁଁ ମଣ୍ଡଳୀକୁ ଯାଏ, ଏବଂ ମୋତେ *ଏହା* କରିବାକୁ ଅଛି ।" ଆପଣ ତ ଦୁର୍ଭାଗା ଅଟନ୍ତି । ତାହା କରନ୍ତୁ ନାହିଁ । ଆପଣ କାହିଁକି ଏକ ଦୁର୍ଭାଗା, ଅବକ୍ଷୟକାରୀ, ଅଧାର୍ମିକ କାଉ ହେବାକୁ ଚାହୁଁଛନ୍ତି, ଯେତେବେଳେକି ଆପଣ ଏକ କପୋତ ହୋଇ ପାରିବେ? ନିଶ୍ଚିତ ଭାବରେ । ଆପଣଙ୍କୁ ତ କେବଳ ନିଜର ପ୍ରକୃତିକୁ ବଦଳାଇବାକୁ ଅଛି । ଏବଂ ଆପଣ ନିଜର ପ୍ରକୃତିକୁ ପରିବର୍ତ୍ତନ କରନ୍ତୁ, ପରମେଶ୍ୱରଙ୍କ ଜଣେ ପୁତ୍ର ଏବଂ ପୁତ୍ରୀ ହୋଇଯାଆନ୍ତୁ, ପରମେଶ୍ୱରଙ୍କ ସହିତ ଶାନ୍ତିରେ ରୁହନ୍ତୁ ।

181 ଯୀଶୁ! "ଅତଏବ, ଯୀଶୁ ମଧ୍ୟ, ଯେପରିକି ସେ ଲୋକମାନଙ୍କୁ ନିଜ ରକ୍ତ ଦ୍ୱାରା ପବିତ୍ରୀକୃତ କରିପାରନ୍ତି, ନଗରଦ୍ୱାରର ବାହାରେ ମୃତ୍ୟୁଭୋଗ କଲେ," ଏବ୍ରୀ 13:12 ଏବଂ 13 । ରୋମୀୟ 5:1, "ଅତଏବ ବିଶ୍ୱାସ ଦ୍ୱାରା ଧାର୍ମିକ ଗଣିତ ହୋଇ," ହାତ ମିଶାଇବା ଦ୍ୱାରା ନୁହେଁ, ଜଳ ବାପ୍ତିସ୍ମ ଦ୍ୱାରା ନୁହେଁ, ହସ୍ତାର୍ପଣ କରିବା ଦ୍ୱାରା ନୁହେଁ, ଚିତ୍କାର କରିବା ଦ୍ୱାରା ନୁହେଁ, ପରଭାଷାରେ କଥା କହିବା ଦ୍ୱାରା, କିମ୍ବା କୌଣସି ସମ୍ବେଦନା ଦ୍ୱାରା ନୁହେଁ । "କିନ୍ତୁ ବିଶ୍ୱାସ ଦ୍ୱାରା ଧାର୍ମିକ ଗଣିତ ହୋଇ, ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ମାଧ୍ୟମରେ ପରମେଶ୍ୱରଙ୍କ ସହିତରେ ଆମର ଶାନ୍ତି ଅଛି ।" ଆମେ ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରିଅଛୁ, ଏବଂ ନୂତନ ଜୀବ ହୋଇଅଛୁ, କାରଣ ଆମେମାନେ ପରମେଶ୍ୱରଙ୍କ ଏକମାତ୍ର ଅଦ୍ୱିତୀୟ ପୁତ୍ର ଉପରେ ବିଶ୍ୱାସ କରିଅଛୁ, ଏବଂ ତାହାଙ୍କୁ ଆମର ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିଅଛୁ । ଏବଂ ତାହାଙ୍କର ରକ୍ତ, ଆଜି ରାତିରେ, ଆମର ପାପର ପ୍ରାୟଶ୍ଚିତ ରୂପେ, ଆମ ସ୍ଥାନରେ ଛିଡା ହେବା ପାଇଁ କାର୍ଯ୍ୟ କରେ ।

182 ପୁରାତନ ନିୟମରେ, ସହଭାଗୀତା ପାଇଁ କେବଳ ଗୋଟିଏ ସ୍ଥାନ ରହିଥିଲା, ତାହା ହେଉଛି ରକ୍ତ ତଳେ । ପ୍ରତ୍ୟେକ ବିଶ୍ୱାସୀଙ୍କୁ ରକ୍ତ ତଳେ ଆସିବାକୁ ଥିଲା । ଯେତେବେଳେ ସେହି ଲାଲ ଗାଭୀକୁ ବଧ କରା ଯାଇଥିଲା, ସେ ଏକ ପାପାର୍ଥକ-ବଳି ନିମନ୍ତେ ପ୍ରସ୍ତୁତ କରା ଯାଇଥିଲା । ସେ ଲାଲ୍ ହେବା ଜରୁରୀ । ଏବଂ ଯାତ୍ରାପୁସ୍ତକର ୧୨ତମ ପର୍ବ, ଯଦି ଆପଣମାନଙ୍କ ମଧ୍ୟରୁ କେହି ଏହାକୁ ପାଠ କରିବାକୁ ଚାହିଁବେ । ଏବଂ ତାକୁ ନିଶ୍ଚିତ ରୂପେ

ସମ୍ପୂର୍ଣ୍ଣ ଭାବରେ ଖୁରା, ସବୁ କିଛି ସହିତ, ଏକତ୍ର ପୋଡି, ଭୋଜନ କରାଯିବା ଉଚିତ୍ । ଏବଂ ତାହାପରେ ତାକୁ ପୃଥକୀକରଣର ଜଳ ନିମନ୍ତେ ପ୍ରସ୍ତୁତ କରା ଯାଉଥିଲା । ଏହା ନଗରଦ୍ୱାରର ବାହାରେ ସ୍ଥାପିତ କରା ଯାଉଥିଲା । ଏହାକୁ ପରିଷ୍କାର ହାତରେ ହସ୍ତକୃତ କରାଯିବାକୁ ଥିଲା । ଏହି ଗାଭୀର ରକ୍ତ ମଣ୍ଡଳୀର…ଆଗରେ ଆଗରେ ଯାଉଥିଲା, ଏବଂ ଦ୍ୱାର ଉପରେ ସାତଥର ଲଗା ଯାଉଥିଲା । ଏବଂ ବର୍ତ୍ତମାନ, ପ୍ରତ୍ୟେକ ଅପବିତ୍ର ବ୍ୟକ୍ତିଙ୍କୁ ଉପରକୁ ଯାଉଥିବା ବେଳେ, ନିଶ୍ଚିତ ଭାବରେ ପ୍ରଥମେ ସେହି ରକ୍ତକୁ ଚିହ୍ନିବାକୁ ଥିଲା ଏବଂ ଦେଖିବାକୁ ଥିଲା, ଏବଂ ଏହା ହୃଦୟଙ୍ଗମ କରିବାକୁ ଥିଲା ଯେ ସେଠାରେ ସେହି ରକ୍ତ ତଳେ ହିଁ କେବଳ ସହଭାଗୀତା ଅଛି । ତାହାହିଁ ହେଉଛି ଏକମାତ୍ର ସ୍ଥାନ ଯେଉଁଠାରେକି ସେହି ଉପାସକ ପ୍ରକୃତରେ ଆନୁଷ୍ଠାନିକ ଭାବରେ ଉପାସନା କରିପାରିବେ, ତାହା ରକ୍ତ ତଳେ ଥିଲା ।

183 ତାହାପରେ, ରକ୍ତ ତଳେ ଆସିବା ପୂର୍ବରୁ, ପ୍ରଥମେ ତାଙ୍କୁ ଯେଉଁ ବିଷୟ କରିବାକୁ ଥିଲା, ସେଠାରେ ତାଙ୍କ ଉପରେ ଏହି ପୃଥକୀକରଣର ଜଳ ଛିଞ୍ଚଣ କରିବାକୁ ଥିଲା, ଏବଂ ଅପରିଷ୍କାର ଲୋକମାନେ ଶୁଦ୍ଧ କରାଯିବାକୁ ଥିଲେ ।

184 ଏବଂ ସେମାନେ ପୃଥକୀକରଣର ଜଳ ନେଇ ପଥଭ୍ରଷ୍ଟ ଲୋକମାନଙ୍କ ଉପରେ ଛିଞ୍ଚୁଥିଲେ, ଏବଂ ତାଙ୍କୁ ନିଜ ପାପରୁ ପୃଥକୀକୃତ କରୁଥିଲେ । ଏବଂ ତାହାପରେ ସେ ଏହି ରକ୍ତର ସାତୋଟି ରେଖା ତଳେ ଚାଲି ଯାଉଥିଲେ, ଏବଂ ପରମେଶ୍ୱରଙ୍କ ଉପସ୍ଥିତିରେ ବାକି ବିଶ୍ୱାସୀମାନଙ୍କ ସହିତ ସହଭାଗିତା କରୁଥିଲେ ।

185 ଏହା କରିବାର କେବଳ ଗୋଟିଏ ମାତ୍ର ଉପାୟ ଅଛି । ହାତ ମିଶାଇବା ଦ୍ୱାରା ନୁହେଁ, ମଣ୍ଡଳୀରେ ଯୋଗଦେବା ଦ୍ୱାରା ନୁହେଁ, ବାପ୍ତିସ୍ମ ଦ୍ୱାରା ନୁହେଁ, ଭାବନାଗୁଡିକ ଦ୍ୱାରା ନୁହେଁ; ମାତ୍ର ପୃଥକୀକରଣର ଜଳ ନିକଟକୁ ଯାଇ, ବିଶ୍ୱାସ ଦ୍ୱାରା, ଯୀଶୁଙ୍କ ମସ୍ତକ ଉପରେ, ହାତ ରଖି, ଏବଂ କୁହନ୍ତୁ, "ମୁଁ ଜଣେ ପାପୀ ଅଟେ, ଏବଂ ତୁମେ ମୋ ସ୍ଥାନରେ ମୃତ୍ୟୁବରଣ କଲ । ଏବଂ ମୋ ଭିତରେ କିଛି ଗୋଟାଏ ବିଷୟ ମୋତେ କୁହେ ଯେ ତୁମେ ମୋତେ ମୋର ପାପରୁ କ୍ଷମା କରିଦେବ, ଏବଂ ମୁଁ ତୁମକୁ ମୋର ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରେ ।" ସେହି ରକ୍ତ ତଳେ ଗମନ କର, ଆଉ ପାରିରେ, ପରମେଶ୍ୱରଙ୍କ ସନ୍ତାନମାନଙ୍କ ସହିତ ସହଭାଗିତା କର । ତାହାହିଁ ଏହା ଅଟେ । ରୋଟୀ ଭୋଜନ କର, ଦ୍ରାକ୍ଷାରସ ପାନ କର, ଏବଂ ମଣ୍ଡଳୀ ସହିତ ସହଭାଗିତା କର ।

186 ଓଃ, କଅଣ ସେ ଅଦ୍ଭୁତ ନୁହଁନ୍ତି କି? କଅଣ ସେ ଉତ୍ତମ ନୁହଁନ୍ତି କି? ତେବେ, ବନ୍ଧୁ, ଏହା ଆପଣଙ୍କୁ ବିଚିତ୍ର ମନେ ହୋଇପାରେ । ମାତ୍ର କଅଣ—କଅଣ ପାଇଁ ମୁଁ ଏଠାରେ ଛିଡା ହୋଇ ଏହିସବୁ ବିଷୟ କହିବି? କଅଣ ମୁଁ ନିଜକୁ ଅନ୍ୟ କାହାରିଠାରୁ ଭିନ୍ନ କରିବାକୁ ଯାଇ ଚେଷ୍ଟା କରି ସେଗୁଡିକୁ କହିବି କି? ଯଦି ମୁଁ କରେ, ତାହାହେଲେ ମୋତେ ଅନୁତାପର ପ୍ରୟୋଜନ ଅଛି । ମୁଁ ଏହା କହୁଅଛି କାରଣ ପରମେଶ୍ୱର ଏହା କହିଛନ୍ତି, କାରଣ ଏହା ପରମେଶ୍ୱରଙ୍କ ବାକ୍ୟ ଅଟେ । ଏବଂ ଶୁଣନ୍ତୁ । ଏପରି ଏକ ସମୟ ଆସୁଅଛି, ଏବଂ ବର୍ତ୍ତମାନ

ହିଁ ଅଟେ, ଯେତେବେଳେ ଲୋକମାନେ ପୂର୍ବରୁ ପଶ୍ଚିମକୁ ଯାଉଥିବେ, ପରମେଶ୍ୱରଙ୍କ ବାକ୍ୟ ଖୋଜିବାକୁ ଚେଷ୍ଟା କରୁଥିବେ, ଏବଂ ତାହା ପାଇପାରୁ ନ ଥିବେ।

187 ଯେତେବେଳେ ଆପଣ ଏକ ସଭାକୁ ଯାଆନ୍ତି, ପ୍ରଥମ ବିଷୟ ଯାହା ଆପଣ କରନ୍ତି, ଆପଣ ସେଠାକୁ ଯାଆନ୍ତି ଏବଂ ସେମାନଙ୍କର ବହୁଳ ଭାବରେ ଏକ ପରଭାଷା ଏବଂ ବ୍ୟାଖ୍ୟାମାନ ରହିଥାଏ, ଏବଂ କେହି ଜଣେ ଉଠନ୍ତି ଏବଂ ଶାସ୍ତ୍ରାଂଶ ଉଦ୍ଧୃତ କରନ୍ତି; ଏବଂ ତାହା ଶାରୀରିକ ଅଟେ। ଅବଶ୍ୟ। ପରମେଶ୍ୱର ଆମକୁ "ବୃଥା ପୁନରାବୃତ୍ତି ବ୍ୟବହାର ନ କରିବା" ପାଇଁ କହିଛନ୍ତି, ତାଙ୍କ ବିଷୟରେ କଅଣ? ଯଦି ସେ ଏହାକୁ ଥରେ ଲେଖି ଦେଇଛନ୍ତି, ଆପଣ ଏହାକୁ ବିଶ୍ୱାସ କରନ୍ତୁ। ତାହାଙ୍କୁ ଏହା ଆଉ ଥରେ କହିବାକୁ ପଡ଼େ ନାହିଁ। ପରଭାଷା ଏବଂ ବ୍ୟାଖ୍ୟାମାନ ଠିକ୍ ଅଛି, ମାତ୍ର ଏହାକୁ ତ ମଣ୍ଡଳୀ ପ୍ରତି ଏବଂ କାହାରି ଜଣକା ପ୍ରତି ଏକ ପ୍ରତ୍ୟକ୍ଷ ବାର୍ତ୍ତା ହେବା ଜରୁରୀ ଅଟେ, କେବଳ କୌଣସି ଶାରୀରିକ ଏବଂ ସେହିପରି ଜିନିଷ ହେବାର ନୁହେଁ। ଏବଂ ତାହାପରେ ଆପଣ ଏହି ଅନ୍ୟାନ୍ୟ ସମସ୍ତ ବିଷୟଗୁଡିକରେ ଆଗକୁ ବଢିଯାଆନ୍ତି।

188 ଅନ୍ୟ ଦିନ ଏଠାରେ, ଦୁଇଜଣ ଲୋକ ଭିତରକୁ ଆସିଥିଲେ...ଏବଂ ଜଣେ ପୁରୁଷ ଆଉ ଜଣେ ସ୍ତ୍ରୀ, ଏବଂ ଆଉ ଏକ ପୁରୁଷ ଏବଂ ଜଣେ ସ୍ତ୍ରୀ ଥିଲେ, ଠିକ ଯୁବା ବୟସରେ ବିବାହିତ ହୋଇଥିଲେ, ଏକ ସ୍ଥାନକୁ ଚାଲିକରି ଗଲେ, ମିଶନାରୀ ଭାବରେ ଆଫ୍ରିକାକୁ ଯିବା ପାଇଁ। କେହି ଜଣେ ଛିଡା ହେଲେ ଓ ଏକ ଭବିଷ୍ୟତ୍‌ବାଣୀ କଲେ, ଏବଂ ପରଭାଷା ଏବଂ ବ୍ୟାଖ୍ୟାମାନ ଦେଲେ, ଯେ, "ସେମାନେ ପରସ୍ପର ଜଣେ ଅନ୍ୟର ସ୍ତ୍ରୀକୁ ଗ୍ରହଣ କରିଛନ୍ତି।" ଯେ, "ତାହା ସେପରି ହେବା ଉଚିତ୍ ନୁହେଁ। ସେମାନେ ଭୁଲ ବ୍ୟକ୍ତିଙ୍କୁ ବିବାହ କରିଛନ୍ତି।" ଏବଂ ସେହି ଦୁଇ ଜଣ ବ୍ୟକ୍ତି ପୁନର୍ବାର ଅଲଗା ହୋଇ, ପୁଣି ଥରେ ପୁନର୍ବାର ବିବାହ କଲେ। ଜଣେ ବ୍ୟକ୍ତି ଅନ୍ୟ ଜଣଙ୍କର ପତ୍ନୀକୁ, ସେହି ଅନ୍ୟ ଜଣକାକୁ ଗ୍ରହଣ କଲେ, ଏକ ଅଗ୍ରଣୀ ପେଣ୍ଟିକଷ୍ଟାଲ୍ ନାମଧାରୀ ସଂସ୍ଥାରେ, ଏବଂ ମିଶନାରୀ ଭାବରେ ଆଫ୍ରିକାକୁ ଚାଲି ଗଲେ।

189 ଭାଇ, ଯେତେବେଳେ ଆପଣ ନିଜର ଶପଥ ଗ୍ରହଣ କରନ୍ତି, ସେତେବେଳେ ଆପଣ ସେହି ଶପଥ ପ୍ରତି କର୍ତ୍ତବ୍ୟବଦ୍ଧ ଅଟନ୍ତି ଯେପର୍ଯ୍ୟନ୍ତକି ମୃତ୍ୟୁ ହିଁ ଆପଣଙ୍କୁ ମୁକ୍ତ ନ କରିଦିଏ। ଅବିକଳ ଭାବେ ଠିକ୍ ଅଟେ। ନିଶ୍ଚିତ ଭାବରେ। ଯେତେବେଳେ ଆପଣ ନିଜର ଶପଥ ଗ୍ରହଣ କରନ୍ତି, ଏହା ବାଧ୍ୟ ହୋଇଥାଏ।

190 ସେହି ସବୁ ବିଷୟ, ନିର୍ବୋଧତା! ଏବଂ ଏହା ଏପରି ଏକ ସ୍ଥାନକୁ ଆସିଯାଇଛି ଏପରିକି ଯେତେବେଳେ ଆପଣ ମଣ୍ଡଳୀଗୁଡିକୁ ଯାଆନ୍ତି, ସେତେବେଳେ ଏହା ଅତି ଥଣ୍ଡା ଏବଂ ଆନୁଷ୍ଠାନିକ ଏବଂ ଶୁଷ୍କ ହୋଇ ରହିଥାଏ, ଯେପର୍ଯ୍ୟନ୍ତକି ଆତ୍ମିକ ଥର୍ମୋମିଟର ଶୂନ୍‌ରୁ ପଚାଶ ତାପମାତ୍ରା ତଳକୁ ହ୍ରାସ ପାଇଯିବ। ଲୋକମାନେ ଏପରି ଭାବରେ ବସିଥାଆନ୍ତି ଯେପରିକି ଆଚାର ଉପରେ ଏକ ମାଛି ବସିଥାଏ, ଠିକ ସେତିକି ଖଟା ଓ ଉଦାସୀନ ଏବଂ ମଳିନ ଭାବରେ। ଏବଂ ଯଦି ଆପଣ କାହାରିକୁ, ସେଠାରେ ପଛରେ କୋଣରେ କଥା କହୁଥିବାର

ଶୁଣନ୍ତି, ଏକଦା ଏଠାରେ ସେଠାରେ ଥରେ ଏକ ଛୋଟ ଚିତ୍କାର କରି “ଆମେନ୍” ଶୁଣିପାରନ୍ତି, ଯେପରିକି ଏହା ସେମାନଙ୍କୁ ଆଘାତ କରିଥାଏ, ସେମାନେ ସମସ୍ତେ ଚାରିପାଖକୁ ଅନାଇବା ପାଇଁ, ଯେ କଅଣ ହେଲା ଦେଖିବା ନିମନ୍ତେ, ବତଖ ପରି ନିଜର ବେକକୁ ବିସ୍ତାରିତ କରିବେ। ଆପଣ ଜାଣନ୍ତି ଯେ ତାହା ସତ୍ୟ ଅଟେ। ମୁଁ ତାହା ଏକ ଥଟ୍ଟା କରିବା ପାଇଁ କହୁ ନାହିଁ। ଏହା ଥଟ୍ଟା କରିବାର କୌଣସି ସ୍ଥାନ ନୁହେଁ। ତାହା ସତ୍ୟ ଅଟେ। ଠିକ୍ ଅଛି। ମୁଁ ଏହା ଏଇଥି ପାଇଁ କହୁଅଛି କାରଣ ଏହା ସୁସମାଚାର ସତ୍ୟ ଅଟେ।

191 ଏବଂ ଅନ୍ୟ ପାର୍ଶ୍ୱରେ, ଆପଣ ଶାରୀରିକ ଭାବନାର ଏକ ନିର୍ବୋଧ ସମୂହକୁ ଏକ ରୁଣ୍ଡ ଭାବରେ କାର୍ଯ୍ୟକାରୀ କରୁଥିବାର ପାଆନ୍ତି, ଏବଂ ପରମେଶ୍ୱରଙ୍କ ସେହି ପ୍ରକୃତ ବାକ୍ୟ ଶେଷରେ ଏପରି ଏକ ସ୍ଥାନରେ ପହଞ୍ଚି ଯାଇଅଛି ଯେଉଁଠାରେକି ଆପଣ ଏହାକୁ କ୍ୱଚିତ୍ ହିଁ ଶୁଣିପାରନ୍ତି: ସେହି ପୁରୁଣା ରାସ୍ତା-ର-ମଧ୍ୟ-ଭାଗ, ସେହି ସୁସମାଚାର, ମୋ ପଥର ଆଲୋକ, ହାଲ୍ଲେଲୁୟା, ମେଷଶାବକଙ୍କ ସେହି ରକ୍ତ, ପରମେଶ୍ୱରଙ୍କ ସେହି ପ୍ରେମ ଯାହାକି ଆମକୁ ଜଗତର ବିଷୟଗୁଡିକରୁ ପୃଥକ କରେ।

192 “ଭାଇ, କଅଣ ଆପଣ ପରଭାଷାରେ କଥା କହିଛନ୍ତି କି? ଆପଣ ଏହା ପାଇ ନାହାଁନ୍ତି। କଅଣ ଆପଣ ସେପର୍ଯ୍ୟନ୍ତ ଚିତ୍କାର କଲେ କି ଯେପର୍ଯ୍ୟନ୍ତକି ସେହି ଥଣ୍ଡା ଶିହିରଣର ଅନୁଭବ ଆପଣର ପିଠି ଦେଇ ନ ଚାଲିଗଲା? କଅଣ ଆପଣ ଅଗ୍ନି ପିଣ୍ଡୁଳା ଦେଖିଲେ କି?” ଓଃ, ନିର୍ବୋଧତା! ସେପରି କୌଣସି କିଛି ବିଷୟ ନାହିଁ।

193 କଅଣ ଆପଣ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଉପରେ ବିଶ୍ୱାସ କରିଛନ୍ତି ଏବଂ ତାହାଙ୍କୁ ନିଜର ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିଛନ୍ତି କି? ଏବଂ ପରମେଶ୍ୱରଙ୍କ ଆତ୍ମା ଆପଣଙ୍କ ଆତ୍ମା ସହିତ ଏହା ସାକ୍ଷ୍ୟ ଦିଏ ଯେ ଆପଣ ପରମେଶ୍ୱରଙ୍କ ପୁତ୍ର ଏବଂ କନ୍ୟା ଅଟନ୍ତି। ଏବଂ ଆପଣଙ୍କର ଜୀବନ ପ୍ରେମ, ଆନନ୍ଦ, ଶାନ୍ତି, ଦୀର୍ଘସହିଷ୍ଣୁତା, ଉତ୍ତମତା, ନମ୍ରତା, ଭଦ୍ରତାର ଫଳ ଧାରଣ କରିଥାଏ। ତାହାପରେ ଆପଣ ଜଣେ ଖ୍ରୀଷ୍ଟିଆନ ଅଟନ୍ତି। ଯଦି ଏହା ନ କରେ, ତେବେ ମୋର ସେଥିରେ କିଛି ଫରକ ପଡେ ନାହିଁ ଯେ ଆପଣ କଅଣ କରନ୍ତି।

ପାଉଲ କହିଲେ, “ମୁଁ ମୋର ଶରୀରକୁ ବଳିଦାନ ରୂପେ ଦଗ୍ଧ ହେବା ପାଇଁ ଦାନ କରିପାରେ। ମୁଁ ପରମେଶ୍ୱରଙ୍କ ସମସ୍ତ ନିଗୁଢ଼ ସଂକଳ୍ପ ଜାଣି ଥାଇପାରେ। ମୁଁ ନିଜ ବିଶ୍ୱାସ ସହିତରେ ପର୍ବତଗୁଡ଼ିକୁ ଘୁଞ୍ଚାଇ ଦେଇପାରେ। ମୁଁ ମନୁଷ୍ୟ ଏବଂ ସ୍ୱର୍ଗଦୂତମାନଙ୍କ ପରି ପରଭାଷାରେ କଥା କହିପାରେ। ତଥାପି ମୁଁ କିଛି ନୁହେଁ।” ସେ ବିଷୟରେ କଅଣ? ପ୍ରଥମ କରିନ୍ଥୀୟ 13; ଖୋଜି ଦେଖନ୍ତୁ ଯେ ତାହା ଠିକ୍ କି ନୁହେଁ।

194 ତେବେ ଖୋଜନ୍ତୁ ଯଦି—ଯଦି କରିନ୍ଥୀୟ, ଦ୍ୱିତୀୟ କରିନ୍ଥୀୟ 13, ମୁଁ ବିଶ୍ୱାସ କରେ ଏହା ତାହା ଅଟେ। କିମ୍ବା, ତେବେ, ଏହା ପ୍ରଥମ କିମ୍ବା ଦ୍ୱିତୀୟ କରିନ୍ଥୀୟ ଅଟେ। ସେଠାରେ ପ୍ରଥମ କରିନ୍ଥୀୟ, ପ୍ରଥମ କରିନ୍ଥୀୟ 13, ଠିକ୍ ଅଛି। “ଯଦିଓ ମୁଁ ମନୁଷ୍ୟ ଏବଂ ସ୍ୱର୍ଗଦୂତମାନଙ୍କ ଭାଷାରେ କଥା କହିପାରେ,” ଉଭୟଟି ସେହି ପ୍ରକାରର ଅଟେ ଯାହାକି

ବ୍ୟାଖ୍ୟା କରାଯାଇପାରେ ଏବଂ ଯାହାକି ବ୍ୟାଖ୍ୟା କରାଯାଇପାରେ ନାହିଁ, "ମୁଁ କିଛି ନୁହେଁ।" ତେବେ, ତାହାହେଲେ ଏହା ସହିତ ମୂର୍ଖ ହେବାର ଔଚିତ୍ୟ କଅଣ?

195 "ଯଦିଓ ମୁଁ ପରମେଶ୍ୱରଙ୍କ ସମସ୍ତ ନିଗୁଢ଼ ସଂକଳ୍ପ ବୁଝିଥାଏ।" ଆପଣ କାହିଁକି ସେମିନାରୀକୁ ଯାଆନ୍ତି ଏବଂ ଏତେ ଅଧିକ ବିଷୟ ଶିକ୍ଷା କରିବାକୁ ଚେଷ୍ଟା କରନ୍ତି? ଉତ୍ତମ ହେବ ଯେ ଆପଣ ପ୍ରଥମେ, ପରମେଶ୍ୱରଙ୍କ ସହିତ ଠିକ୍ ହୋଇଯାଆନ୍ତୁ। ନିଶ୍ଚିତ ଭାବରେ। "ଯଦିଓ ମୁଁ, 'ଓଃ, ଧନ୍ୟ ହାଲ୍ଲେଲୁୟା!'"

196 ଆପଣ ଏପରି ହୋଇଯାଆନ୍ତି ଏପରିକି ଆପଣ ଏକ ମଣ୍ଡଳୀ ସୁଦ୍ଧା କରିପାରନ୍ତି ନାହିଁ ଯେପର୍ଯ୍ୟନ୍ତକି ଆପଣଙ୍କର ଏକ ଆରୋଗ୍ୟ ଅଭିଯାନ ନ ହୁଏ କିଅବା କୌଣସି ପ୍ରକାରର ଏକ ଚମତ୍କାର ସାଧନ କରା ନ ଯାଏ। "ଏକ ଦୁର୍ବଳ ଓ ବ୍ୟଭିଚାରୀ ପୀଢୀ ଏହିପରି ବିଷୟକୁ ଅନ୍ୱେଷଣ କରିବ।" ଆପଣ ଏହା ସହିତ କଅଣ ଚାହୁଁଛନ୍ତି?

197 ପାଉଲ କହିଲେ ଯେ ସେ ସବୁ ପ୍ରକାର କାର୍ଯ୍ୟ କରିପାରନ୍ତି, ଏପରିକି ପର୍ବତ ମଧ୍ୟ ଘୁଞ୍ଚାଇ ପାରନ୍ତି, ଏବଂ ତଥାପି ସେ କିଛି ନୁହଁନ୍ତି। "ଯେଉଁଠାରେ ପରଭାଷା ଅଛି, ଏହା କ୍ଷାନ୍ତ ହୋଇଯିବ। ଯେଉଁଠାରେ ଜ୍ଞାନ ଅଛି, ଏହା ଲୋପ ପାଇଯିବ। ଯେଉଁଠାରେ ଭବିଷ୍ୟତ୍‌ବାଣୀ ଅଛି, ଏହା ବିଫଳ ହୋଇଯିବ। ମାତ୍ର ଯେତେବେଳେ ସେହି ସିଦ୍ଧ ବିଷୟ ଆସିବ, ତାହା ଚିରଦିନ ପାଇଁ ତିଷ୍ଠି ରହିବ," ଏବଂ ପ୍ରେମ ସିଦ୍ଧତା ଅଟେ। "ପରମେଶ୍ୱର ଜଗତକୁ ଏମନ୍ତ ପ୍ରେମ କଲେ, ଯେ ସେ ତାହାଙ୍କର ଏକମାତ୍ର ଅଦ୍ୱିତୀୟ ପୁତ୍ରକୁ ଦାନ କଲେ, ଯେ," ଯିଏ କେହି କମ୍ପମାନ ହୁଏ, ଯିଏ କେହି ଦୋହଲା ହୁଏ, ଯିଏ କେହି କଥା କୁହେ, ଯିଏ-...? "ଯେକେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ବିନଷ୍ଟ ହେବ ନାହିଁ ବରଂ ଅନନ୍ତ ଜୀବନ ପ୍ରାପ୍ତ ହେବ।" ପିଲାମାନେ, ଏହାକୁ ବିଶ୍ୱାସ କର।

198 ସେମାନେ ଏହାକୁ ଏତେ ଜଟିଳ କରିବାକୁ ଚେଷ୍ଟା କରନ୍ତି, ଏହି ବିଷୟ ଏବଂ ସେହି ବିଷୟଗୁଡ଼ିକ। ଯେତେବେଳେକି, ଏହା ଠିକ ସେହି ଗୋଟିଏ ବିଷୟ ନିକଟକୁ ପହଞ୍ଚେ: ପରମେଶ୍ୱରଙ୍କଠାରେ ଆପଣଙ୍କର ବ୍ୟକ୍ତିଗତ ବିଶ୍ୱାସ। ତାହାହିଁ ଏହା ଅଟେ। ତାହାହିଁ ଏହା ବ୍ୟକ୍ତ କରିଥାଏ। "କାରଣ ବିଶ୍ୱାସ ଦ୍ୱାରା," ଅନୁଭବ ଦ୍ୱାରା ନୁହେଁ। "ବିଶ୍ୱାସ ଦ୍ୱାରା," ଭାବନା ଦ୍ୱାରା ନୁହେଁ। "ବିଶ୍ୱାସ ଦ୍ୱାରା," ସମ୍ବେଦନା ଦ୍ୱାରା ନୁହେଁ। "ମାତ୍ର ବିଶ୍ୱାସ ଦ୍ୱାରା ଆପଣ ଉଦ୍ଧାର ପାଇଛନ୍ତି; ଏବଂ ତାହା ଦ୍ୱାରା..." ଯେହେତୁ ଆପଣ ପ୍ରଭୁଙ୍କୁ ଅନ୍ୱେଷଣ କଲେ? ଯେହେତୁ ଆପଣ ଜଣେ ଭଲ ବ୍ୟକ୍ତି ଥିଲେ? କାରଣ, "ପରମେଶ୍ୱର, ଅନୁଗ୍ରହ ଦ୍ୱାରା, ଆପଣଙ୍କୁ ପୂର୍ବରୁ ଜାଣିଥିଲେ ଏବଂ ଆପଣଙ୍କୁ ଅନନ୍ତ ଜୀବନ ପାଇଁ ନିଯୁକ୍ତ କରିଥିଲେ।"

199 ଯୀଶୁ କହିଲେ, "କେହି ମୋ ପାଖକୁ ଆସିପାରନ୍ତି ନାହିଁ ଯେପର୍ଯ୍ୟନ୍ତକି ମୋ ପିତା କାହାରିକୁ ଆକର୍ଷିତ ନ କରନ୍ତି। ଏବଂ ଯେସମସ୍ତେ ମୋ ପାଖକୁ ଆସନ୍ତି, ମୁଁ ତାଙ୍କୁ ଅନନ୍ତ ଜୀବନ ଦେବି। କୌଣସି ବ୍ୟକ୍ତି ସେମାନଙ୍କୁ ମୋ ହାତରୁ ଛଡ଼ାଇ ନେଇପାରନ୍ତି ନାହିଁ। ସେମାନେ ମୋର ଅଟନ୍ତି। ସେମାନେ ସବୁଦିନ ପାଇଁ ଉଦ୍ଧାର କରା ଯାଇଛନ୍ତି। ମୁଁ ସେମାନଙ୍କୁ

ପାଇଅଛି । କୌଣସି ବ୍ୟକ୍ତି ସେମାନଙ୍କୁ ମୋ ପିତାଙ୍କ ହାତରୁ ଛଡାଇ ନେଇପାରନ୍ତି ନାହିଁ, ଏବଂ ସେ ହିଁ ସେହି ଜଣକା ଅଟନ୍ତି ଯିଏକି ସେମାନଙ୍କୁ ମୋତେ ଦେଇଥିଲେ । ସେମାନେ ମୋର ପ୍ରେମ ଉପହାର ଅଟନ୍ତି ।"

200 "ଏବଂ ଯେସମସ୍ତଙ୍କୁ ସେ ପୂର୍ବରୁ ଜାଣିଥିଲେ, ସେ ଆହ୍ୱାନ କଲେ ।" ସେ କାହାରିକୁ ସେପର୍ଯ୍ୟନ୍ତ ଆହ୍ୱାନ କରନ୍ତି ନାହିଁ ଯେପର୍ଯ୍ୟନ୍ତକି ସେ ତାଙ୍କୁ ପୂର୍ବରୁ ନ ଜାଣିଥାଆନ୍ତି । "ଯେସମସ୍ତଙ୍କୁ ସେ ଆହ୍ୱାନ କଲେ, ସେ ଧାର୍ମିକ ଗଣନା କଲେ; ଯେସମସ୍ତଙ୍କୁ ସେ ଧାର୍ମିକ ଗଣନା କଲେ, ସେ ମହିମାନ୍ୱିତ କଲେ ।" ତେଣୁକରି, ଆପଣ ଦେଖନ୍ତୁ, ଆମେମାନେ ଠିକ ଏକ ସିଦ୍ଧ ବିଶ୍ରାମରେ ରହିଛୁ ।

201 ବର୍ତ୍ତମାନ, ମୁଁ ଜାଣେ ଯେ ଏଠାରେ ଅନେକେ ବ୍ୟବସ୍ଥାବାଦୀମାନେ ଅଛନ୍ତି, ଆପଣମାନଙ୍କ ମଧ୍ୟରୁ ଅଣା-ନବେ ପ୍ରତିଶତ । ମାତ୍ର, ଦେଖନ୍ତୁ, ଯଦି ଆପଣ କେବଳ ଏହା ଗ୍ରହଣ କରିବେ ଏବଂ ଅନୁଭବ କରିବେ ଯେ ମୁଁ ଆପଣମାନଙ୍କୁ କିଛି କହିବାକୁ ଚେଷ୍ଟା କରୁନାହିଁ ।

202 ତାହାପରେ ଆପଣ କୁହନ୍ତି, "ଆଚ୍ଛା, ଭାଇ ବ୍ରାନହାମ୍, ମୁଁ ସର୍ବଦା ଏହା ଭାବିଛି ଯେ ମୋତେ *ଏହା* କରିବାକୁ ପଡିବ ଏବଂ ମୋତେ *ତାହା* କରିବାକୁ ପଡିବ ।" ଭାଇ, ଏଥିରେ ତାହା ଏପରି ଏକ—ଏପରି ଏକ ପାର୍ଥକ୍ୟ ଅଟେ, ଯେ ଆପଣଙ୍କୁ କଅଣ କରିବାକୁ ଅଛି ଏବଂ ଆପଣ କଅଣ କରିବାକୁ ଚାହୁଁଛନ୍ତି । ଆପଣ ଉଦ୍ଧାର କରାଯାଇଛନ୍ତି, ଏହେତୁ ନୁହେଁ ଯେ ଆପଣଙ୍କର ଏହା ସହିତ କରିବା ପାଇଁ ଗୋଟିଏ ବିଷୟ ଥିଲା । ଆପଣ ଏଇଥି ପାଇଁ ଉଦ୍ଧାର କରାଯାଇଛନ୍ତି କାରଣ ଜଗତର ପତ୍ତନାବଧି ପୂର୍ବରୁ ପରମେଶ୍ୱର ଆପଣଙ୍କୁ ଉଦ୍ଧାର କରିଥିଲେ ।

203 ଶୁଣନ୍ତୁ, ଏଠାରେ ଶୁଣନ୍ତୁ, ପ୍ରକାଶିତ ବାକ୍ୟରେ, ବାଇବଲ କୁହେ, ମୁଁ ଆପଣଙ୍କୁ ବର୍ତ୍ତମାନ ପ୍ରଥମରୁ ଶେଷ ପର୍ଯ୍ୟନ୍ତ ନେବାକୁ ଯାଉଅଛି, ପ୍ରକାଶିତ ବାକ୍ୟରେ, ବାଇବଲ କୁହେ, ଯେ, ଯେତେବେଳେ ସେହି ପଶୁ ଆସିଲା, "ସେ ପୃଥିବୀରେ ଥିବା ସମସ୍ତଙ୍କୁ ପ୍ରତାରଣା କଲା," ସେହି ପଶୁ କଲା, "ସେ ପୃଥିବୀରେ ଥିବା ସମସ୍ତଙ୍କୁ ପ୍ରତାରଣା କଲା, ଯାହାର ନାମଗୁଡିକ ମେଷଶାବକଙ୍କ ଜୀବନ ପୁସ୍ତକରେ ଲେଖା ହୋଇ ନ ଥିଲା," ଯେଉଁ ସମୟଠାରୁ ଉଦ୍ଦୀପନା ଆରମ୍ଭ ହୋଇଥିଲା, କଅଣ ତାହା ଠିକ୍ ମନେ ହୁଏ କି? ତେବେ, ସେହି ସମୟଠାରୁ ଯେତେବେଳେକି ସେହି ପ୍ରଚାରକ ସେହି ଶକ୍ତିଶାଳୀ ଉପଦେଶକୁ ପ୍ରଚାର କରିଥିଲେ? ସେହି ସମୟଠାରୁ ଯେତେବେଳେକି ସେହି ଲୋକଟି ସୁସ୍ଥ କରାଗଲେ? "ଜଗତର ପତ୍ତନାବଧି ପୂର୍ବରୁ ।"

204 ଯୀଶୁ କେଉଁଠାରେ ହତ ହୋଇଥିଲେ, କାଲଭରୀଠାରେ? ନା, ମହାଶୟ । ଯୀଶୁ ତ ଜଗତର ପତ୍ତନାବଧି ପୂର୍ବରୁ ହତ ହୋଇଥିଲେ । "ହେଇ ଦେଖ ପରମେଶ୍ୱରଙ୍କ ମେଷଶାବକ, ଯିଏକି ଜଗତର ପତ୍ତନାବଧି ପୂର୍ବରୁ ହତ ହୋଇଥିଲେ ।" ପରମେଶ୍ୱର, ଆରମ୍ଭରେ, ଯେତେବେଳେ ସେ ପାପକୁ ଦେଖିଥିଲେ, ସେ ଦେଖିଲେ ଯେ କଅଣ ଘଟିତ ହୋଇଥିଲା,

ସେ ବାକ୍ୟକୁ କହିଥିଲେ । ଏବଂ ଯୀଶୁ ଜଗତର ପତ୍ତନାବଧି ପୂର୍ବରୁ ହତ ହୋଇଥିଲେ । ଏବଂ ବାଇବଲ ଅନୁସାରେ, ପ୍ରତ୍ୟେକ ଲୋକ ଉଦ୍ଧାର କରାଯାଇଥିଲେ, ସେତେବେଳେ ଉଦ୍ଧାର କାରଯାଇଥିଲେ, ଯେତେବେଳେ ଜଗତର ପତ୍ତନାବଧି ପୂର୍ବରୁ, ପରମେଶ୍ୱରଙ୍କ ମନରେ ସେହି ମେଷଶାବକ ବଧ କରାଯାଇଥିଲେ । ଆପଣଙ୍କୁ ସେତେବେଳେ ପରିତ୍ରାଣରେ ଅନ୍ତର୍ଭୁକ୍ତ କରାଯାଇଥିଲା । ତେବେ ଆପଣ ଏହା ବିଷୟରେ କଅଣ କରିବାକୁ ଯାଉଛନ୍ତି?

205 ଏହା ତ ପରମେଶ୍ୱର ଅଟନ୍ତି । ପ୍ରଭୁଙ୍କର ନାମ ଧନ୍ୟ ହେଉ । "ଏହା ପରମେଶ୍ୱର ହିଁ କାର୍ଯ୍ୟ କରନ୍ତି; ଯିଏ ଇଚ୍ଛା କରେ କିମ୍ବା ଯିଏ ପରିଶ୍ରମ କରେ ସେହି ବ୍ୟକ୍ତି ନୁହେଁ, ମାତ୍ର ପରମେଶ୍ୱର ଯିଏକି ଦୟା ଦେଖାନ୍ତି ।"

ଯଦି ଯୀଶୁ ଜଗତର ପତ୍ତନାବଧି ପୂର୍ବରୁ ହତ ହୋଇଥିଲେ, ତେବେ ଏହା ଚାରି ହଜାର ବର୍ଷ ଲାଗିଲା ଏହା ପୂର୍ବେକି ତାହା ପ୍ରକୃତରେ ଘଟିଥାଆନ୍ତା । ମାତ୍ର ଯେତେବେଳେ ଏଠାରେ ପଶ୍ଚାତ ସମୟରେ ପରମେଶ୍ୱର ଏହାକୁ କହିଥିଲେ, ପରମେଶ୍ୱରଙ୍କ ପ୍ରତ୍ୟେକ ବାକ୍ୟ ଦୃଢ ଅଟେ । ଏହା ଅପରିବର୍ତ୍ତନୀୟ ଅଟେ । ଏହା ନିରପେକ୍ଷ ଅଟେ । ଏହା ବିଫଳ ହୋଇପାରେ ନାହିଁ । ଏବଂ ଯେତେବେଳେ ଜଗତର ପତ୍ତନାବଧି ପୂର୍ବରୁ ପରମେଶ୍ୱର ଆପଣା ପୁତ୍ରକୁ ବଧ କରିଥିଲେ, ସେତେବେଳେ ସେ ଠିକ ସେତିକି ଭାବରେ ହତ ହୋଇଥିଲେ ଯେତିକି ସେ କାଲଭରୀରେ ହତ ହୋଇଥିଲେ । ଯେତେବେଳେ ପରମେଶ୍ୱର ଏହା କୁହନ୍ତି, ଏହା ଏକ ସମାପ୍ତ ଉତ୍ପାଦ ଅଟେ । ଏବଂ ମନେରଖନ୍ତୁ, ଯେତେବେଳେ ସେହି ମେଷଶାବକଙ୍କୁ ବଧ କରାଗଲା, ଆପଣଙ୍କର ପରିତ୍ରାଣ ବଳିଦାନରେ ଅନ୍ତର୍ଭୁକ୍ତ ହୋଇଥିଲା, କାରଣ ବାଇବଲ କୁହେ ଯେ ଆପଣଙ୍କର ନାମ "ଜଗତର ପତ୍ତନାବଧି ପୂର୍ବରୁ ମେଷଶାବକଙ୍କ ଜୀବନ ପୁସ୍ତକରେ ଲେଖା ହୋଇଥିଲା ।"

ତାହା ବିଷୟରେ କଅଣ? ତେବେ ଆମେ କଅଣ କରିବାକୁ ଯାଉଅଛୁ? ଏହା ତ ପରମେଶ୍ୱର ଯିଏକି ଦୟା ଦେଖାନ୍ତି । ଏହା ତ ପରମେଶ୍ୱର ଯିଏକି ଆପଣଙ୍କୁ ଡାକିଥିଲେ । ଏହା ତ ପରମେଶ୍ୱର ଯିଏକି ଜଗତ ପତ୍ତନାବଧି ପୂର୍ବରୁ ଆପଣଙ୍କୁ ଖ୍ରୀଷ୍ଟଙ୍କଠାରେ ବାଛିଥିଲେ । ଯୀଶୁ କହିଲେ, "ତୁମେମାନେ କେବେବି—ତୁମେମାନେ କେବେବି ମୋତେ ବାଛି ନାହଁ । ମୁଁ ତୁମକୁ ବାଛିଅଛି । ଏବଂ ଜଗତ ପତ୍ତନାବଧି ପୂର୍ବରୁ, ମୁଁ ତୁମକୁ ଜାଣିଥିଲି ।" ଆପଣ ସେଠାରେ ଅଛନ୍ତି ।

206 ତେଣୁକରି, ଦେଖନ୍ତୁ, ତାହା ଆପଣଙ୍କଠାରୁ ଭୟକୁ ଦୂର କରି ଦିଏ । "ଓଃ, ମୁଁ ଆଶ୍ଚର୍ଯ୍ୟ କରେ ଯଦି ମୁଁ ଧରି ରଖିପାରିବି କି? ମୁଁ ଏହାକୁ ପ୍ରସ୍ତୁତ କରିବି, ପରମେଶ୍ୱର ଧନ୍ୟ ହେଉନ୍ତୁ, ଯଦି ମୁଁ କେବଳ ଧରି ରଖିପାରେ ।" ଏହା ତାହା ନୁହେଁ ଯେ ମୁଁ ଧରିଥାଏ, କି ନାହିଁ । ଏହା ତ ତାହା ଅଟେ ଯେ ସେ ଧରିଛନ୍ତି, କି ନାହିଁ । ଏହା ତ ତାହା ଅଟେ ଯାହା—ଯାହା ସେ କରିଛନ୍ତି, ମୁଁ ଯାହା କରିଅଛି ତାହା ନୁହେଁ । ଏହା ତ ତାହା ଅଟେ ଯାହା ସେ କରିଥିଲେ ।

ଯେପରିକି ମୁକ୍ତିର ନିୟମ ଅନୁଯାୟୀ । ଏହା ସେହି ସାନ ବିଷୟ ଅଟେ ଯାହା ମୁଁ ବନ୍ଦ

କରିବା ପୂର୍ବରୁ କହିବାକୁ ଚାହେଁ।

207 କଅଣ ହେବ ଯଦି ଏକ ପୁରୁଣା ମାଇ ଘୋଡା ଏକ ଛୋଟ ଖଚରକୁ ଜନ୍ମ ଦିଏ? ଏବଂ ସେହି ସାନ ଖଚରଟିର ଉଭୟ କାନ ଭାଙ୍ଗି ଯାଇଥାଏ। ତାର ଆଖି-ଗୁଡିକ ଏକ ଆରେକ ସାପେକ୍ଷ ରହିଥାଏ, ଏବଂ ଆଣ୍ଠୁ-ଯୋଡି ହୋଇଥାଏ, ଗୋଡଗୁଡିକ ଧନୁ-ପରି ବଙ୍କା ହୋଇଥାଏ। ତାର ଲାଞ୍ଜଟି ଠିକ ସିଧାସଳଖ ଆକାଶ ଆଡେ ରହିଲା ପରି ଉପରକୁ ଥାଏ। କି ଏକ ଭୟଙ୍କର-ଦେଖାଯାଉଥିବା ପଶୁଟିଏ! କାହିଁକି, କେହି ବି...ଯଦି ସେହି ସାନ ଖଚର ଏହା ଭାବିପାରିବ, କହିବ, "ତେବେ, ଗୋଟିଏ ମିନିଟ୍ ଅପେକ୍ଷା କର। ଆଜି ସକାଳେ ଯେତେବେଳେ ସେମାନେ ସେହି ଘରୁ ବାହାରି ଆସନ୍ତି, ମୁଁ ଆପଣଙ୍କୁ କହୁଛି, ମୁଁ ନିଶ୍ଚିତରେ ମୁଣ୍ଡରେ ବାଡେଇ ହୋଇଯିବି। କାରଣ, ସେମାନେ ମୋତେ କେବେ ବି ଖାଇବାକୁ ଦେଇ ନାହାଁନ୍ତି। ଦେଖନ୍ତୁ ମୁଁ କେତେ ଏକ ଭୟଙ୍କର-ଦିଶୁଥିବା ପଶୁଟିଏ ଅଟେ। ମୋ ପାଖରେ ତ ଏପରିକି ଏକ ସୁଯୋଗ ସୁଦ୍ଧା ନାହିଁ।"

208 ତେବେ, ତାହା ଠିକ୍ ଅଟେ। ଆପଣଙ୍କର ଏପରିକି ଏକ ସୁଯୋଗ ସୁଦ୍ଧା ନାହିଁ। "ତେବେ, ମୁଁ ଏହି ଜଗତରେ ଜନ୍ମ ହୋଇଥିଲି, ମାତ୍ର ଏଠାରେ ଦେଖନ୍ତୁ, ମୁଁ କେତେ ଏକ ଭୟଙ୍କର-ଦିଶୁଥିବା ପ୍ରାଣୀଟିଏ ଅଟେ। ତେଣୁ ମୋର—ମୋର—ମୋର—ମୋର କଦାପି ଏକ ସୁଯୋଗ ରହିବ ନାହିଁ। ମୁଁ ଏହାକୁ କରିପାରିବି ନାହିଁ। ମୁଁ ଏହା କରିପାରେ ନାହିଁ।" ବୁଝିଲେ?

209 ମାତ୍ର କଅଣ ହେବ ଯଦି ତାର ମାଆ ପ୍ରକୃତରେ ବ୍ୟବସ୍ଥାରେ ନିର୍ଦ୍ଦେଶିତ ହୋଇଥାଏ? ସେ କହିବ, "ପୁଅରେ, ତାହା ଠିକ୍ ଅଟେ। ତୁ ତ ଗଠନରୁ ବାହାରେ ଅବାଗିଆ ଅଟୁ, ଏବଂ ତୁ ତ ଏପରିକି ପୃଥିବୀରୁ ଭୋଜନ କରିବାକୁ ସୁଦ୍ଧା ଯୋଗ୍ୟ ନୋହୁଁ। ତାହା ଠିକ୍। ତୁ ଯୋଗ୍ୟ ନୋହୁଁ। ମାତ୍ର, ପୁଅରେ, ଯେକୌଣସି ପ୍ରକାରେ ବି, ତୁ ମୋର ପ୍ରଥମଜାତ ଅଟୁ। ଏବଂ, ତୁ ଜାଣିଛୁ, ତୁ ଏକ ଜନ୍ମସିଦ୍ଧ ଅଧିକାର ଅଧୀନରେ ଜନ୍ମ ହୋଇଅଛୁ। ଏବଂ ସେହି ଯାଜକ ତୋତେ କଦାପି ଦେଖିବ ନାହିଁ। ମାତ୍ର, ତୋର ନାମ ପାଇଁ, ସେଠାରେ ବିନା କୌଣସି ଦାଗରେ ଏକ ନିର୍ଦ୍ଦୋଷ ମେଣ୍ଢା ରହିବାକୁ ଅଛି, ଯାହାକୁ ତୋ ସ୍ଥାନରେ ମରିବାକୁ ଅଛି, ଯେପରିକି ତୁ ବଞ୍ଚିପାରୁ।"

210 ତେବେ, ସେହି ସାନ ଖଚରଟି କେବଳ ତାର ଗୋଇଠି ଉଠାଇ ମାରିପାରେ ଏବଂ ଏକ ବଡ଼ ସମୟ ପାଇପାରେ। ସେଥିରେ କୌଣସି ଫରକ୍ ପଡେ ନାହିଁ ଯେ ସେ କଅଣ ଅଟେ, କାରଣ ସେ କେବେହେଲେ ସେହି ବିଚାରପତି, ସେହି ଯାଜକ ଦ୍ଵାରା ଦେଖାଯିବ ନାହିଁ। ଏହା ତ ସେହି ମେଷଶାବକ ଅଟେ ଯାହାକୁ ସେହି ଯାଜକ ଦେଖନ୍ତି। ସେହି ଖଚର ନୁହେଁ; ସେହି ମେଷଶାବକ!

211 ଏବଂ ଏହା ଖ୍ରୀଷ୍ଟ ଅଟନ୍ତି ଯାହାକୁ ପରମେଶ୍ଵର ଦେଖନ୍ତି। ଏହା ତ ଖ୍ରୀଷ୍ଟ ଅଟନ୍ତି। ତେବେ ଯଦି ତାହାଙ୍କଠାରେ କୌଣସି ଦୋଷ ନାହିଁ, ତାହାହେଲେ ସେଠାରେ କିପରି ଦୋଷ ହୋଇପାରେ? ସେ କିପରି ଦୋଷ ଖୋଜି ପାରନ୍ତି, ଯେତେବେଳେ ଆପଣ ମୃତ ଅଟନ୍ତି ଏବଂ ଆପଣଙ୍କର ଜୀବନ ପରମେଶ୍ଵରଙ୍କ ମାଧ୍ୟମରେ, ପବିତ୍ରଆତ୍ମାଙ୍କ ଦ୍ଵାରା ମୁଦ୍ରାଙ୍କିତ

ହୋଇ ଖ୍ରୀଷ୍ଟଙ୍କଠାରେ ଲୁଚି ରହିଅଛି? "ଯେଉଁମାନେ ପରମେଶ୍ୱରଙ୍କଠାରୁ ଜାତ ହୋଇଥାନ୍ତି ସେମାନେ ପାପ କରନ୍ତି ନାହିଁ, କାରଣ ସେ ପାପ କରିପାରନ୍ତି ନାହିଁ।" ସେ କିପରି ଭାବରେ ପାପ କରିପାରେ ଯେତେବେଳେ ତାଙ୍କ ସ୍ଥାନରେ ଏକ ସିଦ୍ଧ ବଳିଦାନ ରଖା ଯାଇଅଛି? ପରମେଶ୍ୱର ମୋତେ କେବେବି ଦେଖନ୍ତି ନାହିଁ, ସେ ଖ୍ରୀଷ୍ଟଙ୍କୁ ଦେଖନ୍ତି, କାରଣ ଆମେ ଖ୍ରୀଷ୍ଟଙ୍କଠାରେ ଅଛୁ।

212 ତେବେ, ଯଦି ମୁଁ ଖ୍ରୀଷ୍ଟଙ୍କୁ ପ୍ରେମ କରେ, ମୁଁ ତାହାଙ୍କ ସହିତରେ ରହିବି। ସେ ମୋତେ କଦାପି ଭିତରକୁ ଆଣିବେ ନାହିଁ ଯଦି ସେ ମୋତେ ଜାଣି ନ ଥାଆନ୍ତି। ଯଦି ପରମେଶ୍ୱର ଆଜି ମୋତେ ଉଦ୍ଧାର କରିଥାନ୍ତି, ଏହା ଜାଣି ଯେ ସେ ଆଜିଠାରୁ ନେଇ ଛଅ ସପ୍ତାହ ପରେ ମୋତେ ହରାଇବାକୁ ଯାଉଅଛନ୍ତି, ତାହାହେଲେ ସେ ତାହାଙ୍କର ନିଜର ଉଦ୍ଦେଶ୍ୟକୁ ପରାସ୍ତ କରୁଅଛନ୍ତି। ଠିକ୍। ଯଦି ସେ ମୋତେ ଏହା ଜାଣି, ଉଦ୍ଧାର କରିଥାଆନ୍ତି, ତାହାହେଲେ ସେ ତ ଏପରିକି ଭବିଷ୍ୟତ ବିଷୟ ମଧ୍ୟ ଜାଣନ୍ତି ନାହିଁ। ତାହାହେଲେ ସେ ମୋତେ କଣ ପାଇଁ ଉଦ୍ଧାର କରିବାକୁ ଚାହିଁବେ, ଯଦି ସେ ଏହା ଜାଣିଥାଆନ୍ତି ଯେ ସେ ମୋତେ ହରାଇବାକୁ ଯାଉଅଛନ୍ତି? ପରମେଶ୍ୱର ଏପରି ଭାବରେ କାର୍ଯ୍ୟ କରନ୍ତି ନାହିଁ ଯେ ବିଷୟଗୁଡ଼ିକୁ କରିବେ, ତାହାପରେ ଆପଣା ପ୍ରତିଜ୍ଞାକୁ ରକ୍ଷା କରିବାକୁ ଯାଇ, ଏହାକୁ ଦୁଇ ସପ୍ତାହ ମଧ୍ୟରେ ଫେରାଇ ନେବେ। ଯେତେବେଳେ ସେ ଆପଣଙ୍କୁ ଉଦ୍ଧାର କରନ୍ତି, ତାହା ତ ସମୟ ଏବଂ ଅନନ୍ତତା ପାଇଁ ଅଟେ।

213 ବର୍ତ୍ତମାନ, ଆପଣ ଉତ୍ସାହିତ ହୋଇପାରନ୍ତି, ଏବଂ କହିପାରନ୍ତି, "ଓଃ, ହଁ, ପରମେଶ୍ୱର ଧନ୍ୟ ହେଉନ୍ତୁ! ହାଲ୍ଲେଲୁୟା! ମୁଁ ପରଭାଷାରେ କଥା କହିଲି। ମୁଁ ଚିତ୍କାର କଲି। ମୁଁ ତାଙ୍କୁ ପାଇଲି। ହାଲ୍ଲେଲୁୟା!" ତାହାର ଅର୍ଥ ଏହା ନୁହେଁ ଯେ ଆପଣ ଏହାକୁ ପାଇଗଲେ। ମାତ୍ର, ଭାଇ, ଯେତେବେଳେ କିଛି ଗୋଟାଏ ବିଷୟ *ଏଠାକୁ* ଆସେ, ଏବଂ ଆପଣ ଖ୍ରୀଷ୍ଟଙ୍କ ସହିତ ଲଙ୍ଗର ପକାନ୍ତି, ସେତେବେଳେ ଆତ୍ମାଙ୍କର ଫଳଗୁଡିକ ଆପଣଙ୍କୁ ଅନୁସରଣ କରେ। ଆମେମାନେ ସାକ୍ଷ୍ୟ ଦେଇଥାଉ, ଆମର ଆତ୍ମା ତାହାଙ୍କ ଆତ୍ମା ସହିତ ସାକ୍ଷ୍ୟ ଦିଏ, ଯେ ଆମେ ପରମେଶ୍ୱରଙ୍କ ପୁତ୍ର ଏବଂ କନ୍ୟା ଅଟୁ। ବନ୍ଧୁଗଣ, ଦୟାକରି ତାହା ରଖିଥାନ୍ତୁ।

214 ମୁଁ ସେହି ବିଷୟରେ କଥା କହି, ଆପଣମାନଙ୍କୁ ରାତିସାରା ଏଠାରେ ରଖିପାରିବି। ମୁଁ ଏହାକୁ ପ୍ରେମ କରେ। ମୁଁ ଆପଣମାନଙ୍କୁ ପ୍ରେମ କରେ। ମୁଁ ସମୟ ପରେ ସମୟ, ଏହି ଛୋଟ ଆରାଧନାଳୟକୁ ଫେରି ଆସିବି, ଯଦି ପରମେଶ୍ୱର ମୋ ଜୀବନକୁ ରକ୍ଷା କରିବେ। ମୁଁ ଆପଣମାନଙ୍କୁ ସେହି ପବିତ୍ର ବିଶ୍ୱାସରେ ଭିତ୍ତିମୂଳ ଏବଂ ଭିତ୍ତିଭୂମି ସ୍ଥାପିତ କରିଥିବାର ଦେଖିବାକୁ ଚାହେଁ। ମୁଁ ଆପଣମାନଙ୍କୁ ପ୍ରତ୍ୟେକ ସେହି ମତ ସିଦ୍ଧାନ୍ତର ପବନ ଦ୍ୱାରା ଇତସ୍ତତ ହୋଇ ଚାଳିତ ହେଉଥିବାର ଦେଖିବାକୁ ଚାହେଁ ନାହିଁ, ଯେ ତାହା ଆସି, ଆପଣଙ୍କୁ ଦୋହଲାଇ ଦିଏ, ଏବଂ କିଛି ଗୋଟାଏ ବିଷୟରେ ଉତ୍ତେଜିତ କରିପକାଏ, ଏବଂ ସେମାନଙ୍କ ହାତରେ ଟିକିଏ ରକ୍ତ ଥାଏ, କିମ୍ବା ମୁହଁରେ ଟିକେ ହିମ ଥାଏ, କିମ୍ବା ଅନ୍ୟ କିଛି ବିଷୟ ରହିଥାଏ, ଏବଂ ସେମାନଙ୍କ ସମ୍ମୁଖରେ କୌଣସି ପ୍ରକାରର—ର—ର ଆଲୋକ ଦେଖାଯାଏ, ଏବଂ କୌଣସି

ପ୍ରକାରର ଏକ—ଏକ ସ୍ୱାର୍ଥପର ବିଷୟ ଦେଖାଯାଏ, ଯେପରିକି ବାଇବଲ କୁହେ, "ଆପଣା ହୃଦୟରେ ଗର୍ବିତ ଥାଆନ୍ତି, ଏବଂ କିଛି ଦେଖନ୍ତି ନାହିଁ।" ତାହା ଠିକ୍। ମୁଁ ଚାହେଁ ଯେ ଆପଣ ବାକ୍ୟ ଉପରେ ଦୃଢ ଭାବରେ ରୁହନ୍ତୁ। ଯଦି ଏହା **ସଦାପ୍ରଭୁ ଏହି କଥା କୁହନ୍ତି** ବାକ୍ୟ ଅଟେ, ତାହହେଲେ ଏହା ସହିତ ଲାଗି ରୁହନ୍ତୁ, ଏହା ସହିତ ଜୀବନ ଯାପନ କରନ୍ତୁ। ତାହାହିଁ ହେଉଛି ଏହି ଦିନର ଉରିମ୍ ଥମ୍ମିମ୍। ପରମେଶ୍ୱର ଚାହାଁନ୍ତି ଯେ ଆପଣ ତାହା ଦ୍ୱାରା ଜୀବିତ ରୁହନ୍ତୁ। ଯଦି ଏହା ବାକ୍ୟରେ ନାହିଁ, ତାହାହେଲେ ଏହାକୁ ଭୁଲିଯାଆନ୍ତୁ। ପରମେଶ୍ୱରଙ୍କ ପାଇଁ ବଞ୍ଚନ୍ତୁ, ଖ୍ରୀଷ୍ଟଙ୍କ ପାଇଁ ଜୀବନ ଯାପନ କରନ୍ତୁ।

215 ଏବଂ ଯଦି ଆପଣଙ୍କର ହୃଦୟ ଏଣେ ତେଣେ ବୁଲିବାକୁ ଆରମ୍ଭ କରେ, ଆପଣ ଜାଣିଯାଆନ୍ତି ଯେ କିଛି ଗୋଟାଏ ବିଷୟ ଘଟିଅଛି, ତାହାହେଲେ ବେଦୀକୁ ଫେରିଯାଆନ୍ତୁ ଏବଂ କୁହନ୍ତୁ, "ଖ୍ରୀଷ୍ଟ, ମୋର ପରିତ୍ରାଣର ଆନନ୍ଦକୁ...ନୂତନୀକୃତ କର। ମୋତେ ମୋର ସେହି ପ୍ରେମକୁ ଫେରାଇ ଦିଅ, ଯାହା ଏକଦା ମୋ ଠାରେ ରହିଥିଲା। ପ୍ରଭୁ, ଏହା ଗଳି ଯାଉଅଛି। ଏପରି କିଛି ବିଷୟ ଅଛି ଯାହା ମୁଁ କରିଅଛି। ମୋତେ ପୁନର୍ବାର ପବିତ୍ର କରି, ଛିଡା କରାଅ। ହେ ପ୍ରଭୁ, ଏପରି କିଛି ନାହିଁ ଯାହା ମୁଁ କରିପାରେ। ମୁଁ *ଏହା* ଛାଡିପାରେ ନାହିଁ ଏବଂ *ତାହା* ଛାଡ଼ିପାରେ ନାହିଁ। ପ୍ରଭୁ, ଏହାକୁ କାଢି ନେବା ହେତୁ ମୁଁ ତୁମ ଆଡକୁ ଅନାଉଅଛି, ଏବଂ ମୁଁ ତୁମକୁ ପ୍ରେମ କରେ।"

216 ଏବଂ ସେହି ଯଜ୍ଞବେଦୀରୁ, ଖ୍ରୀଷ୍ଟ ଯୀଶୁଙ୍କଠାରେ ଜଣେ ନୂତନ ବ୍ୟକ୍ତି ହୋଇ ଚାଲିଯାଆନ୍ତୁ। ତାହାପରେ ଆପଣଙ୍କୁ ନିଜର ମଣ୍ଡଳୀ ଉପରେ ନିର୍ଭର କରିବାକୁ ପଡ଼େ ନାହିଁ, ନିଜର ଯାଜକ ଉପରେ ନିର୍ଭର କରିବାକୁ ପଡ଼େ ନାହିଁ, ନିଜର ପାଳକଙ୍କ ଉପରେ ନିର୍ଭର କରିବାକୁ ପଡ଼େ ନାହିଁ। ଆପଣ ତ ପ୍ରଭୁ ଯୀଶୁଙ୍କର ପାତିତ ରକ୍ତ ଉପରେ ନିର୍ଭର କରୁଅଛନ୍ତି। "ଅନୁଗ୍ରହ ଦ୍ୱାରା ଆପଣ ଉଦ୍ଧାର ପାଇଅଛନ୍ତି।"

ଆସନ୍ତୁ ଆମେମାନେ ପ୍ରାର୍ଥନା କରିବା।

217 ପ୍ରଭୁ, ଏପରି ଶକ୍ତିଶାଳୀ ଶିକ୍ଷାମାନ! ସମୟ ଆସିଯାଇଛି ଯେ ଏହି ସାନ ମଣ୍ଡଳୀଟି ମାଂସ ଭୋଜନ କରିପାରେ, ଏବଂ ଆଉ ଅଧିକ ବାକ୍ୟର ଦୁଗ୍ଧ ନୁହେଁ। ଆମେମାନେ ବର୍ତ୍ତମାନ ବହୁତ ଅଧିକ ସମୟ ଦୁଗ୍ଧରେ ରହି, ଶିଶୁକୁ ତାର ବୋତଲ ଦେଇ ଆସିଛୁ। ମାତ୍ର ଆମକୁ କଠିନ ମାଂସ ଭୋଜନ କରିବାକୁ ଅଛି, କାରଣ ଦିନ ପାଖେଇ ଆସୁଛି। ଅତ୍ୟନ୍ତ ବିପଦପୂର୍ଣ୍ଣ ସମୟ ସନ୍ନିକଟ ଅଟେ, ଏବଂ ମାର୍ଗରେ ଆହୁରି ଅଧିକ ସଙ୍କଟମାନ ରହିଛି। ଏବଂ ଆମେମାନେ ଜାଣୁ ଯେ ଆଉ କେବେବି ଅଧିକ ଭଲ ସମୟ ରହିବ ନାହିଁ। ଆମେମାନେ ଜାଣୁ ଯେ ଆମେ ଶେଷ ସମୟରେ ଅଛୁ। ଶାସ୍ତ୍ର ଅନୁଯାୟୀ, ଯୀଶୁଙ୍କର ଆସିବା ପର୍ଯ୍ୟନ୍ତ ସମୟ ଅଧିକରୁ ଅଧିକ ଖରାପ ହେବାରେ ଲାଗିଥିବ।

218 ଆମେମାନେ ସେମାନଙ୍କୁ ଏହି ଜୀବନରେ କିଛି ହେଲେ ପ୍ରତିଜ୍ଞା କରିପାରିବା ନାହିଁ। ମାତ୍ର ଆଗାମୀ ଜୀବନରେ, ଆମେମାନେ ସେମାନଙ୍କୁ ତୁମ ବାକ୍ୟ ମାଧ୍ୟମରେ ଅନନ୍ତ

ଜୀବନର ପ୍ରତିଜ୍ଞା କରିପାରୁ, ଯଦି ସେମାନେ ପରମେଶ୍ୱରଙ୍କ ପୁତ୍ରଙ୍କ ଉପରେ ବିଶ୍ୱାସ କରିବେ ଏବଂ ତାହାଙ୍କୁ ନିଜର ପାପର ପ୍ରାୟଶ୍ଚିତ ଭାବରେ ଗ୍ରହଣ କରିବେ, ଏପରି ଜଣକା ଯିଏକି ସେମାନଙ୍କ ସ୍ଥାନରେ ଛିଡା ହୋଇଥିଲେ, ଏପରି ଜଣକା ଯିଏକି ସେମାନଙ୍କର ପାପକୁ ବହନ କରି ନେଇଥିଲେ। ଏହାକୁ ବର୍ତ୍ତମାନ ପ୍ରଦାନ କର।

219 ଏହା ହେଉ ଯେ ଅବିଶ୍ୱାସୀମାନେ ବିଶ୍ୱାସୀ ହୋଇଯାଆନ୍ତୁ। ଏହା ହେଉ ଯେ ମଣ୍ଡଳୀର ପ୍ରଚାରକମାନେ, ଆଜି ରାତି ଏଠାରେ, ଯେଉଁମାନେକି ଧର୍ମକୁ ଅଙ୍ଗୀକାର କରିଅଛନ୍ତି ଏବଂ କେବଳ ମଣ୍ଡଳୀରେ ଜୀବନ ଯାପନ କରୁଅଛନ୍ତି, ସେମାନେ ପରମେଶ୍ୱରଙ୍କ ସହିତ ଏକ ଅଭିଜ୍ଞତାକୁ ଗ୍ରହଣ କରନ୍ତୁ; ଯେ ଏପରି ଏକ ପ୍ରେମ ସେମାନଙ୍କ ହୃଦୟରେ ଆସୁ ଯେ ସେମାନେ ନିଜ ପାପ ପାଇଁ କାନ୍ଦିବେ, ନିଜ ପ୍ରତି ମୃତ ହୋଇଯିବେ, ଏବଂ ପବିତ୍ରଆତ୍ମାଙ୍କ ଦ୍ୱାରା ନୂତନ ଭାବେ ଜନ୍ମଗ୍ରହଣ କରିବେ, ଏବଂ ନମ୍ର ଏବଂ ଦୟାଳୁ, ସ୍ନେହୀ ହେବେ, ଏବଂ ଆନନ୍ଦ ଓ ଆଶୀର୍ବାଦରେ ପରିପୂର୍ଣ୍ଣ ହୋଇଯିବେ। ଏପରି ଏକ ଜୀବନ ଯାପନ କରିବେ, ଯେପର୍ଯ୍ୟନ୍ତକି ସେମାନେ ଏତେ ଲବଣଯୁକ୍ତ ହେବେ ଯେ ସେମାନେ ନିଜ ଆଖପାଖରେ ଥିବା ଲୋକମାନଙ୍କୁ, ସେମାନଙ୍କ ପରି ତୃଷିତ ହେବାକୁ ପ୍ରବର୍ତ୍ତାଇବେ। ପ୍ରଭୁ, ଏହାକୁ ପ୍ରଦାନ କର, କାରଣ ଆମେମାନେ ଏହାକୁ ତାହାଙ୍କ ନାମରେ ଏହା ମାଗୁଅଛୁ।

ଏବଂ ନିଜର ମସ୍ତକଗୁଡିକୁ ନତ କରି।

220 ମୁଁ ଆଶ୍ଚର୍ଯ୍ୟ କରେ, ଆଜି ରାତିରେ, ଯଦି ଏଠାରେ ଏପରି କେହି ଜଣେ ଥିବେ, ଯିଏକି କହିବେ, "ଭାଇ ବ୍ରାନହାମ୍, ଯଦି ମୋତେ ସେହି ସମୟରେ ପରମେଶ୍ୱରଙ୍କ ନିକିତିରେ ତୌଲା ଯାଇଥାଆନ୍ତା, ତେବେ ମୁଁ କେବେ ହେଲେ, କେବେବି, କଦାପି ସେହି ଯୋଗ୍ୟତାକୁ ହାସଲ କରିବାରେ ଯୋଗ୍ୟ ହୋଇ ନ ଥାଆନ୍ତି ଯାହା ବିଷୟରେ ଆଜି ରାତି ଆପଣ କହୁଛନ୍ତି। ମୁଁ ଚାହେଁ ଯେ ଆପଣ ମୋତେ ପ୍ରାର୍ଥନାରେ ସ୍ମରଣ କରନ୍ତୁ, ଯେପରିକି ମୁଁ ମୋର ମାର୍ଗଗୁଡିକୁ ପରିବର୍ତ୍ତନ କରିବି, ଏବଂ ପରମେଶ୍ୱର ଭିତରକୁ ଆସିବେ ଏବଂ ଏହି ନିର୍ବୋଧତାକୁ ମୋଠାରୁ ବାହାର କରି ମୋତେ ଏକ ପ୍ରକୃତ ଖ୍ରୀଷ୍ଟିଆନ କରିବେ"? କଅଣ ଆପଣମାନେ ପ୍ରାର୍ଥନା ପାଇଁ ନିଜର ହାତକୁ ଉଠାଇବେ କି, ଯେପରିକି ଆପଣ, ଯଦି ଆପଣମାନେ ଚାହାଁନ୍ତି? ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ପରମେଶ୍ୱର ଆପଣଙ୍କୁ ପଛରେ, ଆଶୀର୍ବାଦ କରନ୍ତୁ। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ମହାଶୟ। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭାଇ। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭଉଣୀ।

ପବିତ୍ର, ପବିତ୍ର, ପବିତ୍ର, ସୈନ୍ୟାଧିପତି ସଦାପ୍ରଭୁ।
ସ୍ୱର୍ଗ ଓ ପୃଥିବୀ ତୁମ୍ଭ ବିଷୟରେ ପରିପୂର୍ଣ୍ଣ ଅଟେ,
ସ୍ୱର୍ଗ ଓ ପୃଥିବୀ ତୁମକୁ ପ୍ରଶଂସା କରୁଅଛନ୍ତି,
ହେ ସର୍ବୋପରିସ୍ଥ ପ୍ରଭୁ।

ପବିତ୍ର…

221 ବର୍ତ୍ତମାନ ଯେତେବେଳେ ଆପଣମାନେ ପ୍ରାର୍ଥନା କରୁଥିବା ସମୟରେ, ଚିନ୍ତା କରୁଥାଆନ୍ତି, ଯେପରିକି ଆପଣ ଏହି ବିଷୟରେ ଭୁଲ୍ ଅଟନ୍ତି ବୋଲି ସମ୍ପୂର୍ଣ୍ଣ ଭାବେ ଆଶ୍ୱସ୍ତ ଅନୁଭବ କରୁଥାଆନ୍ତି, ଏବଂ ଆପଣ ଠିକ୍ ହେବାକୁ ଚାହାଁନ୍ତି, କଅଣ ଆପଣ କେବଳ ନିଜର ହାତକୁ ଉଠାଇ କହିବେ, କି, "ହେ ପରମେଶ୍ୱର, ମୋତେ ସେହିପରି କର ଯେପରି ମୋତେ ହେବା ଉଚିତ୍"? ହେ ସାନ ମହିଳା, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ। "ହେ ପରମେଶ୍ୱର, ମୋତେ ସେହିପରି କର ଯେପରି ମୋତେ ହେବା ଉଚିତ୍।" ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ହେ ଭାଇ, ହେ ଭଉଣୀ, ଆପଣ, ଆପଣ, ଆପଣ ଯେଉଁମାନେକି *ଏଠାରେ* ଅଛନ୍ତି।

222 ଦିନ ଶେଷ ହେଉଅଛି। ବନ୍ଧୁଗଣ, ମୁଁ ଜାଣେ ଯେ ଏହା କଷ୍ଟକର, କିନ୍ତୁ ଏହା ବର୍ତ୍ତମାନ ସତ୍ୟ ଜାଣିବାଟା ଉତ୍ତମ। ତେବେ ନୀରବ ଭାବେ ପ୍ରାର୍ଥନା କରନ୍ତୁ।

ପବିତ୍ର, ପବିତ୍ର, ପବିତ୍ର, ପ୍ରଭୁ ପରମେଶ୍ୱର…

ଏକମାତ୍ର, ସେ ହିଁ ପବିତ୍ର ଅଟନ୍ତି।

…ତୁମ୍ଭ ବିଷୟରେ ପରିପୂର୍ଣ୍ଣ,
ସ୍ୱର୍ଗ ଓ ପୃଥିବୀ ତୁମକୁ ପ୍ରଶଂସା କରୁଅଛନ୍ତି,
ହେ ସର୍ବୋପରିସ୍ଥ ପ୍ରଭୁ।

223 ସ୍ୱର୍ଗୀୟ ପିତା, ସନ୍ଧ୍ୟା ସମୟରେ ଯେତେବେଳେକି ସୂର୍ଯ୍ୟ ଅସ୍ତ ହୋଇଥାଏ, ରୋବିନ୍ ପକ୍ଷୀମାନେ ନିଜ ପ୍ରିୟଜନଙ୍କ ସହିତ ଗଛରେ ଏକାଠି ହୋଇଥାଆନ୍ତି। ପକ୍ଷୀମାନେ ସମସ୍ତେ ନିଜ ବସାକୁ ଯାଆନ୍ତି। କପୋତମାନେ ତାରଗୁଡ଼ିକ ଉପରେ, ଉଚ୍ଚରେ ଉଡିଥାନ୍ତି, ଯେପରିକି ସାପମାନେ ରାତିସାରା ସେମାନଙ୍କୁ ହଇରାଣ ନ କରନ୍ତି। ସେମାନେ ସେଠାରେ ବସି ଜଣେ ଅନ୍ୟ ପ୍ରତି ପରସ୍ପରକୁ ପ୍ରେମାଳାପ କରନ୍ତି ଯେପର୍ଯ୍ୟନ୍ତକି ସେମାନେ ଶୋଇବାକୁ ନ ଯାଆନ୍ତି। ଶେଷରେ ସୂର୍ଯ୍ୟ ଅସ୍ତ ହୋଇଯାଏ।

224 କୌଣସି ଦିନେ ଆମେମାନେ ସେହି ଘଟିକା ନିକଟକୁ ଆସୁଅଛୁ। ସୂର୍ଯ୍ୟାସ୍ତ ହେବାକୁ ଯାଉଅଛି। ପ୍ରଭୁ, ଏହା କେବେ ମୁଁ ଜାଣେ ନାହିଁ। ମାତ୍ର ଆଜି ରାତିରେ ଏଠାରେ କିଛି ଲୋକମାନେ ଅଛନ୍ତି ଯେଉଁମାନେକି ସୁନିଶ୍ଚିତ ଅଟନ୍ତି ଯେ ସେମାନେ ଭୁଲ୍ କରିଛନ୍ତି, ଏବଂ ସେମାନେ ସେହି ସ୍ଥାନକୁ ଆସିବାକୁ ଚାହାଁନ୍ତି, ଯେପରିକି ଲିଙ୍କନ୍ ମୃତ୍ୟୁବରଣ କରୁଥିବାବେଳେ ଏହା ନିକଟକୁ ଆସିଥିଲେ, କହିଥିଲେ, "ମୋ ମୁହଁକୁ ଅସ୍ତ ହେଉଥିବା ସୂର୍ଯ୍ୟ ଆଡକୁ କରି ଦିଅ।" ଏବଂ ସେ କହିବାକୁ ଲାଗିଲେ, "ହେ ଆମ୍ଭର ସ୍ୱର୍ଗସ୍ଥ ପିତା।"

225 ଯେପରିକି ପୁରାତନ ସମୟର ମୁଡି କହିଥିଲେ, "କଅଣ ଏହା ମୃତ୍ୟୁ ଅଟେ କି? ଏହା ତ ମୋର ମୁକୁଟାଭିଷେକର ଦିନ ଅଟେ।"

226 ହେ ଅନନ୍ତଜୀବୀ, ସେମାନଙ୍କୁ ବର୍ତ୍ତମାନ ହିଁ ବିଶ୍ୱାସରେ, ଗ୍ରହଣ କର, ଯେତେବେଳେକି ସେମାନେ ସେଠାରେ ନିଜ ଆସନରେ ବସିଅଛନ୍ତି। ତୁମେ ସେହି ଆସନରେ, ସେମାନଙ୍କ ହୃଦୟକୁ ଆଘାତ କରିଛ। ତାହା ସେମାନଙ୍କର ଯଜ୍ଞବେଦୀ ଅଟେ। ଏହା ତୁମ ପାଇଁ ସେମାନଙ୍କୁ ଗ୍ରହଣ କରିବାର ସମୟ ଅଟେ, ଠିକ ବର୍ତ୍ତମାନ ହିଁ। ତୁମେ କହିଛ, "ଯିଏ ମୋ ପାଖକୁ ଆସେ, ମୁଁ ତାହାକୁ କୌଣସି ପ୍ରକାରେ ବାହାର କରିଦେବି ନାହିଁ।"

227 ଏବଂ କୌଣସି ଏକ ଦିନେ ଯେତେବେଳେ ସୂର୍ଯ୍ୟ ଅସ୍ତ ହେଉଥିବ, ପତ୍ନୀ କିମ୍ବା ସ୍ୱାମୀ ବିଛଣା ପାଖରେ ଛିଡା ହୋଇଥିବେ, ଡାକ୍ତରମାନେ ଚାଲି ଯାଇଥିବେ। ହେ ପବିତ୍ର, ପବିତ୍ର, ସେହି ସୁନ୍ଦର, ମଧୁର ନୀରବତା, ଠିକ୍ ସୂର୍ଯ୍ୟ ଅସ୍ତ ହେବାର ପୂର୍ବରୁ। ଯେତେବେଳେକି, ଆମେମାନେ ଉଠି ଏହା କହିପାରିବା:

ସୂର୍ଯ୍ୟାସ୍ତ ଏବଂ ସନ୍ଧ୍ୟାକାଳୀନ ତାରା,<br>
ଏବଂ ମୋ ପାଇଁ ଏକ ସ୍ପଷ୍ଟ ଆହ୍ୱାନ!<br>
ଏବଂ ସେହି ଦଣ୍ଡରେ ତାହା କୌଣସି କ୍ରନ୍ଦନ ନ ହେଉ,<br>
ଯେତେବେଳେ ମୁଁ ସମୁଦ୍ରକୁ ବାହାରିଯାଏ।

228 ହେ ପରମେଶ୍ୱର, ଏହି ଘଟିକାରେ ସେମାନଙ୍କୁ ତାହା ପ୍ରଦାନ କର ଯେତେବେଳେ ସେମାନେ ଅପେକ୍ଷା କରନ୍ତି, ପରମେଶ୍ୱରଙ୍କ ଆଶୀର୍ବାଦକୁ ସେମାନଙ୍କ ଉପରେ ଆସିବା ନିମନ୍ତେ ଅପେକ୍ଷା କରୁଥାଆନ୍ତି। ସମସ୍ତ କ୍ରୋଧକୁ, ଜଗତର ସମଗ୍ର ବିଷୟକୁ, ସେମାନଙ୍କଠାରୁ ବାହାର କରି ଦିଅ, ଏବଂ ସେମାନଙ୍କ ମଧ୍ୟରେ ଏକ ନୂତନ ହୃଦୟ ସୃଷ୍ଟି କର। ତୁମେ କହିଛ, "ମୁଁ ପୁରୁଣା ହୃଦୟକୁ କାଢି ପକାଇବି, ଏବଂ ଏକ ମାଂସମୟ ହୃଦୟକୁ ଭିତରେ ରଖିବି। ଏବଂ ମୁଁ ମୋର ଆତ୍ମାକୁ ସେହି ହୃଦୟ ଭିତରେ ରଖିବି, ଏବଂ ସେମାନେ ମୋର ନିୟମବିଧିରେ ଗମନାଗମନ କରିବେ ଏବଂ ମୋର ଆଜ୍ଞାସକଳ ପାଳନ କରିବେ।" କାରଣ, ଏହା ପ୍ରେମର ଏକ ନିୟମ ଅଟେ, ପୁଣି କର୍ତ୍ତବ୍ୟର ନୁହେଁ। ଏହା ତ ପ୍ରେମର ଅଟେ। ଏବଂ ପ୍ରେମ ଆମକୁ ତାହା କରିବାକୁ ବାଧ୍ୟ କରେ। ଏହା ପ୍ରେମର ଏକ କର୍ତ୍ତବ୍ୟ ଅଟେ, ଯେ ଆମକୁ ବାଧ୍ୟ କରେ। ଏହା ଆମର କର୍ତ୍ତବ୍ୟ ଅଟେ ଯେ ପ୍ରେମକୁ ଅନୁସରଣ କରୁ। ଏବଂ ହେ ପରମେଶ୍ୱର, ମୁଁ ପ୍ରାର୍ଥନା କରେ, ଯେ ତୁମେ ଏହାକୁ ପ୍ରତ୍ୟେକ ସେହି ହୃଦୟକୁ ପ୍ରଦାନ କରିବ ଯେଉଁମାନେ ଆଜି ରାତି ସେମାନଙ୍କର ହାତକୁ ଉଠାଇ ଅଛନ୍ତି।

229 ଏବଂ ସେମାନେ ଯେଉଁମାନେକି ନିଜର ହାତକୁ ଉଠାଇ ନ ଥିଲେ, ଏହା ହେଉ ଯେ ସେମାନେ ବର୍ତ୍ତମାନ, ଅନୁଗ୍ରହରେ, ସେମାନଙ୍କର ହାତକୁ ଉଠାନ୍ତୁ ଯେ ତୁମକୁ ଗ୍ରହଣ କରନ୍ତି, ଏବଂ ଏହି ନମ୍ର, ମଧୁର, ଶାନ୍ତ, ବିନମ୍ର ଉପାୟରେ ତୁମର ଆତ୍ମାରେ ପରିପୂର୍ଣ୍ଣ ହୁଅନ୍ତି; ଏବଂ ଅନୁଗ୍ରହରେ ପରିପୂର୍ଣ୍ଣ ହୋଇ, ଏକ ପରିବର୍ତ୍ତିତ ବ୍ୟକ୍ତି ଭାବରେ ଏଠାରୁ ବାହାରକୁ ଯାଆନ୍ତି। ହେ ସର୍ବୋପରିସ୍ଥ ପ୍ରଭୁ, ଏହି ଘଟିକା ପରେ, କିପରି ଯେ ପକ୍ଷୀମାନେ ଭିନ୍ନ ଗୀତ ଗାନ କରିବେ, କିପରି ଯେ ସମସ୍ତେ ଅଲଗା ହେବେ।

ପବିତ୍ର, ପବିତ୍ର, ପବିତ୍ର, ପୃଥିବୀର ପ୍ରଭୁ ପରମେଶ୍ୱର ।
ସ୍ୱର୍ଗ ଓ ପୃଥିବୀ ତୁମ୍ଭ ବିଷୟରେ ପରିପୂର୍ଣ୍ଣ ଅଟେ,
ସ୍ୱର୍ଗ ଓ ପୃଥିବୀ ତୁମକୁ ପ୍ରଶଂସା କରୁଅଛନ୍ତି,
ହେ ସର୍ବୋପରିସ୍ଥ ପ୍ରଭୁ ।

230 ବର୍ତ୍ତମାନ ଆପଣମାନେ ଯେଉଁମାନେକି ନିଜର ମସ୍ତକଗୁଡ଼ିକୁ ନତ କରିଅଛନ୍ତି, ଆପଣମାନେ ଯେଉଁମାନେକି ପ୍ରାର୍ଥନାରେ ସ୍ମରଣ କରାଯାଉ ବୋଲି ନିଜର ହାତ ଉଠାଇ ଅଛନ୍ତି, କଅଣ ଆପଣମାନେ ଏହା ଅନୁଭବ କରୁଛନ୍ତି ଯେ ପରମେଶ୍ୱର ଆପଣଙ୍କ ସହିତ ବର୍ତ୍ତମାନ ଏପରି ଭାବରେ କଥା ହୋଇଛନ୍ତି, ଭାବନା ଦ୍ୱାରା ନୁହେଁ, ମାତ୍ର ଆପଣଙ୍କ ଭିତରେ ଏପରି କିଛି ଗୋଟାଏ ଅଛି, ଯାହାକି ଆପଣ ଅନୁଭବ କରନ୍ତି ଯେ ପରମେଶ୍ୱର ଆପଣଙ୍କୁ ଅନନ୍ତ ଜୀବନ ଦେଇଅଛନ୍ତି? କଅଣ ଆପଣ ଏପରି ଅନୁଭବ କରୁଛନ୍ତି ଯେ ଆପଣ ଆଜି ରାତିରେ ଜଣେ ଭିନ୍ନ ବ୍ୟକ୍ତି ଭାବରେ ମଣ୍ଡଳୀରୁ ବାହାରିବାକୁ ଯାଉଅଛନ୍ତି? କଅଣ ଆପଣ ଆଜି ରାତି ପୁଣି ଥରେ ନିଜର ହାତକୁ ଉଠାଇବେ କି? ହେ ପୁଅ, ପରମେଶ୍ୱର ତୁମକୁ ଆଶୀର୍ବାଦ କରନ୍ତୁ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭାଇ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭଉଣୀ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ତାହା ଠିକ୍ । "ମୁଁ ଆଜି ରାତି, ଏହି ଗୀର୍ଜାରୁ, ଜଣେ ନୂତନ ବ୍ୟକ୍ତି ଭାବରେ ବାହାରି ଯିବି ।" ପରମେଶ୍ୱରଙ୍କ ରାଜ୍ୟରେ ନବଜାତ ଶିଶୁମାନ ।

231 କଅଣ ଘଟିତ ହେଲା? ମୁଁ ଜାଣେ ଯେ ଏହା ଏକ ଆଦେଶ ଅଟେ ଯେ ବେଦୀ ନିକଟକୁ ଆସନ୍ତୁ । ମୋର କହିବାର ଅର୍ଥ, ତାହା ହେଉଛି ଏକ ମେଥୋଡିଷ୍ଟ ବେଦୀ, ଏକ ମେଥୋଡିଷ୍ଟ କ୍ରମ । ଏହା ଜନ୍ ୱେସଲିଙ୍କ ସମୟରେ, ମେଥୋଡିଷ୍ଟ ମଣ୍ଡଳୀରେ ପ୍ରତିଷ୍ଠା କରାଯାଇଥିଲା । ଏହା କେବେବି ବାଇବଲ ଦିନରେ ନ ଥିଲା । "ଯେତେ ଲୋକ ବିଶ୍ୱାସ କଲେ ମଣ୍ଡଳୀରେ ଯୋଗ କରାଗଲେ ।" ଆପଣ ଯେଉଁଠାରେ ବି ଅଛନ୍ତି ଆପଣ ବିଶ୍ୱାସ କରିପାରନ୍ତି, ବାହାରେ କ୍ଷେତରେ, ବାହାରେ ଏକ ରାସ୍ତାରେ, ଯେକୌଣସି ସ୍ଥାନରେ ବି । ଯେକୌଣସି ଠାରେ, ଏହା କୌଣସି ଫରକ ପଡ଼େ ନାହିଁ, ଠିକ ଯେପରିକି ଯେତେବେଳେ ଆପଣ ଖ୍ରୀଷ୍ଟଙ୍କୁ ନିଜର ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରନ୍ତି । ଏହା ତ ପବିତ୍ରଆତ୍ମାଙ୍କର ଏକ କାର୍ଯ୍ୟ ଅଟେ ଯାହାକି ଆପଣଙ୍କ ହୃଦୟ ଭିତରକୁ ଆସେ । ଯେତେବେଳେ ଆପଣ ତାହାଙ୍କୁ ବିଶ୍ୱାସ କରନ୍ତି, ତାହାଙ୍କୁ ଗ୍ରହଣ କରନ୍ତି, ସେତେବେଳେ ଆପଣ ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରନ୍ତି, ଏବଂ ଆପଣ ଖ୍ରୀଷ୍ଟ ଯୀଶୁଙ୍କଠାରେ ନୂତନ ଜୀବ ହୋଇଯାଆନ୍ତି ।

ହେ ବିନମ୍ର ତ୍ରାଣକର୍ତ୍ତା, ମୋତେ ଅତିକ୍ରମ କରି ଯାଅ ନାହିଁ,

ତେବେ ନିଜ ପାଦରେ ଛିଡା ହୋଇଯାଆନ୍ତୁ ।

…ମୋର ବିନମ୍ର ନିବେଦନ;
ଯେତେବେଳେକି ତୁମେ ଅନ୍ୟମାନଙ୍କୁ ଆହ୍ୱାନ କରୁଅଛ,

ମୋତେ ଅତିକ୍ରମ କରି ଯାଅ ନାହିଁ।

232 ତେବେ ମୁଁ ଚାହେଁ ଯେ ସେହି ଯୁବା ଲୋକ ଏବଂ ସେହି ମହିଳା, ଯାହାକୁ ମୁଁ ତାଙ୍କର ପତ୍ନୀ ବୋଲି ଅନୁମାନ କରେ, ଯିଏକି ତାଙ୍କର ହାତକୁ ଉଠାଇଥିଲେ, ମୁଁ ଚାହେଁ ଯେ ଆପଣମାନେ ପୁନର୍ବାର ସେଠାରେ ପଛରେ ନିଜର ହାତକୁ ଉଠାନ୍ତୁ; ପୁଅ, ଯିଏକି ନାଲି ରଙ୍ଗର କୋଟ ପିନ୍ଧିଛନ୍ତି, ଏବଂ ସେହି ମହିଳାଜଣକ, ଯେ ସେମାନେ ଖ୍ରୀଷ୍ଟଙ୍କୁ ସେମାନଙ୍କର ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କଲେ। ଏଠାରେ ଏକ ଚକଲଗା ଚୌକିରେ ବସିଥିବା ସେହି ଯୁବା ଲୋକ, ଖ୍ରୀଷ୍ଟଙ୍କୁ ତାଙ୍କର ତ୍ରାଣକର୍ତ୍ତା ଭାବରେ ଗ୍ରହଣ କଲେ, ଏହା ଅନୁଭବ କଲେ ଯେ ପରମେଶ୍ୱର ତାଙ୍କୁ ଉଦ୍ଧାର କରିଛନ୍ତି। ଏବଂ ଅନ୍ୟମାନେ ସମସ୍ତେ ଯେଉଁମାନେକି ସେଠାରେ ପଛରେ ନିଜର ହାତକୁ ଉଠାଇଥିଲେ, ପୁନର୍ବାର ସେମାନଙ୍କର ହାତକୁ ଉଠାନ୍ତୁ ଯେପରିକି ଲୋକମାନେ ଚାରିଆଡ଼େ ଦେଖିପାରନ୍ତି, ଆପଣଙ୍କ ସହ ସହଭାଗୀତା କରିପାରନ୍ତି।

233 ସେମାନଙ୍କ ପାଖରେ ଛିଡା ହୋଇଥିବା, ଆଖପାଖରେ କାହାରି ସହିତ, ସେମାନେ ନିଜର ହାତକୁ ମିଶାନ୍ତୁ। କୁହନ୍ତୁ, “ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ମୋ ଭାଇ, ମୋ ଭଉଣୀ, ପରମେଶ୍ୱରଙ୍କ ରାଜ୍ୟରେ ସ୍ୱାଗତ ଅଛି।” ସହଭାଗୀତା, ତାହା ହିଁ ଅଟେ ଯାହାକି ଆମେମାନେ ଚାହୁଁ। ପରମେଶ୍ୱର ଆଶୀର୍ବାଦ କରନ୍ତୁ…ଏଠାରେ ସେହି ଚୌକିରେ ବସିଥିବା ଏହି ଯୁବା ଲୋକ ସହିତ ହାତ ମିଶାନ୍ତୁ। ପ୍ରଭୁ ତାଙ୍କ ସହିତରେ ରୁହନ୍ତୁ। ତାହା ଠିକ୍। ଆମେ ଆପଣମାନଙ୍କୁ ପବିତ୍ରଆତ୍ମାଙ୍କ ସହଭାଗୀତା ମଧ୍ୟକୁ ସ୍ୱାଗତ କରୁଅଛୁ।

234 ଯଦି ଆପଣ ଏପର୍ଯ୍ୟନ୍ତ ବାପ୍ତିଜିତ ହୋଇନାହାଁନ୍ତି, ଏବଂ ବାପ୍ତିଜିତ ହେବାକୁ ଇଚ୍ଛା କରନ୍ତି, ତାହାହେଲେ ଉପରକୁ ଆସନ୍ତୁ ଏବଂ ପାଳକଙ୍କୁ ଏହା ବିଷୟରେ କୁହନ୍ତୁ। ଆଜିରାତି, ଯଦି ଆପଣ ବାପ୍ତିଜିତ ହେବାକୁ ଚାହାଁନ୍ତି, ତେବେ ଏଠାରେ ପୁଷ୍କରିଣୀରେ ଜଳ ମଧ୍ୟ ଅଛି। ସବୁକିଛି ପ୍ରସ୍ତୁତ ଅଟେ। (କଅଣ ଆପଣଙ୍କର ଏହା ବ୍ୟତୀତ, କୌଣସି ପ୍ରକାରେ ବାପ୍ତିସ୍ମ ହୋଇଅଛି କି?) ମାତ୍ର ପୁଷ୍କରିଣୀ ପ୍ରସ୍ତୁତ ଅଟେ, ଯଦି କେହି ବାପ୍ତିଜିତ ହେବାକୁ ଚାହାଁନ୍ତି। ବାଇବଲ କୁହେ, “ତୁମେମାନେ ପ୍ରତ୍ୟେକ ଜଣ, ମନଫେରଣ କର, ଏବଂ ନିଜ ନିଜର ପାପର କ୍ଷମା ନିମନ୍ତେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅ, ତାହାହେଲେ ତୁମେମାନେ ପବିତ୍ରଆତ୍ମାଙ୍କର ଦାନ ପ୍ରାପ୍ତ ହେବ। କାରଣ ଏହି ପ୍ରତିଜ୍ଞା ତୁମ ପାଇଁ ଏବଂ ତୁମର ସନ୍ତାନସଂତତିଙ୍କ ପାଇଁ, ପୁଣି ଦୂରବର୍ତ୍ତୀ ଯେତେ ଲୋକ, ଯେଉଁମାନଙ୍କୁ ପ୍ରଭୁ ଆମ ପରମେଶ୍ୱର ଆହ୍ୱାନ କରିବେ ତାହାଙ୍କ ପାଇଁ ଅଟେ।”

235 କଅଣ ଆପଣ ତାହାଙ୍କୁ ପ୍ରେମ କରନ୍ତି? ନିଜର ହାତ ଉଠାନ୍ତୁ। ଓଃ, କଅଣ ସେ ଅଦ୍ଭୁତ ନୁହଁନ୍ତି କି? ଆପଣମାନେ ଏବ୍ରୀର ଏହି ପୁସ୍ତକକୁ କିପରି ଭାବରେ ଉପଭୋଗ କଲେ? କଅଣ ଆପଣମାନେ ଏହାକୁ ପ୍ରେମ କରନ୍ତି? [ମଣ୍ଡଳୀ କୁହନ୍ତି, “ଆମେନ୍।”—ସମ୍ପା।] ହଁ। ଅଦ୍ଭୁତ। ତେବେ, ଏହା ସଂଶୋଧନ ଅଟେ। ଓଃ, ଏହା କଠୋର ଏବଂ ଏହା ସିଧାସଳଖ ଅଟେ, ମାତ୍ର ଆମେ ତାହା ଭଲପାଉ। ଆମେ ଏହାକୁ ସେହି ଉପାୟରେ ହିଁ ଗ୍ରହଣ କରିବାକୁ ଚାହୁଁ। ଏହାକୁ

ଅନ୍ୟ କୌଣସି ଉପାୟରେ ନୁହେଁ ।

236 ତେବେ, କଅଣ ଆପଣମାନେ ବିଶ୍ୱାସ କରନ୍ତି ଯେ ପାଉଲଙ୍କ ପାଖରେ ଏହାକୁ ସେହିପରି ଭାବରେ ପ୍ରଚାର କରିବାର ଏକ ଅଧିକାର ରହିଥିଲା? ପାଉଲ କହିଲେ, "ଯଦି ଜଣେ ସ୍ୱର୍ଗଦୂତ ସୁଦ୍ଧା ଆସି ଅନ୍ୟ କୌଣସି ସୁସମାଚାର ପ୍ରଚାର କରନ୍ତି, ତେବେ ସେ ଅଭିଶପ୍ତ ହେଉନ୍ତୁ ।" କଅଣ ତାହା ଠିକ୍ ଅଟେ? ତେଣୁକରି ଆମେ ତାହାଙ୍କୁ ଆମର ସମସ୍ତ ହୃଦୟ ସହିତରେ ପ୍ରେମ କରୁ ।

237 ବର୍ତ୍ତମାନ ମୁଁ ପାଳକଙ୍କୁ ଅଳ୍ପ କିଛି ସମୟ ପାଇଁ ଏଠାକୁ ଆସିବାକୁ ନିବେଦନ କରୁଛି, ଆମର ଅତି ମୂଲ୍ୟବାନ ଭାଇ, ଭାଇ ନେଭିଲ୍, ଏବଂ ସେ ଆପଣମାନଙ୍କୁ କିଛି ଶବ୍ଦ କହିବେ । ଏବଂ ବର୍ତ୍ତମାନ, ଯଦି ପ୍ରଭୁ ଇଚ୍ଛା କରନ୍ତି, ତେବେ ଆମେମାନେ ଆପଣମାନଙ୍କୁ ବୁଧବାର ରାତିରେ ଦେଖା କରିବା, ଏବଂ ଏକ ମାଣ୍ଡଳୀକ ରାତି ପାଇଁ ଭାଇ ଗ୍ରାହାମ୍ ସ୍ନେଲିଙ୍ଗଙ୍କ ସଭାକୁ ଯିବା ବିଷୟରେ ବ୍ୟବସ୍ଥା କରନ୍ତୁ । ଏବଂ ତାହାପରେ ଆସନ୍ତା ବୁଧବାର ରାତି ଏଠାରେ ପ୍ରଚାର କରିବା ହେତୁ 7ମ ଏବଂ 8ମ ପର୍ବ, ସହିତ ଜାରି ରଖିବା । ଭାଇ ନେଭିଲ୍ ।

57-0915E ଏବ୍ରୀ, ଅଧ୍ୟାୟ ସାତ #1

ବ୍ରାନ୍‌ହାମ୍ ଟାବର୍ନେକଲ

ଜେଫର୍ସନ୍‌ଭିଲେ, ଇଣ୍ଡିୟାନା ୟୁ.ଏସ୍.ଏ.

ORIYA

©2024 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE

19 (NEW NO: 28) SHENOY ROAD, NUNGAMBAKKAM

CHENNAI 600 034, INDIA

044 28274560 • 044 28251791

india@vgroffice.org

VOICE OF GOD RECORDINGS

P.O. BOX 950, JEFFERSONVILLE, INDIANA 47131 U.S.A.

www.branham.org

## ପ୍ରତିଲିପ୍ୟାଧିକାର ସୂଚନା

ସମସ୍ତ ଅଧିକାର ସୁରକ୍ଷିତ ଅଟେ। ଏହି ପୁସ୍ତକଟି ବ୍ୟକ୍ତିଗତ ବ୍ୟବହାର ନିମନ୍ତେ ଗୃହ ପ୍ରିଣ୍ଟରରେ ଛପା ଯାଇପାରେ କିମ୍ବା ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାରର ପ୍ରଚାର ନିମନ୍ତେ ଏକ ଉପକରଣ ଭାବରେ, ମାଗଣାରେ, ଦିଆ ଯାଇପାରେ। ଏହି ପୁସ୍ତକଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ® ର ପ୍ରକାଶ୍ୟ ଲିଖିତ ଅନୁମତି ବିନା ବିକ୍ରୀ କରା ଯାଇ ନ ପାରେ, ବଡ ମାତ୍ରାରେ ପୁନରୁତ୍ପାଦିତ କରା ଯାଇ ନ ପାରେ, ଏକ ୱେବସାଇଟରେ ପୋଷ୍ଟ କରା ଯାଇ ନ ପାରେ, କୌଣସି ଗନ୍ଥାଘରରେ ଗଚ୍ଛିତ କରା ଯାଇ ନ ପାରେ, ଅନ୍ୟ ଭାଷାରେ ଅନୁବାଦ୍ କରା ଯାଇ ନ ପାରେ, କିଅବା ଧନ ସଂଗ୍ରହ ନିମନ୍ତେ ବ୍ୟବହାର କରା ଯାଇ ନ ପାରେ।

ଅଧିକ ସୂଚନା ନିମନ୍ତେ କିମ୍ବା ଅନ୍ୟାନ୍ୟ ଉପଲବ୍ଧ ସମାଗ୍ରୀ ନିମନ୍ତେ, ଦୟାକରି ଯୋଗାଯୋଗ କରନ୍ତୁ:

Voice Of God Recordings, India Office

19 (New No: 28) Shenoy Road, Nungambakkam

Chennai 600 034, India

044 28274560 • 044 28251791

india@vgroffice.org

Voice Of God Recordings

P.O. Box 950, Jeffersonville, Indiana 47131 U.S.A.

www.branham.org